R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୨
ତିଥି : ଦ୍ୱାଦଶୀ
୨୭ ଜୁନ୍ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 262
27 June 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ମୁଖ୍ୟମନ୍ତ୍ରୀଙ୍କୁ ସ୍କୁଲ ବହି ତ୍ରୁଟି ତଦନ୍ତ କମିଟିର ରିପୋର୍ଟ

## ୩ ସହକାରୀ ନିର୍ଦ୍ଦେଶକ ନିଲମ୍ବିତ

ଭୁବନେଶ୍ୱର, ୨୬।୬ (ସବ୍ୟୁ) : ସ୍କୁଲ ବହି ତ୍ରୁଟି ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛି।

କମିଟିର ସୁପାରିଶ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ନିଷ୍ପତି ଅନୁଯାୟୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସହିତ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ (୯ ପୃଷ୍ଠାରେ)

- ରିପୋର୍ଟ ଆଧାରରେ ହେଲା କାର୍ଯ୍ୟାନୁଷ୍ଠାନ
- ୬ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
- ୧୪ ସୁପାରିସକୁ ଗ୍ରହଣ କଲେ ସରକାର



## ଅପରେସନ ସିନ୍ଦୂରରେ ୬ ଯବାନ ହୋଇଥିଲେ ସହିଦ

### ବର୍ଷକ ପରେ ଜାରି ହେଲା ଅଧିକାରୀଙ୍କ ସୂଚନା

ନୂଆଦିଲ୍ଲୀ, ୨୬।୬: ଅପରେସନ ସିନ୍ଦୂରରେ ଭାରତୀୟ ସେନାର ୬ ଯବାନ ସହିଦ ହୋଇଛନ୍ତି। ପ୍ରଥମଥର ପାଇଁ ଅଧିକାରୀଙ୍କ ଭାବେ ଭାରତୀୟ ସେନା ପକ୍ଷରୁ ଏମାନଙ୍କ ନାମ ଜାରି କରାଯାଇଛି। ସେଥିମଧ୍ୟରୁ ସେନାର ୫ ଯବାନ ଥିଲା ବେଳେ ବାୟୁସେନାର ଜଣେ ଯବାନ ରହିଛନ୍ତି। ପହଲଗ୍ରାମରେ ଆତଙ୍କବାଦୀ ଆତଙ୍କ ପରେ ଭାରତୀୟ ସେନା ପକ୍ଷରୁ ଅପରେସନ ସିନ୍ଦୂର କରାଯାଇଥିଲା। ପ୍ରାୟ ବର୍ଷକ ପରେ ସହିଦ ହୋଇଥିବା ଯବାନଙ୍କ ନାମ ପ୍ରକାଶ କରାଯାଇଛି।

୨୦୨୫ ଏପ୍ରିଲ ୨୨ରେ ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏହାପରେ ୨୦୨୫ ମେ' ୭ରେ ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା। ତେବେ ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ସେନାର କେଉଁମାନେ ସହିଦ ହୋଇଛନ୍ତି ତାଙ୍କ ନାମ ପ୍ରକାଶ କରାଯାଇନଥିଲା। ଏବେ ଏହି ନାମକୁ ସାର୍ବଜନିନ କରାଯାଇଛି। ଦେଶ ଲାଗି ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦଙ୍କ ମଧ୍ୟରେ ମୁଖ୍ୟାଳୟ ୧୦ ଇନ୍‌ଫେଣ୍ଟ୍ରି ବ୍ରିଗେଡ୍ ସୁବେଦାର ମେଜର ପୱନ କୁମାର, ରାଇଫଲ ମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂହ ଓ ଭାରତୀୟ ବାୟୁସେନା ସର୍ଜନ ସୁରେନ୍ଦ୍ର କୁମାର ଅପରେସନ୍ ସିନ୍ଦୂର ସମୟରେ କାର୍ଯ୍ୟରତ ଥିବାବେଳେ ସହିଦ ହୋଇଥିଲେ। ଦେଶର ଏହି ହିରୋମାନଙ୍କ ସମ୍ପର୍କରେ ଏବେ ତଥ୍ୟ ପ୍ରକାଶ ପାଇଛି। ମେ' ୨୦୨୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ୪ ଦିବସୀୟ ଯୁଦ୍ଧ କାଳରେ ସାମରିକ କ୍ଷୟକ୍ଷତି ନେଇ ବିଭିନ୍ନ ଅଙ୍କକଷା ଚାଲିଥିଲା। ତେବେ ସରକାର ଅଧିକାରୀକ ଭାବେ ଏହି ଯୁଦ୍ଧରେ ପ୍ରାଣ ହରାଇଥିଲା ସହିଦ ଯୁବାନମାନଙ୍କ ସମ୍ପର୍କରେ ସୂଚନା ଦେଇନଥିଲେ। ତେବେ ଜାତୀୟ ସ୍ମାରକର ରୋଲ୍ ଅଫ୍ ଅନରରେ ଏହି ସହିଦଙ୍କ ନାମ ଲେଖିବା ପରେ ଏବେ ଅଧିକାରିକ ଭାବେ ଏହା ସ୍ପଷ୍ଟ ହୋଇଛି। (୯ ପୃଷ୍ଠାରେ)

## ବଜ୍ରପାତରେ ୨ ନାବାଳକଙ୍କ ସମେତ ୩ ମୃତ

ବୌଦ୍ଧ/କନ୍ଧମାଳ/ଅମ୍ବାଭୋନା, ୨୬।୬ (ସବ୍ୟୁ) : ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଶଗଡ଼ା ଝାଙ୍କରପଡ଼ାରେ ବଜ୍ରପାତ ଦୁଇ ଜଣ ନାବାଳକଙ୍କର ଜୀବନ ନେଇଛି । ମୃତ ଦୁଇଜଣଙ୍କ ମଧ୍ୟରୁ ଜଣେ ଝାଙ୍କରଡ଼ା ଗାଁର ବିଶ୍ୱଜିତ ମିର୍ଦ୍ଧା ଏବଂ ଅନ୍ୟ ଜଣେ ଚଉଁରିଆପଦର ଗାଁର ଚରନ କୁମ୍ଭାର ବୋଲି ଜଣାପଡିଛି ।

ସୂଚନା ଅନୁସାରେ ବିଶ୍ୱଜିତ ଏବଂ ଚରନ କ୍ରିକେଟ ଖେଳି ଯାଇଥିବା ବେଳେ ବର୍ଷା ହେବାରୁ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରାଘାତ ହୋଇଥିଲା । ଉଭୟେ ଟଳି ପଡ଼ିଥିଲେ । ତୁରନ୍ତ ଉଭୟଙ୍କୁ ମନମୁଣ୍ଡା ମେଡିକାଲ ଓ ପରେ ସୋନପୁର ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏଭଳି ଏକ ଅଘଟଣ ପରେ ପୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଚରନ ନିଜ ମାମୁଁ ଘର ଗାଁ ଝାଙ୍କରପଡ଼ାକୁ (୯ ପୃଷ୍ଠାରେ)

## ଭେନେଜୁଏଲା ଭୂକମ୍ପରେ ବଢ଼ିଚାଲିଛି ମୃତ୍ୟୁ ସଂଖ୍ୟା

ନୂଆଦିଲ୍ଲୀ, ୨୬।୬: ଭେନେଜୁଏଲାରେ ଗତକାଲି ହୋଇଥିବା ଭୟାବହ ଭୂ-କମ୍ପରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀ ଭାବେ ଗତକାଲି ୧୬୪ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା ବେଳେ ଆଜି ୫୭୯ ଜଣଙ୍କ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି। ୨୯୮୦ ଜଣ ଆହତ ହୋଇଛନ୍ତି। ଏବେ ବି ଭଗ୍ନାବଶେଷ ତଳେ ୨୦୦ରୁ ଅଧିକ ଲୋକ ଫଶି ରହିଥିବା ଅନୁମାନ କରାଯାଉଛି। ତେବେ ୩୯ ହଜାରରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି। ୧୨୬ ବର୍ଷ ମଧ୍ୟରେ ଭେନେଜୁଏଲାରେ ହୋଇଥିବା ଏହା ସବୁଠାରୁ ଶକ୍ତିଶାଳୀ ଭୂ-କମ୍ପ ମଧ୍ୟରେ ଅନ୍ୟତମ ବ୍ରାଜିଲରୁ ଆମାଜନ ଅଞ୍ଚଳରେ ଭୂ-କମ୍ପ ଅନୁମାନ ହୋଇଥିଲା।

ବଡ଼ ବଡ଼ ଘର ଭାଙ୍ଗି ମଧ୍ୟ ମାଟିରେ ମିଶି ଯାଇଛି। ମୃତ୍ୟୁ ସଂଖ୍ୟା ୧୦ ହଜାର ଟପି ପାରେ ବୋଲି ଆଶା କରାଯାଉଛି। ଏବେ ବି ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଭେନେଜୁଏଲାରେ ଜାରି କରାଯାଇଛି। ବିଶ୍ୱ ସମୁଦାୟ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ଭୂ-କମ୍ପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତହାତ ପରିବାର ପ୍ରତି ଗଭୀର ସମବେଦନା (୯ ପୃଷ୍ଠାରେ)

## ଋଣ ନ ନେଇ ଦିବ୍ୟାଙ୍ଗଙ୍କ ଘର ସିଲ୍


ଜମନକିରା, ୨୬।୬ (ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଅନ୍ତର୍ଗତ କୁକୁଣ୍ଡି ପଞ୍ଚାୟତ ଗୌତମଟିକିରା ଗାଁର ଦିବ୍ୟାଙ୍ଗ ଧନଞ୍ଜୟ ପ୍ରଧାନ (୬୩) ଙ୍କ ଗୃହକୁ ସମ୍ବଲପୁର ସ୍ଥିତ ଡିସିବି ବ୍ୟାଙ୍କ କର୍ତ୍ତୃପକ୍ଷ, ଜମନକିରା ତହସିଲର ଅତିରିକ୍ତ ତହସିଲଦାର ଏବଂ ପୋଲିସ ପକ୍ଷରୁ ଗତ ୫ ତାରିଖ ଦିନ ଋଣ ଖିଲାପି ନାଁରେ ସିଲ୍ କରାଯାଇଥିଲା। ତେବେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ତାଲା ଖୋଲାଯାଇ ପରିବାର

### ପ୍ରଶାସନ ଖୋଲିଲା ତାଲା

ଲୋକଙ୍କୁ ଘରେ ରହିବା ଅନୁମତି ପ୍ରଦାନ କରାଯାଇଛି। ତେବେ ଦିବ୍ୟାଙ୍ଗ ଧନୁଞ୍ଜୟ ଋଣ ନନେଇ ତାଙ୍କ (୯ ପୃଷ୍ଠାରେ)




## ସୋସିଆଲ କୋଟ୍ସ



ଫିଲ୍ମ ସଫଳ ହେଲେ ପ୍ରଯୋଜକ ପଇସା ପାଇଥାନ୍ତି । ତେବେ ସେମାନେ ଏହା ଡିଜର୍ଭ କରୁଛନ୍ତି । କୋଭିଡ୍ ସମୟରେ ସେମାନେ ଗଦର ୨ ତିଆରି କରିବାର ରିସ୍କ୍ ନେଇଥିଲେ ।

ଅମିଷା ପଟେଲ, ଅଭିନେତ୍ରୀ



ମୁଁ କ୍ୟାରିୟରରେ ଅନେକ ଚରିତ୍ର କରିଛି, ଯାହା ଖୁବ ଭଲ ମଧ୍ୟ । ହେଲେ ମୋତେ କେବଳ "ପୁ' ଓ "ଗୀତ୍' ଚରିତ୍ର ପାଇଁ ଲୋକ ମନେ ରଖିଛନ୍ତି ।

କରିନା କପୁର, ଅଭିନେତ୍ରୀ



କ୍ୟାରିୟର ଆରମ୍ଭରୁ ମୋ ଲୁକ୍‌କୁ ନେଇ ଆଙ୍ଗଜାଇଟ୍ ଓ ନର୍ଭସନେସ ଥିଲା । ମୁଁ କେବେ ବି ଭାବିନଥିଲି ହିରୋ ହେବି ବୋଲି । ମୋର ସେଭଳି କିଛି ପ୍ଲାନ୍ ନଥିଲା ।

ଭିକ୍କି କୌଶଲ, ଅଭିନେତା

## ଏଆଇ ଓକିଲକୁ ସଫଳତା

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏଆଇ ପ୍ରଥମ ଥର ପାଇଁ ଅଦାଲତରେ ଏକ ବଡ଼ ଚମତ୍କାର କରି ଦେଖାଇଛି । ବ୍ରିଟେନର ଏକ ଏଆଇ ଲିଗାଲ୍ ଚାଟବଟ୍ ଜଣେ ମାନବ ଓକିଲଙ୍କୁ ମାତ୍ ଦେଇ ପ୍ରାୟ ୭ ହଜାର ପାଉଣ୍ଡ ବା ୮.୭୯ ଲକ୍ଷ ଟଙ୍କାର ଏକ ମାମଲା ଜିତିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ, 'ଗାରଫିଲ୍ଡସ୍ ଏଆଇ' ନାମକ ଏହି ଚାଟବଟ୍ ଜଣେ ଫ୍ରିଲାନ୍ସ ଏର୍‌ଆର୍ ତାମୀରେ ସ କମାଲ ତାକୀଦିରଙ୍କ ମାମଲା ପରିଚାଳନା କରିଥିଲା । ଯେଉଁଥିରେ ଏଆଇ ନିଜେ ମାମଲା ସହ ଜଡ଼ିତ ସମସ୍ତ ଆଇନଗତ ଦଲିଲ ପ୍ରସ୍ତୁତ କରିବା ସହ କୋର୍ଟରେ ଯୁକ୍ତି କରିବା ପାଇଁ ଜଣେ ଜୁନିୟର ମାନବ ଓକିଲଙ୍କ ସହାୟତା ନେଇଥିଲା । ବ୍ରିଟେନର ୱାଣ୍ଡସୱର୍ଥ କାଉଣ୍ଟି କୋର୍ଟରେ ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଯୁକ୍ତିତର୍କ ପରେ କୋର୍ଟଙ୍କ ରାୟ ଏଆଇର କ୍ଲାଏଣ୍ଟଙ୍କ ସପକ୍ଷରେ ଆସିଥିଲା । ସାଧାରଣତଃ ବ୍ରିଟେନରେ ଆଇନଗତ ଲଢ଼େଇ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ 'ଗାରଫିଲ୍ଡସ୍ ଏଆଇ' ଏହି ସମ୍ପୂର୍ଣ୍ଣ କାର୍ଯ୍ୟକୁ ମାତ୍ର ୫୦ ହଜାର ଟଙ୍କା ଭିତରେ ସମ୍ପନ୍ନ କରିଛି । ଏହାସହ ଅନ୍ୟ ମାନବ ଓକିଲମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଏଆଇ ଦ୍ୱାରା ପ୍ରସ୍ତୁତ ଆଇନଗତ ଦସ୍ତାବିଜଗୁଡ଼ିକ ସଠିକ୍ ସହ ଯୁକ୍ତିଯୁକ୍ତ ରହିଥିଲା ।



## ୬୦ବର୍ଷର ପୋଡ଼ା ତେଲରେ ରୋଷେଇ

ଜାପାନର ଏକ ପ୍ରସିଦ୍ଧ ଫ୍ରାଏଡ୍ ଚିକେନ୍ ରେଷ୍ଟୁରାଣ୍ଟର ସବୁଠାରୁ ବଡ଼ ବିଶେଷତ୍ୱ ଏହାର ମସଲା ନୁହେଁ, ବରଂ ଏଠାରେ ବ୍ୟବହାର କରାଯାଉଥିବା ୬୦ ବର୍ଷରୁ ଅଧିକ ବର୍ଷର ରୋଷେଇ ତେଲ । କଥାଟି ଅବିଶ୍ୱାସ ଲାଗିଲେ ମଧ୍ୟ ସତ୍ୟ । ସୂଚନା ଅନୁସାରେ ନିକଟରେ 'ଜାପାନ ଫ୍ରାଇଡ୍ ଚିକେନ୍ ଗ୍ରାଣ୍ଡ ପ୍ରିକ୍ସ'ରେ ଗୋଲ୍ଡ ମେଡାଲ୍ ଜିତିଥିବା ଏହି 'ୱାକାତୋରୀ ରେଷ୍ଟୁରାଣ୍ଟ'ର ମାଲିକ ୟୋଶିହିରୋ ସ୍ୱଚିୟା ନିଜ ସ୍ୱାଦର ସିକ୍ରେଟ୍ ପ୍ରକାଶ କରି କହିଛନ୍ତି । ଚିକେନ୍‌ର ଏହି ବିଶେଷ ସ୍ୱାଦ ସେହି ତେଲରୁ ହିଁ ଆସିଥାଏ ଯାହାକୁ ରେଷ୍ଟୁରାଣ୍ଟ ଆରମ୍ଭ ହେବା ସମୟ ଅର୍ଥାତ୍ ୧୯୬୦ ଦଶକରୁ କ୍ରମାଗତ ଭାବେ ବ୍ୟବହାର କରାଯାଉଛି । ରେଷ୍ଟୁରାଣ୍ଟ ପକ୍ଷରୁ କୁହାଯାଇଛି ଯେ ଏହି ତେଲକୁ ପ୍ରତିଦିନ ଭଲ ଭାବରେ ସଫା ଏବଂ ଫିଲ୍ଟର କରାଯାଏ, ସେଥିରେ ଥିବା ଖାଦ୍ୟ କଣିକାଗୁଡ଼ିକୁ ବାହାର କରି ଦିଆଯାଏ ଏବଂ ପରେ ସେଥିରେ ନୂଆ ତେଲ ମିଶାଯାଇଥାଏ । ମାତ୍ର ଅନ୍ୟପଟେ ଫୁଡ୍ ସେଫ୍ଟି ଏକ୍ସପର୍ଟମାନେ ଏନେଇ ଚେତାବନୀ ଦେଇ କହିଛନ୍ତି ଯେ ତେଲକୁ ବାରମ୍ବାର ଗରମ କରିବା ଦ୍ୱାରା ସେଥିରେ କ୍ଷତିକାରକ ଉପାଦାନ ଏବଂ କ୍ୟାନ୍ସର ଆଶଙ୍କା ବଢ଼ାଉଥିବା କମ୍ପାଉଣ୍ଡ ସୃଷ୍ଟି ହୋଇପାରେ । ସୋସିଆଲ ମିଡିଆରେ ଏହି ରେସ୍ତୁରାଣ୍ଟକୁ ଲୋକ ବିରୋଧ କରୁଥିବାର ଦେଖିବାକୁ ମିଳୁଛି ।



## ଇତିହାସ

୧୬୯୩- ମହିଳାମାନଙ୍କର ପ୍ରଥମ ପତ୍ରିକା ଲେଡିଜ୍ ମର୍କ୍ୟୁରି ଲଣ୍ଡନରେ ପ୍ରକାଶିତ ହେଲା ।

୧୮୩୯- ଭାରତୀୟ ଇତିହାସରେ ପ୍ରସିଦ୍ଧ ଶିଖ୍ଙ୍କ ମହାରାଜା ରଣଜୀତ ସିଂହଙ୍କ ପରଲୋକ ହୋଇଥିଲା ।

୧୯୫୦- ସଂଯୁକ୍ତ ରାଷ୍ଟ୍ରସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ଗ୍ରହଣ କରାଗଲା ।

୧୯୫୭- ବ୍ରିଟେନ୍‌ର ମେଡିକାଲ୍ ରିସର୍ଚ୍ଚ କାଉନ୍‌ସିଲ୍ ଏକ ରିପୋର୍ଟ ଜାରି କଲେ, ଯେଉଁଥିରେ ଧୂମପାନ କାରଣରୁ ଫୁସ୍‌ଫୁସ୍ କ୍ୟାନ୍ସର ହୋଇପାରେ ବୋଲି କୁହାଗଲା ।

୧୯୬୪- ଉଡନପରୀ ନାମରେ ବିଶ୍ୱବ୍ୟାପୀ ବେଶ୍ ଲୋକପ୍ରିୟ ଥିବା ପିଟି ଉଷାଙ୍କ ଜନ୍ମ ।

୨୦୦୨- ପରମାଣୁ ଅସ୍ତ୍ରଶସ୍ତ୍ର ନଷ୍ଟ କରିବାର ଋଷିର ଯୋଜନା ଉପରେ ଜି୮ ଦେଶ ଠାରୁ ସହମତି ମିଳିଲା ।

୨୦୦୩- ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ସମଲିଙ୍ଗିକତା ଉପରେ ପ୍ରତିବନ୍ଧକ ରଦ୍ଦ କରାଗଲା ।

୨୦୦୮ - ଭାରତ ଓ ପାକିସ୍ତାନ ଇରାନରୁ ଆସୁଥିବା ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆସୁଥିବା ସମସ୍ୟାର ସମାଧାନ କଲେ ।

୨୦୧୫- ଭାରତୀୟ ଫିଲ୍ମ ଇତିହାସରେ ଶିଖର ହାସଲ କରିଥିବା ସତ୍ୟଜିତ ରାୟଙ୍କ ଫଟୋକୁ ସଂଯୁକ୍ତ ରାଷ୍ଟ୍ର ମୁଖ୍ୟାଳୟରେ ପ୍ରଦର୍ଶିତ କରିବା ନେଇ ନିଷ୍ପତ୍ତି ନିଆଗଲା ।



ଆମେରିକାର ଓହାୟୋରେ ଏକ ଅଜବ ମାମଲା ସାମ୍ନାକୁ ଆସିଛି, ଯେଉଁଠି ଜଣେ ବ୍ୟକ୍ତି ନିଜର ପୋଷା ବିଲେଇ ତାଙ୍କୁ ଧମକାଉଥିବା ଦାବି କରି ଜରୁରୀକାଳୀନ ନମ୍ବର ୯୧୧କୁ କଲ୍ କରି ପୋଲିସକୁ ଡକାଇଥିଲେ । ସୂଚନା ଅନୁଯାୟୀ, ଉକ୍ତ ବ୍ୟକ୍ତିଙ୍କ କହିବା କଥା ଥିଲା ଯେ ବିଲେଇଟି ଆଖି ପତା ନ ପକାଇ କ୍ରମାଗତ ଭାବେ ତାଙ୍କୁ ଚାହିଁ ରହିଥିଲା ଏବଂ ତାର ଏହି ଆଚରଣ କୌଣସି 'ଲୋନ ଶାର୍କ' ଭଳି ଡରାଇଲା ଭଳି ଲାଗୁଥିଲା । ଏହାସହ ବିଲେଇଟି ଧୀରେ ଧୀରେ ଲାଞ୍ଜ ହଲାଉଥିଲା ଯାହା ତାଙ୍କୁ ଏକ ଆକ୍ରମଣାତ୍ମକ ଇସାରା ପରି ମନେହେଲା । ତାଙ୍କୁ ସଙ୍କେତ ଦେବା ପାଇଁ ବିଲେଇଟି ଜାଣିଶୁଣି ଏକ ଗ୍ଲାସ୍ ମଧ୍ୟ ତଳେ ପକାଇ ଦେଇଥିଲା ବୋଲି ସେ ଦାବି କରିଥିଲେ । ତେବେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ କୌଣସି ବିପଦର ସୂଚନା ପାଇନଥିଲା । ଏଭଳି ଏକ ମିଥ୍ୟା ଜରୁରୀକାଳୀନ କଲ୍ କରି ୯୧୧ ସେବାର ଅପବ୍ୟବହାର କରିଥିବା ଯୋଗୁଁ ପୋଲିସ ସେହି ବ୍ୟକ୍ତିଙ୍କ ବିରୋଧରେ ଚାଲାଣ କାଟିଥିବା ଜଣାପଡ଼ିଛି ।

## କର୍ଣ୍ଣ ଭୂମିକାରେ ସଲମାନ




ସୁପରଷ୍ଟାର୍ ସଲମାନ ଖାନ୍‌ଙ୍କୁ ନେଇ ବଲିଉଡ୍‌ରେ ଏକ ବଡ଼ ଧରଣର ଚର୍ଚ୍ଚା ଆରମ୍ଭ ହୋଇଛି । ସେ ଆଗକୁ ମହାଭାରତର ପ୍ରମୁଖ ଚରିତ୍ର 'କର୍ଣ୍ଣ' ଭୂମିକାରେ ଏକ ବଡ଼ ବଜେଟ୍‌ର ପିରିୟଡ୍ ଫିଲ୍ମରେ ନଜର ଆସିପାରନ୍ତି ବୋଲି ଜଣାପଡିଛି । ନ୍ୟାସନାଲ୍ ଆୱାର୍ଡ ବିଜେତା ନିର୍ଦ୍ଦେଶକ ରାକେଶ ଓମପ୍ରକାଶ ମେହେରାଙ୍କ ନିର୍ଦ୍ଦେଶନା ଏବଂ ଫରହାନ ଅଖତରଙ୍କ ଏକ୍ସେଲ୍ ଏଣ୍ଟରଟେନମେଣ୍ଟ ପ୍ରଯୋଜନାରେ ଏହା ନିର୍ମିତ ହେବାକୁ ଯାଉଛି । ଏହି ସ୍କ୍ରିପ୍ଟ ଶୁଣି ସଲମାନ ତୁରନ୍ତ ହଁ କରିବାସହ ଏହି ରୋଲ୍ ପାଇଁ ସେ ନିଜ ଲୁକ୍‌ରେ ମଧ୍ୟ ବଡ଼ ପରିବର୍ତ୍ତନ କରିବେବୋଲି ଜଣାପଡିଛି । ଯଦିଓ ଏନେଇ କୌଣସି ଆଧିକାରିକ ଘୋଷଣା ହୋଇନାହିଁ ତେବେ ଚର୍ଚ୍ଚା ଜୋରଦାର ହେଉଛି । ଏହାବାଦ୍ ସଲମାନଙ୍କ ଆଗାମୀ ଥିଏଟର ରିଲିଜ୍ ଫିଲ୍ମ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ଆସନ୍ତା ୧୪ ଅଗଷ୍ଟ ୨୦୨୬ରେ ରିଲିଜ ହେବ । ବର୍ତ୍ତମାନ ସେ ନୟନତାରାଙ୍କ ସହ ନିର୍ଦ୍ଦେଶକ ୱାମଶୀ ପେଡିପଲ୍ଲୀଙ୍କ ଆକ୍ସନ ଫିଲ୍ମ 'SVC63'ର ସୁଟିଂରେ ବ୍ୟସ୍ତ ଅଛନ୍ତି, ଯାହା ଇଦ୍ ୨୦୨୭ରେ ରିଲିଜ୍ ହେବ । କେବଳ ସେତିକି ନୁହେଁ, ସଲମାନ ପ୍ରଥମ ଥର ପାଇଁ ରାଜ୍ ଆଣ୍ଡ ଡିକେଙ୍କ ନିର୍ଦ୍ଦେଶନାରେ ଏକ ସୁପରହିରୋ କମେଡି ଫିଲ୍ମରେ ମଧ୍ୟ କାମ କରିବାକୁ ଯାଉଛନ୍ତି ଏବଂ ଯୋଜନା ଅନୁଯାୟୀ ଏହି ସୁପରହିରୋ ଫିଲ୍ମ ଶେଷ କରିବା ପରେ ସେ ଏହି ପିରିୟଡ୍ ଫିଲ୍ମର ସୁଟିଂ ଆରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି ।

## ୧୯,୦୦୦ ଫୁଟ ଉପରେ ରାସ୍ତା




ଅଧିକାଂଶ ରାସ୍ତା ଆପଣଙ୍କୁ କୌଣସି ନା କୌଣସି ସ୍ଥାନକୁ ନେଇଯାଏ, ମାତ୍ର 'ମିଗ୍ ଲା' ନାମକ ଏକ ରାସ୍ତା ଆପଣଙ୍କୁ ବାଦଲରୁ ବି ଉପରକୁ ନେଇଯାଇଥାଏ । ଲଦାଖର ଦୂରଦୂରାନ୍ତର ପାର୍ବତ୍ୟାଞ୍ଚଳରେ ନୂତନ ଭାବେ ନିର୍ମିତ 'ମିଗ୍ ଲା ପାସ୍' ଏକ ଆଶ୍ଚର୍ଯ୍ୟଜନକ କାରଣ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ରାସ୍ତାକୁ ଭାରତର ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମାଣ କରାଯାଇଛି । ଏହାକୁ ପୃଥିବୀଠାରୁ ପ୍ରାୟ ୫,୮୦୦ ମିଟର ବା ୧୯,୦୦୦ ଫୁଟରୁ ଅଧିକ ଉଚ୍ଚତାରେ ଅବସ୍ଥିତ ବିଶ୍ୱର ସର୍ବୋଚ୍ଚ ମୋଟର ଚଳାଚଳ ଉପଯୋଗୀ ସଡ଼କ ଭାବେ ବର୍ଣ୍ଣନା କରାଯାଉଛି । ଏହି ଉଚ୍ଚତାରେ ନିଶ୍ୱାସ ନେବା ମଧ୍ୟ କଷ୍ଟକର ହୋଇଥାଏ, କାରଣ ସମୁଦ୍ର ପତ୍ତନ ତୁଳନାରେ ଏଠାରେ ଅମ୍ଳଜାନର ମାତ୍ରା ବହୁତ କମ୍ ଥାଏ । ତାପମାତ୍ରା ଏଠାରେ ପ୍ରାୟତଃ ମାଇନସ୍‌କୁ ଚାଲିଯାଏ ଏବଂ ଶୁଷ୍କ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ପବନ ବହିଥାଏ । ଏହି ରାସ୍ତାଟି ବାଙ୍କି ରୁକ୍ଷ ପର୍ବତମାଳା ଓ ବିଶାଳ ଉପତ୍ୟକା ଦେଇ ଗତି କରିଛି, ଯେଉଁଠାରେ କୌଣସି ଗଛଲତା କିମ୍ବା ଜନବସତିର ଚିହ୍ନବର୍ଣ୍ଣ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଏହି ଉଚ୍ଚତାରେ ପହଞ୍ଚିବା ଏକ ବଡ଼ ରୋମାଞ୍ଚ ହୋଇଥିବା ବେଳେ, ପର୍ଯ୍ୟଟନ ବ୍ୟତୀତ ଏହି ସଡ଼କର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଏହା ପ୍ରତିକୂଳ ପାଗ ଓ ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳରେ ସମ୍ପର୍କକୁ ଅଧିକ ମଜବୁତ କରିବାରେ ସାହାଯ୍ୟ କରିଥାଏ । ହିମାଳୟ ଅଞ୍ଚଳରେ ଏହି ପ୍ରୋଜେକ୍ଟକୁ ଇଞ୍ଜିନିୟରିଂର ସବୁଠାରୁ ବଡ଼ ଉଦାହରଣ ଭାବେ ବିବେଚନା କରାଯାଉଛି । କାରଣ ଏଭଳି ଉଚ୍ଚତାରେ ସଡ଼କ ନିର୍ମାଣ ପାଇଁ ସ୍ୱତନ୍ତ୍ର ସରଞ୍ଜାମ, ସୂକ୍ଷ୍ମ ଯୋଜନା ଏବଂ ପ୍ରତିକୂଳ ପରିସ୍ଥିତିରେ କାମ କରିବା ପାଇଁ ଶ୍ରମିକମାନଙ୍କର ଅଦମ୍ୟ ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଥିଲା ।

## ପଣସ ପାଏସ



ସାମଗ୍ରୀ- ପାଚିଲା ପଣଷ ୧ଟା, କ୍ଷୀର ଦୁଇଲିଟର, ନଡ଼ିଆ ଫାଳେ, ଛେନା ଅଧାକପ୍ ଅରୁଆ ଚାଉଳ ଅଧ କପ, କାଜୁ, କିସମିସ, ଗୁଜୁରାତି, ଚିନି ଆବଶ୍ୟକ ଅନୁସାରେ ।

ପ୍ରଣାଳୀ- ପଣଷରୁ ରସ କାଢ଼ିନିଅନ୍ତୁ, ଏହାପରେ କାଜୁ କିସମିସକୁ ଘିଅରେ ଭାଜିଦିଅନ୍ତୁ । କ୍ଷିରକୁ ଗ୍ୟାସରେ ବସାଇ ଫୁଟାନ୍ତୁ, ଏହା ଫୁଟିଆସିଲେ ଏଥି ରେ ଚାଉଳକୁ ପକାଇଦିଅନ୍ତୁ । ଚାଉଳ ଓ କ୍ଷୀର ପାଞ୍ଚମିନିଟ ଫୁଟିବା ପରେ ସେଥି ରେ ିଞ୍ଚି, ଛେନା, ନଡ଼ିଆକୋରା, ପଣଷରସ ପକାଇଦିଅନ୍ତୁ । ଏହି ମିଶ୍ରଣ ବହଳିଆ ହୋଇ ଆସିଲେ ଭଜାକାଜୁ, କିସମିସ, ଗୁଜୁରାତିଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ପଣଷ ପାଏସ ।



**ମେଷ:** ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶତ୍ରୁଦ୍ୱାରା ପୀଡ଼ିତ, ପରିଭ୍ରମଣଯୋଗ, ଦାମ୍ପତ୍ୟଖୁସି, ସନ୍ତାନଲାଭ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ଲୋକସମ୍ପର୍କ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ବନ୍ଧୁସହତା, ପାରିବାରିକ ସହଯୋଗ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ମିଥୁନ:** ଶୁଭଖବର, ପାରିବାରିକ ସହଯୋଗ, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁଲାଭ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**କର୍କଟ:** ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳ, ପାରିବାରିକ କଷ୍ଟ, ଦାମ୍ପତ୍ୟକଳହ, ବନ୍ଧୁଲାଭ, ମାନସିକ ଅବସାଦ, ଲୋକସମ୍ପର୍କରେ ବାଧା । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶୀ, ସଂଖ୍ୟା-୯, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** ଶାରୀରିକ କ୍ଳେଶ, ଶୁଭ ଆଲୋଚନା, ଗୃହେ ଉତ୍ସବ, ଦୂରଯାତ୍ରାରେ ବିଳମ୍ବ, ହେବାକାର୍ଯ୍ୟରେ ଅସନ୍ତୁଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**କନ୍ୟା:** ଶରୀର ସୁସ୍ଥ, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ପାରିବାରିକ ସହଯୋଗ, ସ୍ୱାଦିଷ୍ଟ ଭୋଜନ, ମାନସମ୍ମାନପ୍ରାପ୍ତି, ବନ୍ଧୁସାହାଯ୍ୟ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା- ମା' କୋଚିଲାଇ ।

**ତୁଳା:** ଶତ୍ରୁବୃଦ୍ଧି, ଶରୀର ଅସୁସ୍ଥ, ବନ୍ଧୁଲାଭ, ସନ୍ତାନଲାଭ, ଶୁଭଖବର, ଦୂରଯାତ୍ରାରେ ଲାଭ, ନୂତନ କର୍ମ ଆରମ୍ଭ, ଦେବଦର୍ଶନ, ବ୍ୟବସାୟରେ ଆନନ୍ଦ, ମାନସିକ ଖୁସି, ଲୋକସମ୍ପର୍କ ବୃଦ୍ଧି । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**ବିଛା:** ବ୍ୟବସାୟରେ ଲାଭ, ସମ୍ପତ୍ତିଲାଭ, ଅର୍ଥସମସ୍ୟା ସମାଧାନ, ସମ୍ପର୍କରେ ଉନ୍ନତି, ଶତ୍ରୁ ପରାଜିତ, ଦାମ୍ପତ୍ୟଖୁସି, ଶୁଭଖବର, ନୂତନ ନିଯୁକ୍ତି, ଅନୁଷ୍ଠାନରୁ ଲାଭ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ କଷ୍ଟ, ବନ୍ଧୁଲାଭ, ପାରିବାରିକ ସହଯୋଗ, ଦେବକାର୍ଯ୍ୟରେ ଆନନ୍ଦ, ବିବାଦ ସମାଧାନ, ଉତ୍ସବକୁ ନେଇ ଆଲୋଚନା, ଶରୀରସୁସ୍ଥ, ଅନୁଷ୍ଠାନରୁ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**ମକର:** ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ମାନପ୍ରାପ୍ତି, କିଛି ଦ୍ରବ୍ୟ କ୍ରୟ କରିବେ, ଲୋକସମ୍ପର୍କରେ ଉନ୍ନତି, ସନ୍ତାନଲାଭ, ପାରିବାରିକ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ବ୍ୟକ୍ତିସାହାଯ୍ୟ, ଦାମ୍ପତ୍ୟଖୁସି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

**କୁମ୍ଭ:** ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଅଳ୍ପ ମାନସିକ ଅବସାଦ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ବ୍ୟବସାୟିକ କଷ୍ଟ, ବିବାଦ ସମାଧାନ । ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୯, ଆରାଧନା- ମା' ଗୌରୀ ।

**ମୀନ:** ଦେବକାର୍ଯ୍ୟ ପ୍ରତି ଆଗ୍ରହ, ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଦୂରଯାତ୍ରା ସଫଳ, ସମ୍ମାନବୃଦ୍ଧି, ସ୍ୱାଦିଷ୍ଟ ଭୋଜନ, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଶୁଭଖବର । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ଦ୍ରୌପଦୀ ।

ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ
୨୭.୬.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ସିଆଇଆଇ ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ

# ଗୋ -ଇଷ୍ଟ ପ୍ଲାଟଫର୍ମ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୬ (ସବ୍ୟୁ) : ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି।

ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି 'ଗୋ ଇଷ୍ଟ' ଅର୍ଥ ହେଉଛି ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଣ୍ଟ ଆକ୍ସିଲେଟର ଆଣ୍ଡ ସ୍ପେଶାଲ ଟାସ୍କଫୋର୍ସ।

ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

ଏହି ସ୍ୱତନ୍ତ୍ର 'ଗୋ ଇଷ୍ଟ' ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ଆନ୍ତଃ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ




▸▸ ପୂର୍ବ ଭାରତର ବିକାଶରେ ଅଗ୍ରଣୀ ସାଜିବ ଓଡ଼ିଶା

▸▸ ଶିଳ୍ପାୟନ ଦୌଡରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା

ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ।

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଯୋଗୀମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଭାରତ ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ପ୍ରଚୁର ଖଣିଜ ସମ୍ପଦ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଏବଂ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଆମର ଲକ୍ଷ୍ୟ ହେଉଛି 'ଅମୃତ ଓଡ଼ିଶା ୨୦୩୬ର ଭିଜନ୍‌କୁ 'ବିକଶିତ ଭାରତ ୨୦୪୭ର ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ।

ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ଡି ରେଗୁଲେସନ୍ ୧.୦ର ଏବଂ ୨.୦ର ମାଧ୍ୟମରେ ବଡ଼ ଧରଣର ସୁଧାର ଅଣାଯାଇଛି। ଏହାଦ୍ୱାରା ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ କମି ୧୭୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଜୁନ୍ ୨୦୨୪ ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୬ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ।

ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୫୬ଟି ପ୍ରୋଜେକ୍ଟର ଗ୍ରାଉଣ୍ଡ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି, ଯାହା ପ୍ରମାଣିତ କରୁଛି ଯେ ଓଡ଼ିଶା କେବଳ ନିବେଶ ଆକର୍ଷିତ କରୁନାହିଁ ବରଂ ସଫଳତାର ସହ ଏହାର ରୂପାୟନ ମଧ୍ୟ କରୁଛି।

ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍, ପେଟ୍ରୋକେମିକାଲ୍ସ (ପାରାଦୀପ ହବ୍) ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଫୋକସ୍ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ଅଭିଭାଷଣରେ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବବର୍ଗଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ। ନୂତନ 'ଗୋ ଇଷ୍ଟ' ଯୋଜନା ସୀମାବର୍ତ୍ତୀ ଓ ପଛୁଆ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ସେ ଦୃଢ଼୍ତା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ସେ ଦର୍ଶାଇଥିଲେ ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ଦ୍ରୁତଗତି ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି। ଆମର ଶିଳ୍ପ ଭିତ୍ତିଭୂମି, ଉନ୍ନତ ବିମାନ ତଥା ବନ୍ଦର ସଂଯୋଗୀକରଣ ଯୋଗୁଁ ଓଡ଼ିଶା ଏବେ କେବଳ ପୂର୍ବ ଭାରତ ନୁହେଁ, ବରଂ ସମଗ୍ର ଦେଶ ପାଇଁ ମାନୁଫାକ୍ଚରିଂ ପ୍ରମୁଖ ଗେଟ୍‌ୱେ ସାଜିଛି ବୋଲି ସେ ନିଜ ପ୍ରେଜେଣ୍ଟେସନରେ ସ୍ପଷ୍ଟ କରିଥିଲେ।

ସମ୍ମିଳନୀ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିଳ୍ପ ଗୋଷ୍ଠୀକୁ ଓଡ଼ିଶାର ପ୍ରଗତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇ 'ବିକଶିତ ଭାରତ ୨୦୪୭'ର ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

ଏହି ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶକ ଆବେଦା ସୁନୀଲ ନରଗୋଣ୍ଡେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

## ବଦଳିଲେ ଓଡ଼ିଶା କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କୁ ପରିବର୍ତ୍ତନ କରାଯାଇଛି। ଅଜୟ କୁମାର ଲଲ୍ଲୁଙ୍କ ପରିବର୍ତ୍ତେ ଲାଲାଜୀ ଦେଶାଇଯାଙ୍କୁ ଓଡ଼ିଶା ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏଆଇସିସି ପକ୍ଷରୁ ସାଧାରଣ ସମ୍ପାଦକ କେସି ଭେନୁଗୋପାଲଙ୍କ ସ୍ୱାକ୍ଷରରେ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ହରିୟାଣା ପ୍ରଦେଶ କଂଗ୍ରେସର ପ୍ରଭାରୀ ଭାବେ ସଞ୍ଜୟ ଦତ୍ତ ଓ ଉତ୍ତରପ୍ରଦେଶର କଂଗ୍ରେସ ପ୍ରଭାରୀ ଭାବେ ରାଜେନ୍ଦ୍ର ପାଲ୍ ଗୌତମଙ୍କୁ ନିଯୁକ୍ତି ଦିଆଯାଇଛି। ବଦଳିଥିବା ପ୍ରଭାରୀଙ୍କ ମଧ୍ୟରେ ଅଛନ୍ତି ଅବିନାଶ ପାଣ୍ଡେ, ଡିକେ ହରିପ୍ରସାଦ ଓ ଅଜୟ କୁମାର ଲଲ୍ଲୁ।

## ବିଧାନସଭାର ୩୫ କମିଟି ସହ ୧୦ ଷ୍ଟାଣ୍ଡି କମିଟି ଗଠିତ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ବିଧାନସଭାର ୩୫ରୁ ଅଧିକ କମିଟି ସହ ୧୦ ଷ୍ଟାଣ୍ଡି କମିଟି ଗଠନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହି କମିଟି ଗଠନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ପବ୍ଲିକ ଆକାଉଣ୍ଟସ୍ କମିଟି (ପିଏସି)ରେ ଅଧ୍ୟକ୍ଷ ଭାବେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କମିଟିରେ ରାମଚନ୍ଦ୍ର କାଡାମ, ଗଣେଶ୍ୱର ବେହେରା, ସନାତନ ବିଜୁଳିଙ୍କ ସମେତ ୧୧ ବିଧାୟକ ସଦସ୍ୟ ଅଛନ୍ତି। ସେହିଭଳି ସ୍ୱାଧୀକାର କମିଟିର ଅଧ୍ୟକ୍ଷ ଭାବେ ଜଳସମ୍ପଦ ମନ୍ତ୍ରୀ ରହିଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ସଦସ୍ୟ ଅଛନ୍ତି। ସେହିଭଳି ୧୦ ଷ୍ଟାଣ୍ଡି କମିଟି ମଧ୍ୟ ଘୋଷଣା କରାଯାଇଛି। ଷ୍ଟାଣ୍ଡି କମିଟି-ରେ ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ର ଥିବାବେଳେ ୨ରେ ସନ୍ତୋଷ ଖଟୁଆ, ୩ରେ ବାବୁ ସିଂ, ୫ରେ ବିଭୂତି ପ୍ରଧାନ ପ୍ରମୁଖ ଅଛନ୍ତି। ଗଣେଶ ପ୍ରତାପ ସ୍ୱାଇଁଙ୍କୁ ଷ୍ଟାଣ୍ଡି କମିଟି ୧୦ର ଅଧ୍ୟକ୍ଷ କରାଯାଇଥିବାବେଳେ ଲାଇବ୍ରେରୀ କମିଟି ଅଧ୍ୟକ୍ଷ ଭାବେ ଅଶୋକ ଦାସ ନାୟକଙ୍କୁ ଚୟନ କରାଯାଇଛି।

## ଔଷଧ ଦୋକାନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ଶିରିପୁରଠାରେ ଥିବା ଔଷଧ ଦୋକାନ ହେଲ୍‌ଥକେୟାର ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଔଷଧ ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ପରେ ଔଷଧ ଦୋକାନୀ ଓ ପାଖ ଲୋକ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବାହିନୀକୁ ଖବର କରିଥିଲେ। ତିନୋଟି ଅଗ୍ନିଶମ ଗାଡି ପହଞ୍ଚି ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା।

## ◆ ୩୦ ବର୍ଷ ଧରି ଷ୍ଟେଟ୍ ବ୍ୟାଙ୍କରେ ସଫେଇ କର୍ମ କରି ହେଲେ ଛଟେଇ

# କର୍ମଚାରୀ ଦୁହିଁଙ୍କୁ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଦିଅ : ହାଇକୋର୍ଟ

କଟକ, (ସବ୍ୟୁ): ଦୀର୍ଘ ୩୦ ବର୍ଷ ଧରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ରେ ଦୈନିକ ମଜୁରିଆ ଭାବେ କାର୍ଯ୍ୟ କରିବା ପରେ ଛଟେଇ ହୋଇଥିବା ଦୁଇଜଣ ସଫେଇ କର୍ମଚାରୀଙ୍କୁ ୨୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାୟାଧର ନାୟକ ଏବଂ ବାଇନା ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦାଶ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ୮ ସପ୍ତାହ ମଧ୍ୟରେ ୨୦ ଲକ୍ଷ ଟଙ୍କା ଲେଖାଏଁ ଏକକାଳୀନ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ବ୍ୟାଙ୍କ ଧାର୍ଯ୍ୟ ସମୟ ମଧ୍ୟରେ ଏହି ଅର୍ଥ ପ୍ରଦାନ ନକରନ୍ତି, ତେବେ ପ୍ରଥମ ମାସ ପାଇଁ ମାସିକ ୧ ପ୍ରତିଶତ ଏବଂ ପରବର୍ତ୍ତୀ ସମୟ ପାଇଁ ମାସିକ ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡ଼ିବ। ସୁଧ ବାବଦକୁ ଯେଉଁ କୌଣସି ଅତିରିକ୍ତ ଅର୍ଥ ଦେବାକୁ ପଡ଼େ, ତେବେ ସେହି ଅର୍ଥ ଦୋଷୀ ଅଧିକାରୀଙ୍କଠାରୁ ଆଦାୟ କରାଯିବ। ଅଦାଲତ ଏହି ନିର୍ଦ୍ଦେଶକୁ କେବଳ ଏହି ନିର୍ଦ୍ଦିଷ୍ଟ ମାମଲା ପାଇଁ ସୀମିତ ରଖିଛନ୍ତି ଏବଂ ଏହାକୁ ଅନ୍ୟ କୌଣସି ମାମଲାରେ ଉଦାହରଣ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାୟାଧର ନାୟକ ଏବଂ ବାଇନା ନାୟକ ୧୯୯୪-୯୫ ମସିହାରୁ ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ସରକାରୀ ଟ୍ରେଜେରୀ ଶାଖାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିଲେ। ଚାକିରି ସ୍ଥାୟୀ ଏବଂ ସମାନ ଦରମା ଦାବି କରି ସେମାନେ ଦୀର୍ଘ ୩ ଦଶନ୍ଧି ଧରି ଆଇନଗତ ଲଢ଼େଇ ଜାରି ରଖିଥିଲେ। କିନ୍ତୁ ଗତ ବର୍ଷ ଜୁଲାଇ ୧୯ରେ ବ୍ୟାଙ୍କ କର୍ତ୍ତୃପକ୍ଷ ଶ୍ରମ ଆଇନ ଅନୁଯାୟୀ ସେମାନଙ୍କୁ କମ୍ପାନୀରୁ ଅତିରିକ୍ତ କର୍ମଚାରୀ ଦର୍ଶାଇ ପ୍ରାୟ ୩ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ଦେଇ ଚାକିରିରୁ ଛଟେଇ କରିଦେଇଥିଲେ। ଏହାକୁ ବିରୋଧ କରି କର୍ମଚାରୀଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଆବେଦନକାରୀଙ୍କ ଜଣିକିଆ ବିଚାରପତି ଖାରଜ କରିଦେବା ପରେ ସେମାନେ ହାଇକୋର୍ଟଙ୍କୁ ଅପିଲରେ ଆସିଥିଲେ। ଖଣ୍ଡପୀଠରେ ଏହି ରିଟ୍ ଅପିଲର ଶୁଣାଣି ହୋଇଥିଲା। ମାମଲାର ଶୁଣାଣି ସମୟରେ ଅଦାଲତ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ପାଇଁ ଚେଷ୍ଟା କରିଥିଲେ। ବ୍ୟାଙ୍କ ପକ୍ଷରୁ ପ୍ରତି କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ କର୍ମଚାରୀମାନେ ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ଅଦାଲତ କୋର୍ଟରେ ଉପସ୍ଥିତ ଥିବା କର୍ମଚାରୀମାନଙ୍କ ସହ ସେମାନଙ୍କ ମାତୃଭାଷା ଓଡ଼ିଆରେ ସିଧାସଳଖ କଥାବାର୍ତ୍ତା କରିଥିଲେ। କର୍ମଚାରୀମାନେ ଜଣାଇଥିଲେ ଯେ ଯଦି ସେମାନଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ମିଳେ, ତେବେ ସେମାନେ ଖୁସିରେ ଘରକୁ ଫେରିଯିବେ। ଅଦାଲତ ଉଭୟପକ୍ଷଙ୍କ ଶୁଣିବା ପରେ ଚାକିରି ନିରାପତ୍ତାକରଣ ବଦଳରେ ଉଭୟ ଆବେଦନକାରୀଙ୍କୁ ଆଗାମୀ ୮ ସପ୍ତାହ ମଧ୍ୟରେ କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟ ସରକାରଙ୍କୁ ବାର୍ କାଉନସିଲ୍‌ର ୧୫ ଦିନିଆ କଣ୍ଟ

# ଦାବି ପୂରଣ କର ନଚେତ୍ ରାଜ୍ୟ ବ୍ୟାପୀ ପ୍ରତିବାଦ

କଟକ, (ସବ୍ୟୁ) : ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟିରୁ ୫୦ କୋଟି ଟଙ୍କାକୁ ବୃଦ୍ଧି, ଆଇନଜୀବୀମାନଙ୍କ ପାଇଁ ମଧ୍ୟବର୍ତ୍ତୀ ସ୍ୱାସ୍ଥ୍ୟବୀମା ପ୍ରଚଳନ, ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସରକୁ ଫେରାଇ ଆଣିବା ଓ ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଏବଂ ପ୍ରତ୍ୟାହାର ଆଦି ଦାବି ସମ୍ପର୍କରେ ରାଜ୍ୟ ରାଜ୍ୟ ଆଇନଜୀବୀ ପରିଷଦର ଜରୁରୀକାଳୀନ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟର ୬୦ହଜାର ଆଇନଜୀବୀଙ୍କ ସ୍ୱାର୍ଥ ରକ୍ଷା ନେଇ ଏହି ଦାବି ଉପରେ ନିଷ୍ପତ୍ତି ନେବା ଲାଗି ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୫ଦିନର କଣ୍ଟ ଦିଆଯାଇଛି। ଯଦି ଏହି ୧୫ଦିନ ମଧ୍ୟରେ ଉପରୋକ୍ତ ସମସ୍ତ ଦାବି ପୂରଣ ନହୁଏ ତାହେଲେ ଆଇନଜୀବୀମାନେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ରାଜ୍ୟ ଆଇନଜୀବୀ ପରିଷଦ(ବାର କାଉନସିଲ)ର ଅଧ୍ୟକ୍ଷ ସାତ୍ୟକୀ ମୋହନ ଦ୍ୱିବେଦୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟ ଆଇନଜୀବୀମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ୧୯୮୭ ମସିହାରେ ଗଠନ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ପ୍ରଥମେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଏହାରେ ବୃଦ୍ଧି କରାଯାଇଥିଲା। ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ପ୍ରଥମ ଅବସ୍ଥାରେ ଯେତେବେଳେ ମ୍ୟାଚିଙ୍ଗ ଗ୍ରାଣ୍ଟ ୧ କୋଟି ଥିଲା ସେତେବେଳେ ଅବସର ସମୟରେ ଜଣେ ଆଇନଜୀବୀ ୨ ଲକ୍ଷ ୭୦ ହଜାର ଟଙ୍କା ପାଉଥିଲେ। ସେଣୁ ଏ ସଂପର୍କରେ ରାଜ୍ୟ ସରକାର ପୁନର୍ବିଚାର କରି ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୫୦ କୋଟି ଟଙ୍କାକୁ ବୃଦ୍ଧି କରି ଜଣେ ଆଇନଜୀବୀ ଅବସର ନେବା ସମୟରେ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ପାଇବା ଦିଗରେ ରାଜ୍ୟ ସରକାର ଉଦ୍ୟମ କରିବା ପାଇଁ ଆଇନଜୀବୀ ପରିଷଦ ଅନୁରୋଧ କରିଛି। ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ତରଫରୁ ୨୦୨୪ ଡିସେମ୍ବର ୨୪ରେ ହୋଇଥିବା ଏକ ବୈଠକରେ ରାଜ୍ୟ ସରକାରଙ୍କୁ ଆଇନଜୀବୀଙ୍କୁ ୯ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ଏହାକୁ ଉପେକ୍ଷା କରି ମାତ୍ର ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ୯ଲକ୍ଷ ପରିବର୍ତ୍ତେ ଜଣେ ଆଇନଜୀବୀଙ୍କୁ ୬ଲକ୍ଷ ୩୦ହଜାର ଦେବାଲାଗି ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ବେଆଇନ ଭାବରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସରରୁ ଅନ୍ୟତ୍ର ଉଠାଇ ନିଆଯାଇଛି। ଏଥିପାଇଁ ସରକାର ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସହ କୌଣସି ବିଚାର ବିମର୍ଶ କିମ୍ବା ଆଲୋଚନା କରିନାହାନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ଆଇନଜୀବୀ କଲ୍ୟାଣ ପାଣ୍ଠିରୁ ନିଲମ୍ବନ କରାଯାଇଛି। ଏହିଭଳି ଦୀର୍ଘ ସମୟ ଧରି ଆଇନଜୀବୀଙ୍କ ମୃତ୍ୟୁ ପରେ ମଧ୍ୟ ମୃତ୍ୟୁକାଳୀନ ରାଶି ପ୍ରଦାନରେ ବିଳମ୍ବକୁ ରାଜ୍ୟ ଆଇନଜୀବୀ ପରିଷଦ ନିନ୍ଦା କରିଛି। ଯଦି ଏହି ଦାବି ପୂରଣ ନହୁଏ ରାଜ୍ୟର ଷାଠିଏ ହଜାର ଓକିଲ ସେମାନଙ୍କ କାର୍ଯ୍ୟରୁ ଦାବି ଲାଗି ରାଜରାସ୍ତାକୁ ଓହ୍ଲାଇବେ। ଏଥିଲାଗି ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେ ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ପରିଷଦ ପକ୍ଷରୁ ସତର୍କ କରାଇଦିଆଯାଇଛି।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି କରି

# ପଶ୍ଚିମ ଦ୍ୱାର ଦେଇ ଭିତରକୁ ଧସେଇ ପଶିଲେ ଶତାଧିକ ଆଇନଜୀବୀ

ପୁରୀ, (ସବ୍ୟୁ) : ପୁରୀ ସହର ବାସୀଙ୍କୁ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି କରି ପଶ୍ଚିମ ଦ୍ୱାର ବାଟେ ଅନୁମତି ଦେବା ପାଇଁ ପୁରୀ ଓକିଲ ସଂଘ ପକ୍ଷରୁ ଶତାଧିକ ଆଇନଜୀବି ଶୁକ୍ରବାର ଅପରାହ୍ନରେ ମନ୍ଦିର ଭିତରକୁ ଧସେଇ ପଶିଛନ୍ତି। ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀ ଓ ପୋଲିସ ଅଧିକାରୀମାନେ ଆଇନଜୀବୀଙ୍କୁ ଅଟକେଇବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ବିଫଳ ହୋଇ ଥିଲେ। ଶତାଧିକ ଆଇନଜୀବୀ ଏକ ବିରାଟ ଶୋଭାଯାତ୍ରାରେ ଆସି ମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ପହଞ୍ଚି ଥିଲେ। ସେଠାରେ ସଙ୍ଗ ପକ୍ଷରୁ କଡ଼ା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ଦିନ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଦେଖାଯାଇଥିଲା ଏହି ଅଭାବନୀୟ ଅବସ୍ଥା। ପୁରୀ ଓକିଲ ସଂଘ ସଭାପତି ଓ ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ଶତାଧିକ ଓକିଲ ପୁରୀ ସହରବାସୀଙ୍କ ଦର୍ଶନ ବ୍ୟବସ୍ଥା ଦାବୀରେ ଆଜି ଶୋଭାଯାତ୍ରାରେ ଯାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ବାଟରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ସେମାନଙ୍କୁ ବାଧା ଦେଇଥିଲେ। ଯାହାକୁ ନେଇ ସେଠାରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ବର୍ଷ ହେବ ପୁରୀ ସହରବାସୀଙ୍କ ମହାପ୍ରଭୁଙ୍କ ସୁବିଧାରେ ଦର୍ଶନ କରିପାରିନାହାନ୍ତି। ଏ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବୀ, ଆନ୍ଦୋଳନ କରାଯାଇଛି। ଶେଷରେ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ପୁରୀ ଜିଲ୍ଲା ଓକିଲ ସଂଘ। ପୁର୍ବ ପରି ପଶ୍ଚିମ ଦ୍ୱାର ଦେଇ ପୁରୀ ସହରବାସୀଙ୍କୁ ପ୍ରବେଶ ସୁଯୋଗ ଦେବା ପାଇଁ ଜିଲ୍ଲା ଓକିଲ ସଂଘ ଦାବୀ କରିଛି।

## ସ୍ୱର୍ଗଦ୍ୱାରରେ ହୁଲୁସ୍ଥୁଲ, ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

ପୁରୀ, (ସବ୍ୟୁ) : ପୁରୀ ସ୍ୱର୍ଗଦ୍ୱାରରେ ଶବ ଦାହକୁ ନେଇ କରି ହୁଲୁସ୍ଥୁଲ କାଣ୍ଡ ଘଟିଛି। ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବା ସହ ମହିଳା କର୍ମଚାରୀଙ୍କ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସ୍ୱର୍ଗଦ୍ୱାର କର୍ତ୍ତୃପକ୍ଷ ଥାନାରେ ଏତଲା ରୁଜୁ ହୋଇଛି। ଗଣ୍ଡଗୋଳ କରିଛନ୍ତି ମୃତକଙ୍କ ସମ୍ପର୍କୀୟ ମାନେ। ଗତକାଲି ରାତିରେ ଘଟିଛି ଏହି ଘଟଣା। ଜଣେ ମୃତକଙ୍କ ଶବ ଦାହ କରିବାକୁ ଆସି ସମ୍ପର୍କୀୟ ମାନେ ଟୋକନରେ ବିଳମ୍ବ ହେବାକୁ ନେଇ ହଙ୍ଗାମା କରିଥିଲେ। ପରେ ଭିଡିଓ କରିବା ବେଳେ ବାରଣ କରିବାରୁ ସ୍ୱର୍ଗଦ୍ୱାର ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିବା ସହ ଜଣେ ମହିଳା କର୍ମଚାରୀ ଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଇଥିବା ସହ ଛାନଭିନ କରୁଛି ପୋଲିସ୍। ତେବେ ସ୍ୱର୍ଗଦ୍ୱାରରେ ଶବ ଦାହ ଜାରି ରହିଛି। ସୁରକ୍ଷା କର୍ମୀ ଜଣଙ୍କ ଆଖି ତଳେ ଆଘାତ ଲାଗିବା ସହ ସାର୍ଟ ,ପକେଟ ଓ ସାର୍ଟ ବଟମ ଛିଡାଇ ମାଡ ମାରିଥିଲେ ଏକାଧିକ ଯୁବକ।

## ୩୫ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ

## ଓଡ଼ିଆ ଚଳଚ୍ଚିତ୍ର ଆମ ଜାତିର ଅସ୍ମିତାର ପରିଚୟ

# ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : "ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତିର ପ୍ରଣୟନ କରିବାକୁ ଯାଉଛନ୍ତି," ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ।

ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ। ଅତୀତରେ 'ମାୟା ମିରିଗ, 'ଭୁଖା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ'ର ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା। ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା, 'ଶଲା ବୁଢ଼ା', 'ପୁଷ୍କରା, 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।

ବର୍ତ୍ତମାନର ବୈଷୟିକ ଯୁଗ ଓ ଓଟିଟି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନ୍ ଏବଂ ଭିଏଫ୍‌ଏକ୍ସ କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବଂ ପୋଷ୍ଟ-ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍ ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି। ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ। ସେହିପରି ଦର୍ଶକମାନଙ୍କୁ ସିନେମା ହଲକୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚାଳକ ଟେକନିସିଆନ, ଲେଖକ ଓ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ। ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଓଡ଼ିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆମ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ, ୨୦୨୩ ବର୍ଷ ପାଇଁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ବରିଷ୍ଠ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଏବଂ ୨୦୨୪ ବର୍ଷ ପାଇଁ ଏହି ସମ୍ମାନ ବରିଷ୍ଠ ଅଭିନେତ୍ରୀ ଶ୍ରୀମତୀ ନମ୍ରତା ଦାସଙ୍କୁ ପ୍ରଦାନ କରାଯିବା ସହ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ମୋଟ୍ ୬୨ଟି ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରି ଅନେକ ଭଲୋମାନଙ୍କୁ ବୃଦ୍ଧି କରିବାରେ ସହାୟକ ହେବ। ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଅନୁଷ୍ଠାନକୁ ଆଗାମୀ ଦିନରେ ଦକ୍ଷ ମାନବ ସମ୍ବଳ ଯୋଗାଇଦିଆଯିବ। ସିନେ କଳାକାର କେବଳ ନିଜ କଳା ପାଇ ପରିଶ୍ରମିକ ପାଆନ୍ତି ନାହିଁ ମାତ୍ର ଓଡ଼ିଶାର ସଂସ୍କୃତିକୁ ଆଗେଇନେବା ପାଇଁ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାନ୍ତି।

ଏହି ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବିକଶିତ ଓଡ଼ିଶାର ନିର୍ମାଣ ସେତେବେଳେ ହେବ ଯେତେବେଳେ ଓଡ଼ିଆ ସିନେ ଜଗତର ଉନ୍ନତି ଘଟିବ। ସରକାର ଓଡ଼ିଆ ସିନେ ଜଗତର ପୁନରୁଦ୍ଧାର ପାଇ ସଂକଳ୍ପବଦ୍ଧ ଏବଂ ଓଡ଼ିଆ ଇଣ୍ଡଷ୍ଟ୍ରି ଉନ୍ନତି ପାଇ ପ୍ରତ୍ୟେକ କଳାକାରଙ୍କ ମତାମତ ସ୍ୱାଗତଯୋଗ୍ୟ। ଏହି ଉତ୍ସବରେ, ବିଶ୍ୱନାଥପୁର ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ ଏବଂ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବହୁ ବରିଷ୍ଠ କଳାକାର, ସିନେ ଟେକ୍ନିସିଆନ, କଳାପ୍ରେମୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଶ୍ୟାମଳେନ୍ଦୁ ଏବଂ ନମ୍ରତା ଦାସ ପାଇଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ

### ଭୟଙ୍କର ବଜ୍ରପାତ ବି ଅଟକାଇ ପାରିଲାନି କର୍ତ୍ତବ୍ୟର ପଥ

## ବଜ୍ରପାତରେ ଆହତ ହେବା ପରେ ବି ୧୦୦% ଡିଜିଟାଇଜେସନ କାମ ଶେଷ କଲେ ବିଏଲ୍ଓ ପ୍ରମିଳା ଓଝା

ଭୁବନେଶ୍ୱର (ସବ୍ୟୁ) : କର୍ତ୍ତବ୍ୟ ପ୍ରତି ଅନନ୍ୟ ନିଷ୍ଠା ଓ ଦାୟିତ୍ୱବୋଧର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୧୮୭ର ବୁଥ ସ୍ତରୀୟ ଅଧିକାରୀ ଶ୍ରୀମତୀ ପ୍ରମିଳା ଓଝା। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମୟରେ ସେ ନିଜର ଦେଶଭକ୍ତି ଓ ସେବା ମନୋଭାବର ପରିଚୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ୍) ସମୟରେ ହଠାତ ତାଙ୍କ ଉପରେ ଏକ ଭୟଙ୍କର ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ପ୍ରମିଳା ଓଝା ଏବଂ ତାଙ୍କ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଏଥିସହିତ ତାଙ୍କର ମୋବାଇଲ୍ ଫୋନ୍‌ଟି ମଧ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏଭଳି ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ ମେଡିକାଲରୁ ସୁସ୍ଥ ହୋଇ ଫେରିବା ମାତ୍ରେ ନିଜ ଶରୀରର କଷ୍ଟକୁ ଭୁଲି ପୁଣି କାମରେ ଲାଗିପଡ଼ିଥିଲେ। ସେ ନିଜ ଦାୟିତ୍ୱରେ ଥିବା ସମସ୍ତ ପରିଗଣନା




ଫର୍ମର ୧୦୦% ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ସମୟ ଅବଧି ପୂର୍ବରୁ ଶେଷ କରିଛନ୍ତି। ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଅରୁଣ କୁମାର ନାଏକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା କରିବା ସହିତ ସହାୟତା ଓ ପ୍ରୋତ୍ସାହନ ସ୍ୱରୂପ ଏକ ନୂଆ ମୋବାଇଲ୍ ଫୋନ୍ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରମିଳା ଓଝାଙ୍କର ଏହି ନିଷ୍ଠା ଆଜିର ସମାଜରେ ଜନସେବାର ପ୍ରକୃତ ମନୋଭାବ ବା ଆଦର୍ଶକୁ ପ୍ରତିଫଳିତ କରୁଛି, ଯାହା ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ।

## ୩ ନିଶା ବେପାରୀ ଗିରଫ ୬ଲକ୍ଷ ଟଙ୍କାର ନିଶା ସାମଗ୍ରୀ ଜବତ

କଟକ, (ସବ୍ୟୁ) : ଅବକାରୀ ବିଭାଗର ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନରେ ଚଢଉ କରି ୩ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ମୋଟ ସାଢେ ୬ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛ । ଜାତୀୟ ରାଜପଥରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ସୂଚନା ପାଇ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପର୍ଯ୍ୟାୟକ୍ରମେ ବାଲିକୁଦା ଛକ ଏବଂ ଜଗତପୁର ଗୋଲେଇ ଛକରେ ଚଢଉ କରିଥିଲା । ଉକ୍ତ ୨ଟି ସ୍ଥାନରୁ ପଶ୍ଚିମବଙ୍ଗର ଦୁଇ ଜଣ ନିଶା ବେପାରୀ ଧରାପଡିଥିଲେ । ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗର ପ୍ରଦୀପ ମଣ୍ଡଳ(୪୫) ଓ ତନ୍ମୟ ଗାୟେନ(୨୦) । ଏମାନଙ୍କ ପାଖରୁ ମୋଟ ୩୩ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୩୩ ହଜାର ଟଙ୍କା ହେବ । ଏମାନେ ଓଡିଶାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରୁଥିଲେ । ଅବକାରୀ ଉପ ଅଧିକ୍ଷକ ବିକାଶ ନାୟକଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ଅବନୀ ମହାପାତ୍ର, ଏସଆଇ ସୌମ୍ୟରଞ୍ଜନ ମାଝୀ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଲ ସତ୍ୟବ୍ରତ ସାହୁ, ମାନସ ରଞ୍ଜନ ବେହେରା ପ୍ରମୁଖ ଚଢଉରେ ସାମିଲ ଥିଲେ । ସେହିପରି ସଦର ରେଞ୍ଜ ଅବକାରୀ ଥାନା ଟିମ ଶୁକ୍ରବାର ସକାଳ ୯ଟାରେ କଳାବିକାଶ କେନ୍ଦ୍ର ସମ୍ମୁଖରେ ଚଢଉ କରିଥିଲା । ସେଠାରୁ ଅଭିଯୁକ୍ତ ଏମ. ଶିବା(୩୫) ଧରାପଡିଥିଲା । ତାଦ ପାଖରୁ ୬୨ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୬ ଲକ୍ଷ ୨୦ ହଜାର ଟଙ୍କା ହେବ । ଇନ୍ସପେକ୍ଟର କମଳଲୋଚନ ପାଇକରାୟ, ତରୁଣ ପାତ୍ର, ସୁନିତା ଏଣ୍ଟ, ବିଷ୍ଣୁପ୍ରସାଦ ମାଝୀ, ଦୀପକ ସାହୁ, ପ୍ରେମାଞ୍ଜଳୀ ତିର୍କି, ରମାକାନ୍ତ ରାଉତ, ସୌରଜିତ ମହାପାତ୍ର, ଆଶିଷ କୁମାର ଦାସ ପ୍ରମୁଖ ଚଢଉରେ ସାମିଲ ଥିଲେ ।

## ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ୮୩ ବର୍ଷ ବୟସରେ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି । ଶାରୀରିକ ଅସୁସ୍ଥତା ଲାଗି ଗୁରୁବାରଠାରୁ ସେ ସମ ଅଲ୍ଟିମେଟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତାରେ ରହିଥିଲେ । ସେ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ସମ୍ବାଦଦାତା ଭାବରେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରି ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା



ତଥା ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ । ସାମାଜିକ ଓ ରାଜନୈତିକ ସାମ୍ବାଦିକତାରେ ସେ ବେଶ ସକ୍ରିୟ ଥିଲେ । ଜଣେ ସୁନାମଧନ୍ୟ ଓ ଦକ୍ଷ ସାମ୍ବାଦିକ ଭାବରେ ସେ ପରିଚିତ ରହିଥିଲେ । ଓଡ଼ିଶାର ରାଜନୈତିକ ଜଗତ ସହ ଅତି ନିବିଡ଼ ଭାବରେ ସଂଶ୍ଳିଷ୍ଟ ରହି ଖବର ସଂଗ୍ରହରେ ସେ ସବୁବେଳେ ଆଗୁଆ ରହୁଥିଲେ ଏବଂ ଜାତୀୟସ୍ତରରେ ମଧ ପିଟିଆଇର ଜଣେ ଶ୍ରେଷ୍ଠ ସାମ୍ବାଦିକ ଭାବରେ ସୁନାମ ଅର୍ଜନ କରିଥିଲେ । ସ୍ୱର୍ଗତଃ ଶରତ ଦାଶ କଟକ ଜିଲ୍ଲା ଟାଙ୍ଗୀ ଅନ୍ତର୍ଗତ ନିମେଇସାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି । କନିଷ୍ଠ ପୁତ୍ର ଅଜିତ କୁମାର ଦାଶ ଜଣେ ବରିଷ୍ଠ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଦୈନିକ 'ସଂଚାରର ମୁଖ୍ୟ ସମ୍ପାଦକ ଅଛନ୍ତି । ଶୁକ୍ରବାର ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ଉଭୟ ରାଜନୈତିକ ଓ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ବହୁ ରାଜନେତା, ସାମ୍ବାଦିକ ଏବଂ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ତାଙ୍କ ବାସଭବନରେ ତାଙ୍କୁ ଶେଷ ଦର୍ଶନ କରିଥିଲେ । ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ପୁତ୍ର ଅଜିତ କୁମାର ଦାଶ ମୁଖାଗ୍ନି ଦେଇଥିଲେ । ଜ୍ୟେଷ୍ଠପୁତ୍ର ଅଶୋକ କୁମାର ଦାଶ, କନ୍ୟା ଡାକ୍ତର ରୀତା ଦାଶ ଓ ରେଖା ଦାଶ, ଜ୍ୱାଇଁ ଡାକ୍ତର ନୟନ ରଞ୍ଜନ ନନ୍ଦ ଏବଂ ଜିବିତେଶ ମିଶ୍ର ଏବଂ ପରିବାର ସ୍ୱଜନ ଉପସ୍ଥିତ ରହିଥିଲେ ।

### ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତାଙ୍କ ଶୋକ ପ୍ରକାଶ

ଶରତଚନ୍ଦ୍ର ଦାଶଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ଦାଶ ନିଜର ଦୀର୍ଘ ସାମ୍ବାଦିକତା ଜୀବନରେ ଉଚ୍ଚମୂଲ୍ୟବୋଧ, ନିରପେକ୍ଷ ଉପସ୍ଥାପନ, ବୃତ୍ତିଗତ ସାଧୁତା ପାଇଁ ଆଦୃତ ଥିଲେ । ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦଗତି କାମନା କରୁଛି । ସେହିଭଳି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଏହାଛଡା ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଶ୍ରୀ ଦାଶଙ୍କ ପରଲୋକରେ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍‍ୟାକେଟର ପର୍ଦ୍ଦାଫାସ, ୪ ଗିରଫ

### ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷକ

ଭୁବନେଶ୍ୱର, (ସବ୍ୟୁ) : ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍‍ୟାକେଟର ପର୍ଦ୍ଦାଫାସ କରିଛି ଏସ୍‌ଟିଏଫ୍ । ଆଠଗଡରୁ ୧୯୦କେଜି ଗଞ୍ଜେଇ ୨୪ ତାରିଖ ଦିନ ଜବତ ହୋଇଥିଲା । ସେମାନଙ୍କ ବୟାନ ଆଧାରରେ ପୋଲିସ ସେହି ର୍‍ୟାକେଟର ୪ଜଣ କିଙ୍ଗପିନ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇଜଣ ଶିକ୍ଷକ ଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି । ଏପରିକି ଗଞ୍ଜେଇ କାରବାରରେ ଅଧାଚିରା ୧୦ଟଙ୍କିଆ ନୋଟ୍‌ର ଗୁରୁତ୍ୱ ଥିବା ତଦନ୍ତକାରୀ ଟିମ୍ ସୂତ୍ରରୁ ପ୍ରକାଶ । ଏହି ର୍‍ୟାକେଟ ଓଡ଼ିଶା, ଛତିଶଗଡ, ରାଜସ୍ଥାନ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଛି । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଆଠଗଡରୁ ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରିବା ପରେ ସେମାନଙ୍କୁ ବ୍ୟାପକ ଜେରା କରାଯାଇଥିଲା । ଏହି ଚାଲାଣ ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ଜାଣିବାକୁ ଚାହିଁଥିଲା । ଚାଲାଣକାରୀ ଗିରଫ ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡଙ୍କ ନାଁ କହିଥିଲେ । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଛଦ୍ମବେଶରେ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା । ୨୬ ତାରିଖ ଦିନ ଜାତୀୟ ରାଜପଥ ପିଟୁକୁଳି ନିକଟରୁ ଏକ କାର୍ ସହ ୪ଜଣଙ୍କୁ କାବୁ କରିବାରେ ସମର୍ଥ ହେଲା । ସେ ୪ଜଣଙ୍କ ମଧ୍ୟରେ କିଙ୍ଗପିନ୍ ଶିକ୍ଷକ ଦୁର୍ବାସା ସାହୁ (୪୬) ଘର ବୌଦ୍ଧ ଜିଲ୍ଲା ଟିକରପଡାରେ । ଆଉ ଜଣେ ଶିକ୍ଷକ ସୁବୁଦ୍ଧି ସାହୁ (୪୦) ଗଞ୍ଜେଇ ଚାଲାଣ ସିଣ୍ଡିକେଟ୍‌ର ସକ୍ରିୟ ସଦସ୍ୟ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଛି । ଆଉ ଦୁଇଜଣ ସିଣ୍ଡିକେଟ୍‌ର ସାଧାରଣ ମେମ୍ବର ଅରୁଣ କୁମାର ରଣା (୩୪), ପ୍ରକାଶ ଖଟୁଆ (୩୫) । ସମସ୍ତଙ୍କ ଘର ବୌଦ୍ଧ ଜିଲ୍ଲାରେ ବୋଲି ଏସ୍‌ଟିଏଫ୍ କହିଛି । ଏମାନେ ଯେଉଁ ମାରୁତି କାର୍‌ରେ ଯାଉଥିଲେ ତାହା ଜବତ କରାଯିବା ସହ ୩୮ ହଜାର ଟଙ୍କା, ଗୋଟିଏ ସୁନା ଚେନ, ଦୁଇ ଚିରା ୧୦ଟଙ୍କିଆ ନୋଟ୍ ଓ ୭ଟି ମୋବାଇଲ ଫୋନ ଜବତ ହୋଇଛି । ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଜନଗଣନା କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବଦଳି : ହାଇକୋର୍ଟଙ୍କ ରହିତାଦେଶ

କଟକ, (ସବ୍ୟୁ): ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ଜଣେ ସରକାରୀ କର୍ମଚାରୀଙ୍କ ବଦଳି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେ ପୂର୍ବ ସ୍ଥାନରେ ରହିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଭବାନୀ ଶଙ୍କର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକାର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଜୁଲାଇ ୧କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କୁ ଗତ ୧୨ ତାରିଖରେ ମୟୂରଭଞ୍ଜରୁ କେନ୍ଦୁଝର ଜିଲ୍ଲାକୁ ବଦଳି କରାଯାଇଥିଲା। ସେ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିଲାବେଳେ ତାଙ୍କର ଏଭଳି ବଦଳି ଆଦେଶ ବେଆଇନ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ସେ ଦର୍ଶାଇଥିଲେ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏପ୍ରିଲ ୨ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ଜନଗଣନା ଦାୟିତ୍ୱରେ ଥିବା କୌଣସି ସରକାରୀ କର୍ମଚାରୀଙ୍କୁ ବଦଳି କରାଯାଇପାରିବ ନାହିଁ। ଏହି ନିୟମକୁ ଉଲ୍ଲଙ୍ଘନ କରି ତାଙ୍କ ବଦଳି କରାଯାଇଛି। ତାଙ୍କ ବଦଳି ଆଦେଶକୁ ବାତିଲ୍ ପାଇଁ ସେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ରାଜ୍ୟ ସରକାର ଜବାବ ଦାଖଲ ଲାଗି ଦୁଇ ସପ୍ତାହ ସମୟ ନେଇଛନ୍ତି।

### ଏସ୍‌ଆଇଆର୍ -୨୦୨୬କୁ ନେଇ ସର୍ବଦଳୀୟ ବୈଠକ

## ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନର ଗୁରୁତ୍ୱ, ରାଜନୈତିକ ଦଳଙ୍କ ସହ ବିସ୍ତୃତ ଆଲୋଚନା

ଖୋର୍ଦ୍ଧା, (ସବ୍ୟୁ) : ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମତଦାତା ତାଲିକାକୁ ସଠିକ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) -୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ବୈଠକ ଆରମ୍ଭରେ ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଏସ୍‌ଆଇଆର୍ ର ବର୍ତ୍ତମାନର ଅଗ୍ରଗତି ସମ୍ପର୍କରେ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ସବିଶେଷ ସୂଚନା ଦିଆଯାଇଥିଲା। ଜିଲ୍ଲାରେ କେତେ ସଂଖ୍ୟକ ଏନ୍ୟୁମେରେସନ ଫର୍ମ ବଣ୍ଟନ କରାଯାଇଛି।



କେତେ ଫର୍ମ ସଂଗ୍ରହ ହୋଇଛି, ସେଗୁଡ଼ିକର ଡିଜିଟାଇଜେସନ୍ କାର୍ଯ୍ୟ କେତେଦୂର ଅଗ୍ରସର ହୋଇଛି ଏବଂ କେଉଁ ସମୟସୀମା ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରାଯିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ମତଦାତାଙ୍କ ଦାବି ଓ ଆପତି ଗ୍ରହଣ ପ୍ରକ୍ରିୟା, ସେଗୁଡ଼ିକର ନିରପେକ୍ଷ ଶୁଣାଣି, ନିୟମାନୁସାରେ ନିଷ୍ପତି, ଖସଡ଼ା ଭୋଟର ତାଲିକା ପ୍ରକାଶ ଏବଂ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ ପଦକ୍ଷେପ ବିଷୟରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ବୈଠକରେ ଯୋଗଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ। ଗ୍ରାମାଂଚଳ ଏବଂ ସହରାଂଚଳର ସମସ୍ତ ଯୋଗ୍ୟ ମତଦାତାଙ୍କ ନିକଟରେ ସୂଚନା ପହଁଚାଇବା, ସଚେତନତା ବୃଦ୍ଧି କରିବା ଏବଂ ମତଦାତାମାନଙ୍କୁ ଆବଶ୍ୟକ ଦଲିଲପତ୍ର ସମୟରେ ଦାଖଲ କରିବା ପାଇଁ ଦଳୀୟ ସ୍ତରରେ ସହଯୋଗ କରିବାକୁ ସେମାନେ ଆଶ୍ୱାସନା ଦେଇଥିଲେ। ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କହିଥିଲେ ଯେ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କରାଯାଉଛି। ଏଥିରେ ରାଜନୈତିକ ଦଳ, ବୁଥ୍ ସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ସମସ୍ତଙ୍କ ମିଳିତ ପ୍ରୟାସ ଦ୍ୱାରା ଏକ ନିର୍ଭୁଲ, ଏବଂ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା ସମ୍ଭବ ହେବ ବୋଲି ସେ କହିଥିଲେ।

### ଅସୁସ୍ଥ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ

## ଭେଟିଲେ ବିଜେଡି ନେତା ଦେବୀ ମିଶ୍ର ଓ ମେୟର ସୁବାସ ସିଂହ

କଟକ, (ସବ୍ୟୁ): ରାଜନୀତିରେ ମତଭେଦ ଥାଇପାରେ, କିନ୍ତୁ ମାନବିକତା ଓ ସହାନୁଭୂତି ସବୁବେଳେ ସର୍ବୋପରି। ଏହି ବାର୍ତ୍ତାକୁ ପୁଣିଥରେ ପ୍ରତିପାଦିତ କରିଛନ୍ତି କଟକ ମେୟର ସୁବାସ ସିଂହ ଓ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର। କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଅସୁସ୍ଥ ହୋଇ କଟକ ଏସ.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ ୱାର୍ଡରେ ଚିକିତ୍ସାଧୀନ ଥିବା ଖବର ପାଇ ଉଭୟ ନେତା ସିଧାସଳଖ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ହସ୍ପିଟାଲରେ ପହଞ୍ଚି ମେୟର ସୁବାସ ସିଂହ ଓ ଦେବୀ ପ୍ରସାଦ ମିଶ୍ର , ପ୍ରଭାତ ବିଶ୍ୱାଳଙ୍କ ସହ ଆଲୋଚନା କରି ଡାକ୍ତରମାନଙ୍କ ସହ ତାଙ୍କ ଚିକିତ୍ସା ସମ୍ପର୍କରେ ମଧ ଆଲୋଚନା କରି ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବାକୁ ଅନୁରୋଧ କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ପରିବାର ସଦସ୍ୟଙ୍କ ସହ ମଧ ସେମାନେ ସାକ୍ଷାତ କରିଥିଲେ। ଏହି ଅବସରରେ ମେୟର ସୁବାସ ସିଂହ କହିଥିଲେ ଯେ, "ଜନପ୍ରତିନିଧି



ଭାବେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ମଣିଷର ସୁଖଦୁଃଖରେ ସାମିଲ ହେବା। ରାଜନୈତିକ ଚିନ୍ତାଧାରା ଭିନ୍ନ ହୋଇପାରେ, କିନ୍ତୁ ମାନବିକ ସମ୍ପର୍କ ସବୁବେଳେ ଉର୍ଦ୍ଧ୍ୱରେ। ପ୍ରଭାତ ବାବୁ ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ସାଧାରଣ ଜୀବନକୁ ଫେରନ୍ତୁ, ଏହା ଆମ ସମସ୍ତଙ୍କର କାମନା।" ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ମଧ ପ୍ରଭାତ ବିଶ୍ୱାଳଙ୍କ ଆଶୁ ଆରୋଗ୍ୟ କାମନା କରି କହିଥିଲେ ଯେ, ସାର୍ବଜନୀନ ଜୀବନରେ ଦୀର୍ଘ ସମୟ ଧରି ସେ ଲୋକଙ୍କ ସେବା କରିଆସିଛନ୍ତି। ତାଙ୍କର ଶୀଘ୍ର ସୁସ୍ଥତା ପାଇଁ ସମସ୍ତେ ପ୍ରାର୍ଥନା କରୁଛନ୍ତି। ଏହି ଅବସରରେ କଟକ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଏବଂ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ମିଳି ପ୍ରଭାତ ବିଶ୍ୱାଳଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ବିରୂପା ନଦୀରୁ ବେଆଇନ ବାଲି ଚାଲାଣ: ହାଇୱା ଜବତ

ସାଲେପୁର, (ସବ୍ୟୁ) : ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସ୍ଥିତ ବିରୂପା ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିଲା । ଅଭିଯୋଗକୁ ଭିତ୍ତି କରି ବୁଧବାର ବିଳମ୍ବିତ ରାତ୍ରରେ ପାଗା ଫାଣ୍ଡି ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା ।ଚଢ଼ାଉ ସମୟରେ ବିରୂପା ନଦୀରୁ ବେଆଇନ ଭାବେ ଏକ ହାଇୱାରେ ବାଲି ବୋଝେଇ ହୋଇ ରହିଥିବା ପୋଲିସ ଦେଖି ହାଇୱାକୁ ଜବତ କରିବା ସହିତ ଫାଣ୍ଡିକୁ ଆଣିଥିଲେ ।ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିବା ସହିତ ପୋଲିସ କେସ ନମ୍ବର ୪୧୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ପାଗା ଫାଣ୍ଡିର ଏ ଏସ ଆଇ ଦେବାଶିଷ ଶୁକ୍ଳା ସୂଚନା ଦେଇଛନ୍ତି । ସୂଚନା ମୁତାବକ ବିରୂପା ନଦୀର ଯେଉଁ ସ୍ଥାନରୁ ବାଲି ଉଠାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଲିଜ ପ୍ରଦାନ କରାଯାଇନାହିଁ,ସେହି ସବୁ ସ୍ଥାନରୁ ରାତ୍ରରେ ଚୋରା ରେ ବଡ଼ ବଡ଼ ଗାଡ଼ି ବାଲି ଚାଲାଣ ହେଉଛି । ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ପୋଲିସର ଚଢ଼ାଉ ପରେ ବାଲି ଚୋରା ଚାଲାଣ କାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ରାଜଧାନୀରୁ ନକଲି ଆଇଏଏସ୍ ଅଫିସର ଗିରଫ


ଭୁବନେଶ୍ୱର, (ସବ୍ୟୁ) : ସହିଦନଗର ଥାନା ପୋଲିସ ଜଣେ ନକଲି ଆଇଏଏସ୍ ଅଫିସରଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି । ସେ ପୂର୍ବରୁ ଠକେଇ ଅଭିଯୋଗରେ ପାରାଦୀପରୁ ଗିରଫ ହୋଇଥିଲେ । ଜାମିନରେ ଆସିବା ପରେ ଭୁବନେଶ୍ୱର ସବ୍‌କଲେକ୍ଟର ପରିଚୟ ଦେଇ ଠକେଇ କରୁଥିଲେ । ଗିରଫ ହୋଇଥିବା ଠକ ନକଲି ଆଇଏଏସ୍ ବରୋଦା ସୁଧିରକୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି ।

ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ଅଜଣା ଗ୍ରାହକ ଜାଲ୍ ଏନ୍‌ଇଏଫ୍‌ଟି ପେମେଣ୍ଟ କନ୍‌ଫର୍ମେସନ୍ ଦେଖାଇ ଠକେଇ କରି ୪୨ ହଜାର ଟଙ୍କା ମୂଲ୍ୟର ଏକଯୋଡା ମେଟା ଏଆଇ ଚଷମା ନେଇଥିଲେ । ସେ ନିଜ ମୋବାଇଲରେ ସଫଳ ଏନ୍‌ଇଏଫ୍‌ଟି କାରବାର ହୋଇଥିବା ଦେଖାଇ ଶୋ'ରୁମ୍ କର୍ମଚାରୀଙ୍କୁ କହିଥିଲେ ଯେ, ଟଙ୍କା ୧ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଜମା ହୋଇଯିବ । ଗ୍ରାହକଙ୍କ କଥାକୁ ବିଶ୍ୱାସ କରି ଶୋ'ରୁମ୍ କର୍ମଚାରୀ ଚଷମା ହସ୍ତାନ୍ତର କରିଥିଲେ । କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ବ୍ୟାଙ୍କ ଖାତାରେ ଜମା ହୋଇନଥିଲା । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଗ୍ରାହକଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସେ କୌଣସି କଲର ଉତ୍ତର ଦେଇନଥିଲେ । ଏହାଦ୍ୱାରା ଅଭିଯୁକ୍ତ ଜାଲ୍ ପେମେଣ୍ଟ କନ୍‌ଫର୍ମେସନ ବ୍ୟବହାର କରି ଠକେଇ ପୂର୍ବକ ଉକ୍ତ ସାମଗ୍ରୀ ହାସଲ କରିଥିବା ଜଣାପଡିଥିଲା । ଯାହାଫଳରେ ସେ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ସନ୍‌ଗ୍ଲାସର ମୂଳମୂଲ୍ୟ ୪୨ ହଜାର ଟଙ୍କା ଥିଲେ ମଧ ରିହାତି ପରେ ୪୧ ହଜାର ୮୦୦ଟଙ୍କାରେ ବିକ୍ରୟ ଚୂଡ଼ାନ୍ତ କରାଯାଇ ସେହି ଅନୁଯାୟୀ ଇନଭଏସ୍ ଜାରି କରାଯାଇଥିଲା । ଅଭିଯୁକ୍ତ ଶୋ'ରୁମ୍ କର୍ମଚାରୀଙ୍କୁ ଏନ୍‌ଏଫ୍‌ଟି ପେମେଣ୍ଟ ସଫଳ ହୋଇଥିବା କହି ଶୋ'ରୁମ୍ ପାଖରୁ ଖସିଯାଇଥିବା ପୋଲିସ ଜାଣିବା ପରେ ବିଶାଖାପାଟଣାମ୍‌ର ବରୋଦା ସୁଧିରକୁ ଗିରଫ କରିବାରେ ସମର୍ଥ ହେଲା । ସେ ନିଜକୁ ଭୁବନେଶ୍ୱର ସବ୍‌କଲେକଟର କହି ଲୋକଙ୍କୁ ଭୂୟାଁ ବୁଲାଇ ଚାଲିଥିଲା । ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ନକଲି ଆଇଏଏସ୍‌ଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପୋଲିସ କହିବାନୁଯାୟୀ ରିମାଣ୍ଡ ଆଣି ଅଧିକ ଜେରା କଲେ ବିଭିନ୍ନ ଠକେଇ ରହସ୍ୟ ଉନ୍ମୋଚିତ ହେବ ।

## ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ୩ୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ୩ୟ ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରାର ପରମ୍ପରାକୁ ନେଇ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ବରିଷ୍ଠ ଦଇତାପତି ଦୁର୍ଗା ପ୍ରସାଦ ଦାସ ମହାପାତ୍ର ନିଜର ଅଭିଭାଷଣରେ କହିଛନ୍ତି ଯେ, ଶ୍ରୀଜୀଉଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସଦାସର୍ବଦା ଶାସ୍ତ୍ରୀୟ ପରମ୍ପରା ଓ ବିଧିବିଧାନ ଅନୁଯାୟୀ ହେବା ଆବଶ୍ୟକ। ବିଶିଷ୍ଟ ଅତିଥିଙ୍କ ଯୋଗଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ, ଡ଼. ଶଶିକାନ୍ତ ରଥ, ଡ. ପ୍ରଦୀପ ଆଚାର୍ଯ୍ୟ ଏବଂ ମୁଖ୍ୟ ଅତିଥି ଭାବେ ରାମକୃଷ୍ଣ ଦାସ ମହାରାଜ, ଶ୍ରୀ ଭବାନୀ ସୁଆର ଓ ଓଡ଼ିଆ ମଠର ମହନ୍ତ



ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏକ ସ୍ୱତନ୍ତ୍ର ଭବ୍ୟ ସମାରୋହରେ କିଛି ବିଶିଷ୍ଟ ଲୋକଙ୍କୁ ସମ୍ମାନ ପ୍ରଦାନ କରାଯାଇଛି । ଅତିଥିମାନଙ୍କ ଦ୍ୱାରା ସେମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ ଏବଂ ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗାରିମା ବଢ଼ାଇଥିଲେ।

## ଚାକିରି କରାଇଦେବାକୁ କହି ୪୬ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରେଲୱେ ଚାକିରି କରାଇ ଦେବାକୁ କହି ୪୬ଲକ୍ଷ ଟଙ୍କା ଠକେଇ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ସେ ଦୁଇଜଣ ହେଲେ ଅଜୟ କୁମାର ଦାସ (୩୦), ସନ୍ତୋଷ କୁମାର ମଲ୍ଲିକ(୪୦) । ଅଭିଯୋଗକାରୀ ଗଣେଶ ଚନ୍ଦ୍ର ସାମନ୍ତ ପରିବାର ସହ ବରମୁଣ୍ଡା ହାଉସିଂବୋର୍ଡ କଲୋନୀରେ ରୁହନ୍ତି । ଗତ ଜାନୁଆରୀ ୨୯ ତାରିଖ ଦିନ ଅଜୟ କୁମାର ଦାସ ଏବଂ ସନ୍ତୋଷ କୁମାର ମଲ୍ଲିକ ନାମକ ବ୍ୟକ୍ତିଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । କେବଳ ପରିଚୟ ନୁହେଁ, କୌଣସି କାରଣରୁ ଦୁହେଁ ଅଭିଯୋଗକାରୀଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ । ଏହାପରେ ସେମାନେ ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ରେଳୱେ ଚାକିରି ବ୍ୟବସ୍ଥା କରାଇ ଦେଇପାରିବେ ବୋଲି ଅଭିଯୋଗକାରୀଙ୍କୁ କହିଥିଲେ । ପ୍ରଥମେ ଅଭିଯୋଗକାରୀ ସେମାନଙ୍କ କଥାକୁ ବିଶ୍ୱାସ କରିନଥିଲେ । ସେ ଦୁହେଁ ତାଙ୍କୁ ଅନ୍ୟ ଜଣେ ପ୍ରାର୍ଥୀଙ୍କ ରେଲୱେ ନିଯୁକ୍ତିପତ୍ର ଦେଖାଇବା ପରେ ସେ ସେମାନଙ୍କୁ ବିଶ୍ୱାସ କଲେ । ଅଭିଯୋଗକାରୀଙ୍କ ଭିଣେଇଙ୍କ କାଗଜପତ୍ର ଦୁଇ ଠକଙ୍କୁ ଦେଇଥିଲେ । ପରେ ଦୁଇ ଅଭିଯୁକ୍ତ ତାଙ୍କ ଭିଣୋଇଙ୍କୁ ଏକ ରେଳ ନିଯୁକ୍ତିପତ୍ର ଦେଇଥିଲେ । ନିଯୁକ୍ତିପତ୍ର ପାଇବା ପରେ ନଗଦ ୧୪ଲକ୍ଷ ଟଙ୍କା ଦେବା ସହ ସନ୍ତୋଷ ମଲ୍ଲିକ ଆକାଉଣ୍ଟକୁ ୫୦ ହଜାର ଏବଂ ଅଜୟ କୁମାର ଦାସଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ପଠାଇଥିଲେ । ମୋଟ ୧୫ଲକ୍ଷ ଟଙ୍କା ଦୁଇ ଅଭିଯୁକ୍ତ ଅଭିଯୋଗକାରୀଙ୍କ ନିକଟରୁ ନେଇଥିଲେ । ପରେ ଆଉ ଦୁଇଜଣ ପ୍ରାର୍ଥୀଙ୍କୁ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ତାଙ୍କ ଠାରୁ ନଗଦ ୩୧ଲକ୍ଷ ଟଙ୍କା ନେଇଯାଇଥିଲେ । ଏହିପରି ଦୁଇ ଅଭିଯୁକ୍ତ ଚାକିରି କରାଇ ଦେବାକୁ କହି ୫୬ଲକ୍ଷ ଟଙ୍କା ଠକିନେବାରେ ସମର୍ଥ ହେଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଭିଣୋଇକୁ ଦିଆଯାଇଥିବା ରେଲୱେ ନିଯୁକ୍ତିପତ୍ର ନକଲି । ଏହା ଜାଣିବା ପରେ ସେ ଟଙ୍କା ଫେରସ୍ତ ପାଇଁ ଦାବି କରିଥିଲେ । ଦୁଇ ଅଭିଯୁକ୍ତ ଟଙ୍କା ଫେରସ୍ତ କଲେ ନାହିଁ କିମ୍ବା ଦେଇଥିବା ପ୍ରତିଶ୍ରୁତି ପାଳନ କଲେ ନାହିଁ । ବରଂ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିବା ସହ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ଧମକାଇଥିଲେ । ଅଭିଯୁକ୍ତ ଅଜୟ କୁମାର ଦାସ ଓ ସନ୍ତୋଷ କୁମାର ମଲ୍ଲିକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଜୟ ଘର କଟକ ଜଗତପୁର ବିଶ୍ୱନାଥପୁର ଗ୍ରାମରେ ହୋଇଥିବା ବେଳେ ସନ୍ତୋଷ ଘର କେନ୍ଦ୍ରାପଡା ଜିଲ୍ଲା ଭାଗେଶ୍ୱରପୁର ଗ୍ରାମରେ ବୋଲି ପୋଲିସ କହିଛି ।

# ବୋମା ଓ ପଥର ମାଡ ଘଟଣା, ଅଭିଯୁକ୍ତ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଶାନ୍ତି ମାର୍ଗରେ ହୋଇଥିବା ବୋମାମାଡ଼ ଓ ଆକ୍ରମଣ ମାମଲାରେ ଆଉ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ତୃତୀୟ ଲାଇନର ସମୀର କୁମାର ବେହେରା (୨୪) । ସୂଚନାପ୍ରକାରେ, ଗଣେଶ ପୂଜା ବିବାଦକୁ କେନ୍ଦ୍ର କରି ମାର୍ଚ୍ଚ ୮ ତାରିଖ ରାତି ପ୍ରାୟ ୭ଟା୩୦ ମିନିଟ୍ ସମୟରେ ଶ୍ରୀରାମନଗରର ମହେଶ ତ୍ରିପାଠୀ ଓରଫ ଜାକି ଏବଂ ବିପକ୍ଷ ଗୋଷ୍ଠୀର ରୁଦ୍ର ଡାକୁଆଙ୍କ ମଧ୍ୟରେ ବଚସା ଓ ଗାଳିଗୁଲଜ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ରୁଦ୍ର ଡାକୁଆ ଏବଂ ତାଙ୍କର ସହଯୋଗୀମାନେ ସଂଘବଦ୍ଧ ଭାବେ ଖଣ୍ଡା, କାତି ଓ ବୋମା ଭଳି ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ମହେଶ ତ୍ରିପାଠୀଙ୍କ ଘର ଉପରକୁ ପଥର ସହ ବୋମାମାଡ଼ କରିଥିଲେ । ଏହି ବୋମାମାଡ଼ରେ ମହେଶଙ୍କ ପତ୍ନୀ କମଳ କୁମାରୀ ନାୟକ ଏବଂ ତାଙ୍କ ବୃଦ୍ଧ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଗୁରୁତର ଆହତ ହୋଇ ବ୍ରହ୍ମପୁର ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ପରବର୍ତ୍ତୀ ସମୟରେ କମଳ କୁମାରୀଙ୍କ ଲିଖିତ ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ଏକ ମାମଲା୧୬୨/୨୬ ରୁଜୁ ହୋଇଥିଲା ।

ଘଟଣା ପରେ ସାଇଣ୍ଟିଫିକ୍ ଟିମ୍ ଏବଂ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରୁଦ୍ର ଡାକୁଆ, ସିସିର ବେହେରା, ସନ୍ତୋଷ ଗୌଡ଼, କାଳି ପ୍ରସାଦ ମହାରଣା, ମଣିକାନ୍ତ ରଥ ଏବଂ ସଞ୍ଜୟ ମହାପାତ୍ର ଓରଫ ମେଣ୍ଟାଲ ବିକିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଗିରଫ ହୋଇଥିବା ସମୀର ବେହେରାଙ୍କର କୌଣସି ଅପରାଧିକ ପୃଷ୍ଠଭୂମି ରହିଛି କି ନାହିଁ ସେ ନେଇ ପୋଲିସ ଯାଞ୍ଚ ଚଳାଇଛି ।

## ବୁଗୁଡ଼ାରେ ଅଘୋଷିତ ବିଦ୍ୟୁତ କାଟ୍

# ତାତିଲେ ଲୋକେ, ଟାୟାର ଜାଳି କଲେ ରାସ୍ତା ଅବରୋଧ

ବୁଗୁଡା, (ସବ୍ୟୁ) : ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି । ମେଘ ଘୋଟିଲେ କିମ୍ବା ସାମାନ୍ୟ ପବନ ହେଲେ ବଦ୍ୟୁତ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି ।

ଏନେଇ ବାରମ୍ବାର ଅଭିଯୋଗ କିମ୍ବା ଖବର ପ୍ରକାଶ ପାଇଲେ ମଧ୍ୟ ବିଦ୍ୟୁତ ବିଭାଗର ଖାତିର ନାହିଁ । ବିଶେଷକରି ବୁଗୁଡା ସହରର ପ୍ରେମଚାନ୍ଦ ନଗର, ମହୁଲିଆଟୋଟା ସାହି, ବୁଦ୍ଧଖୋଲ ରୋଡ ସାହି, ଅନ୍ନପୂର୍ଣ୍ଣା ନଗରରେ ଦୀର୍ଘ ଚାରି ମାସ ହେଲା ବଦ୍ୟୁତ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା



ବେଳେ ଗତ ଗୁରୁବାର ରାତିରେ ଲୋକେ ପୁରୁଣା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ସଡକରେ ଗଛଡାଳ ପକାଇ ଓ ଟାୟାର ଜାଳି ପ୍ରତିବାଦ କରିଥିଲେ । ରାସ୍ତା ଜାମ ଯୋଗୁଁ ଯାନବାହାନ ଚଳାଚଳ ପୁରାପୁରି ଠପ୍ ହୋଇଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରୁଥିବା ବେଳେ ପୁଣି ଇଲେଭେନ୍ କେଭି ତାର ପୁଣି ଛିଡିଥିଲା । ପରିସ୍ଥିତି ଜଟିଳ ହେବାରୁ ଘଟଣା ସ୍ଥଳରେ ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ପହଞ୍ଚିଥିଲେ । ବିଦ୍ୟୁତ ବିଭାଗୀୟ ଜେଇଙ୍କୁ ଘଟଣା ସ୍ଥଳକୁ ଡକାଯାଇଥିଲା । ରାତି ପ୍ରାୟ ଦୁଇଟା ବେଳକୁ ନୂଆଁ କେବୁଲ ପକାଯାଇଥିଲା ବେଳେ ତିନିଟା ବେଳକୁ ବିଦ୍ୟୁତ ଯୋଗାଣ ଠିକଠାକ୍ ହୋଇଥିଲା ଏବଂ ଲୋକେ ଘରକୁ ଫେରିଥିଲେ । ପ୍ରକାଶ ଯୋଗ୍ୟ ଯେ, ଏଭଳି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏଥି ସହ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ୍ୟ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ ବ୍ୟାଘାତ ସୃଷ୍ଟି ହେଉଛି । କେଉଁ କାରଣରୁ ଏଭଳି ଅଘୋଷିତ ବିଦ୍ୟୁତ କାଟ ହେଉଛି ସେନେଇ ବିଦ୍ୟୁତ ବିଭାଗୀୟ ଅଧିକାରୀମାନେ କୌଣସି ଯୁକ୍ତିଯୁକ୍ତ ତଥା ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବା ବେଳେ ଅଞ୍ଚଳର ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି । ସ୍ଥାନୀୟ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ମହଲରୁ ଏହି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁତ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଛି ।

# ମୋ ଯୁବ ଭାରତ ପକ୍ଷରୁ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମୋ ଯୁବ ଭାରତ ପକ୍ଷରୁ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡା ବାଉଁଶ ଦିଗ ବିଜୟୀ ଓ ରାଜନାପଲ୍ଲୀ ଗ୍ରାମର ଶ୍ରୀ ରାଧାକୃଷ୍ଣ ଯୁବକ ସଙ୍ଘରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଥିଲା । ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଶା ଇକବାଲ ଜାତୀୟ ପୁରସ୍କାରପ୍ରାପ୍ତ ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋ ଯୁବ ଭାରତ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସଙ୍କେତ ମିନା ଯୋଗଦେଇ ନିଶାମୁକ୍ତ ଭାରତର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଉଭୟ ଯୁବକ ସଂଘ କୁ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ ।

ବିଶିଷ୍ଟ ଅତିଥି ଭାବେ ୟୁଥ ଫର ଭିଲେଜ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ଼ି ଯୋଗଦେଇ ସୁସ୍ଥ ମାନବ ସମାଜ ଗଠନ କରିବାକୁ ହେଲେ ଯୁବ ସମାଜ ନିଶା ଠାରୁ ଦୁରେଇ ରହିବା ଜରୁରୀ ବୋଲି ଉପସ୍ଥିତ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସମାଜସେବୀ ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଯୁବକ ସଙ୍ଘ ନିଶା ଠାରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥିବା ସୂଚନା ଦେଇଥିଲେ । ଉଭୟ ଯୁବକ ସଂଘକୁ ପ୍ରୋତ୍ସାହନ ଦିଆଯାଇଥିବାରୁ ଯୁବକ ସଙ୍ଘର ପକ୍ଷରୁ ଅତିଥିମାନଙ୍କୁ ଉଚ୍ଚ ପ୍ରଶଂଶା କରାଯାଇଥିଲା ।

# କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଭଞ୍ଜନଗର, (ସବ୍ୟୁ) : ଭଂଜନଗର ଠାରେ ଜିଲ୍ଲା କଂଗ୍ରେସ ପଶ୍ଚିମ ଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଛାତ୍ରୋ ଙ୍କି ଗୁଞ୍ଜି ସଂକ୍ରାନ୍ତୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସଭାପତି ଦଣ୍ଡପାଣି ପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକାଠି ହୋଇଥିଲେ ଦଳୀୟ ନେତା । ଏଥିରେ ନିଟ୍ ଏବଂ ସିବିଏସଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ନେଇ ଛାତ୍ରଛାତ୍ରୀଙ୍କ ସମସ୍ୟା ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ଉଠାଇ ଥିଲେ ସଭାପତି ଶ୍ରୀ ପାତ୍ର । ଏହାସହ ରାଜ୍ୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ହୋଇଥିବା ପାଠ୍ୟ ପୁସ୍ତକର ତୃଟିଙ୍କୁ ପାପ ବୋଲି କହିବା ସହ ଏଥିରେ ଯେଉଁମାନେ ସଂପୃକ୍ତ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ଯୋଗଦେଇଥିବା ପ୍ରବକ୍ତା ଜାକେବ୍ ପ୍ରଧାନ । ଏନେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପ୍ରତିବାଦରେ ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ରହିଥିବା ଆହ୍ୱାନ ସଂକ୍ରାନ୍ତରେ ଅବଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଦେବକାନ୍ତ ଶର୍ମା, ପ୍ରଶାନ୍ତ ବିଷୋୟୀ ଏବଂ ବହୁ ବରିଷ୍ଠ କର୍ମୀ ମାନେ ଯୋଗ ଦେଇଥିଲେ ।

# କଥାକାର ବସନ୍ତ ଶତପଥୀଙ୍କ ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, (ସବ୍ୟୁ) : ବସନ୍ତ ଶତପଥୀ ସାହିତ୍ୟ ସଂଗଠନର ଉପସଭାପତି ତଥା ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲଙ୍କ ପୌରହିତ୍ୟରେ ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା କଥାକାର ବସନ୍ତ ଶତପଥୀଙ୍କ ୧୪୪ତମ ଜନ୍ମ ଦିବସ ଅବସରରେ ପାଳିତ ହୋଇଯାଇଛି। ଏଥିରେ ସଂଗଠନର ସମ୍ପାଦକ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ସହକାରୀ ପ୍ରଫେସର ଡକଟର ବିଚିତ୍ରନାଥ ସାହୁ, ସଂଗଠନର ସହସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ



ଶଙ୍କର ଜେନା, ଅବସରପାପ୍ତ ଶିକ୍ଷକ ଅଶୋକ କୁମାର ପଲେଇ, ଭକ୍ତହରି ମହାନ୍ତ ଆଦି ବସନ୍ତ ଶତପଥୀଙ୍କ ସାହିତ୍ୟ ପ୍ରତିଭା ସମ୍ବନ୍ଧରେ ଆଲୋଚନା କରିଥିଲେ। ସଂଗଠନର କୋଷାଧ୍ୟକ୍ଷ ଦୋଳ ଗୋବିନ୍ଦ ମହାନ୍ତଙ୍କ ପିତା ସମାଜସେବୀ ମୁରଲୀଧର ମହାନ୍ତ ସ୍ୱର୍ଗତ ଆତ୍ମା ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଧନଞ୍ଜୟ ସିଂ ଓ ଡକଟର ଦୟାନିଧି ପରିଡା ଅନ୍ୟତମ ବକ୍ତା ଭାବରେ ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ଦେ ପରିଚାଳନା କରିଥିଲେ।

## ଏସଆଇଆର୍-୨୦୨୬ ଅନ୍ତର୍ଗତ ବିଏଲ୍ଓ-ବିଏଲ୍ଏ ବୈଠକ

ବାରିପଦା, (ସବ୍ୟୁ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ୩୨-ବଡସାହି(ଏସସି) ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ୫୬ ନଂ ମତଦାନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବଡ଼ସାହି) ଶ୍ରୀ ଦୁଃଖବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବୁଥ୍ ସ୍ତରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ)ମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କ୍ଷେତ୍ରସ୍ତରରେ ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ, ଯାଞ୍ଚ ଏବଂ ନାମାବଳୀରେ ଆବଶ୍ୟକ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ନେଇ ମଧ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି, କୌଣସି ଯୋଗ୍ୟ ମତଦାତାଙ୍କ ନାମ ନିର୍ବାଚନୀ ନାମାବଳୀରୁ ବାଦ୍ ପଡ଼ିବାକୁ ନଦେବା, ନୂତନ ଯୋଗ୍ୟ ମତଦାତାଙ୍କୁ ଅନ୍ତର୍ଭୁକ୍ତ କରିବା, ମୃତ, ସ୍ଥାନାନ୍ତରିତ କିମ୍ବା ଦ୍ୱିତୀୟ ନାମଗୁଡ଼ିକର ଯଥାର୍ଥ ଯାଞ୍ଚ କରିବା ଏବଂ ନାମାବଳୀକୁ ସଠିକ୍ ଓ ଅପଡେଟ୍ ରଖିବା ଦିଗରେ ବିଏଲ୍ଓ ଏବଂ ବିଏଲ୍ଏମାନଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଛନ୍ତି । ଏହାସହ ବିଏଲ୍ଓ ଓ ବିଏଲ୍ଏମାନଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରି ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ସକ୍ରିୟ ସହଯୋଗ ମାଧ୍ୟମରେ ଏକ ନିର୍ଭୁଲ, ସର୍ବସମାବେଶୀ ଏବଂ ଅଦ୍ୟତନ ନିର୍ବାଚନୀ ନାମାବଳୀ ପ୍ରସ୍ତୁତ କରିବା ହିଁ ଏସ୍ଆଇଆର-୨୦୨୬ର ମୂଳ ଉଦ୍ଦେଶ୍ୟ ବୋଲି ବୋଲି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ନାୟକ କହିଛନ୍ତି । ଏହି ବୈଠକରେ ସଂପୃକ୍ତ ବୁଥର ବିଏଲ୍ଓ ମୃତ୍ୟୁଞ୍ଜୟ ଦାସ, ବିଏଲ୍ଓ ସୁପରଭାଇଜର୍ ସନ୍ତୋଷ କୁମାର ବେହେରା ସମେତ ବିଭିନ୍ନ ରାଜନୈତିକ ଦଳର ବିଏଲ୍ଏମାନେ ଉପସ୍ଥିତ ଥିଲେ ।

# ଟିପିଏସ୍ଓଡିଏଲ ପକ୍ଷରୁ ସୋନାପୁର ବେଳାଭୂମି ସଫେଇ



ବ୍ରହ୍ମପୁର, (ସବ୍ୟୁ) : ପରିବେଶ ସଂରକ୍ଷଣ ଏବଂ ସମାଜ କଲ୍ୟାଣ ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ଗଞ୍ଜାମ ଜିଲ୍ଲାସ୍ଥିତ ସୋନାପୁର ବେଳାଭୂମିରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରିଛି । ଯାହା କମ୍ପାନୀ ତରଫରୁ ଚାଲୁ ରହିଥିବା ଟାଟା ସଷ୍ଟେନେବିଲିଟି ମାସ ଅଭିଯାନ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ । ବନ ବିଭାଗ ସହାୟତାରେ କମ୍ପାନୀ ଏହି ସଫେଇ କାର୍ଯ୍ୟକ୍ରମ କରି ପରିବେଶ ସଂରକ୍ଷଣ ପ୍ରତି ନିଜର ଦାୟିବୋଧକୁ ଦର୍ଶାଇଛି । କମ୍ପାନୀର ବିଭିନ୍ନ ବିଭାଗର ୧୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏହି ସଫେଇ ଅଭିଯାନରେ ଯୋଗ ଦେଇଥିଲେ । କର୍ମଚାରୀମାନେ ମିଳିତ ଭାବେ ୨୫୦କି. ଗ୍ରାରୁ ଅଧିକ ଆବର୍ଜନା ସଂଗ୍ରହ କରିଛନ୍ତି । ସମଗ୍ର ସୋନାପୁର ବେଳାଭୂମି ଅଞ୍ଚଳରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା ।

ସୋନାପୁର ବେଳାଭୂମିର ସୁନ୍ଦରତାକୁ ବଜାଏ ରଖିବା ଦିଗରେ କମ୍ପାନୀର ଏହି ଉଦ୍ୟମ ବିଶେଷ ଭାବରେ ସହାୟକ ହୋଇଛି । ସଚେତନତା ମୂଳକ କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁର ସୁପରିଚାଳନା, ପ୍ଲାଷ୍ଟିକର ବ୍ୟବହାର ହ୍‌ରାସ ଏବଂ ସାମୁଦ୍ରିକ ଜୀବ ଓ ଉପକୂଳ ପରିବେଶର ସୁରକ୍ଷା ଓ ସଂରକ୍ଷଣ ବାବଦରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା ।

ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ପରିବେଶ ସୁରକ୍ଷା କେବଳ ଏକ ଯୋଜନା ବା ପ୍ରକଳ୍ପ ନୁହେଁ, ଏହା ବ୍ୟକ୍ତିଗତ ଦାୟିତ୍ୱ, ଯାହା ସାମୂହିକ ଉଦ୍ୟମରେ ହାସଲ କରାଯାଇପାରିବ । ବେଳାଭୂମି ଓ ଉପକୂଳବର୍ତ୍ତୀ ପରିବେଶ, ଜାତୀୟ ସମ୍ପଦ ଅଟେ । ତେଣୁ ପରବର୍ତ୍ତୀ ପିଢି ପାଇଁ ଏହାର ସଂରକ୍ଷଣ ଏକାନ୍ତ ଆବଶ୍ୟକ । ପରିବେଶ ସଫେଇ ଭଳି ପଦକ୍ଷେପ ମାଧ୍ୟମରେ ଆମେ କମ୍ପାନୀର କର୍ମଚାରୀ ତଥା ସମାଜର ସବୁ ବର୍ଗର ଲୋକଙ୍କୁ ପରିବେଶ ସଂରକ୍ଷଣ ଓ ସବୁଜ ପୃଥିବୀ ଗଠନ ପ୍ରତି ସଚେତନ କରୁଛୁ । କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସୋନାପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସାମିଲ ହୋଇଥିଲେ ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ପୂଜାର୍ଚ୍ଚନା କଲେ ବିଜେପି ନେତା ଓ କର୍ମୀ



ବ୍ରହ୍ମପୁର, (ସବ୍ୟୁ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ବୁଢ଼ୀ ଠାକୁରାଣୀ ମନ୍ଦିର ବ୍ରହ୍ମପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜେପିର ଜାତୀୟ କାଉନସିଲ୍ ସଦସ୍ୟ ତଥା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ସ୍ଥାନୀୟ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ବିଜେପିର ନେତା ଓ କର୍ମୀମାନେ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ । ଏହି ଅବସରରେ କାହ୍ନୁ ଚରଣ ପତି କହିଥିଲେ ଯେ, ଓଡ଼ିଶାର ବିକାଶ, ଶିକ୍ଷା କ୍ଷେତ୍ରର ଉନ୍ନତି ଓ ରାଜ୍ୟର ସ୍ୱାର୍ଥ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର, ସରୋଜ ପାତ୍ର, ଧର୍ମରାଜ ପାଣିଗ୍ରାହୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ମନୋଜ ପଣ୍ଡା, ଅମର ସାହୁ, ରବି କୁମାର, ସହଦେବ ପ୍ରଧାନ, ବି ରବି ରାଓଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ବର୍ଜନ କରି ପୂର୍ବ ବହିରେ ପଢାଇବାକୁ ଦାବି

ବ୍ରହ୍ମପୁର, (ସବ୍ୟୁ) : ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନହେବା ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ କରିବା, ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ମୂର୍ଖ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ବର୍ଜନ କରିବାକୁ ଆଜି ବ୍ରହ୍ମପୁର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଆଇଡିଏସଓ, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଓଡ଼ିଶାର ସ୍ୱାଭିମାନୀ ଜନଗଣଙ୍କୁ ଆବେଦନ କରାଯାଇଛି । ଏହା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରିତ ଅବୈଜ୍ଞାନିକ ପାଠ୍ୟକ୍ରମ ତଥା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ କଠୋର ଶାସ୍ତିଦେବା, ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା ପାଇଁ ଏଆଇଡିଏସଓ ଦାବି କରିଛି । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି ।

ବର୍ତ୍ତମାନ ସୁଦ୍ଧା ୨୬୦୦ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି



ଏବଂ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବାର ସମ୍ଭାବନା ରହିଛି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି, କେବଳ ବନାନ ନୁହେଁ ବରଂ ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢା କାହାଣୀ ସ୍ଥାନିତ କରାଯାଇଛି । ଯାହା ଶିକ୍ଷାର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବ ।

ସରକାର ନିଜର ଭୁଲ୍ ଲୁଚାଇବାକୁ ଯାଇ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ "ସଂଶୋଧନ ଦଲିଲ' ପ୍ରସ୍ତୁତ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ ବ୍ୟାପକ ତ୍ରୁଟି ରହିଛି । ବର୍ତ୍ତମାନ ଜୁଲାଇ ମାସ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି । ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟଗୁଡିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ । ଆଜି ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ପ୍ରତ୍ୟାହାର କରାଯିବ କିନ୍ତୁ କେତେଦିନ ମଧ୍ୟରେ ତ୍ରୁଟିମୁକ୍ତ ପୁସ୍ତକ ଛାପି ପିଲାଙ୍କୁ ବଣ୍ଟନ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ସେ ଦେଇନାହାନ୍ତି। ବାସ୍ତବରେ ଅଳ୍ପ ସମୟ ମଧ୍ୟରେ ଭୁଲ ସଂଶୋଧନ କରି ବୈଜ୍ଞାନିକ ପାଠ୍ୟକ୍ରମ ସମ୍ବଳିତ ପୁସ୍ତକ ପ୍ରଦାନ କରିବା ଚଳିତ ବର୍ଷ ସମ୍ଭବ ନୁହେଁ । ତେଣୁ ଚଳିତବର୍ଷ ସେହି ପୂର୍ବ ବହିରେ ପାଠ ପଢା ଆରମ୍ଭ କରିବା ଉଚିତ ହେବ । ଅନ୍ୟଦିଗରେ ସରକାରୀ ପାଠ୍ୟ ପୁସ୍ତକ ମୁଦ୍ରଣ ସଂସ୍ଥା ଓ ସରକାରୀ ମୁଦ୍ରଣ ସଂସ୍ଥା ଥିବା ସତ୍ତ୍ୱେ ଘରୋଇ ସଂସ୍ଥାକୁ ପାଠ୍ୟ ପୁସ୍ତକ ମୁଦ୍ରଣ ପାଇଁ ଦିଆଯାଇଛି। ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଯେଉଁ ବୟସରେ ଏକ ଛାତ୍ରର ବୌଦ୍ଧିକ ଓ ମୌଳିକ ବିକାଶ ଆରମ୍ଭ ହୁଏ, ସେହି ବୟସରେ ସେମାନଙ୍କ ମସ୍ତିଷ୍କରେ ମନଗଢା ଓ ଅଯୌକ୍ତିକ ବିଷୟ ପୂରାଇ ସେମାନଙ୍କୁ କୂପମଣ୍ଡୁକ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି । ପାଠ୍ୟକ୍ରମର ଏହି ଢାଞ୍ଚାଗତ ପରିବର୍ତ୍ତନ ଶିକ୍ଷାର ଗୈରିକୀକରଣ ଓ ସାଂପ୍ରଦାୟୀକରଣ ଦିଗକୁ ନିର୍ଦ୍ଦେଶିତ କରୁଛି ବୋଲି ଆଜିର ସମ୍ମିଳନୀରେ ଏଆଇଡିଏସଓ ପକ୍ଷରୁ କୁହାଯାଇଛି ।

ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାପ୍ରେମୀ ଜନଗଣଙ୍କୁ ସାମିଲ କରି ଏହି ଗଣଆନ୍ଦୋଳନକୁ ଆହୁରି ତୀବ୍ରତର ତଥା ଶକ୍ତିଶାଳୀ କରାଯିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓର ନେତୃବୃନ୍ଦ ଘୋଷଣା କରିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଶିବାନୀ ଶଙ୍କର ମିଶ୍ର, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସଂପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଏବଂ ଜିଲ୍ଲା ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଶିକ୍ଷା ବିରୋଧୀ ନୀତିକୁ ଦୃଢ ନିନ୍ଦା କରିଥିଲେ ।

## ଆମ୍ ଆଦ୍‌ମୀ ପାର୍ଟିର ବିଧାନସଭା ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆମ୍ ଆଦିମୀ ପାର୍ଟିର ବିଧାନସଭା ପ୍ରସ୍ତୁତି ବୈଠକ ଅନୁଷ୍ଠିତା ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ର ଯୋଗଦେଇ ଥିବାବେଳେ ଦିଲ୍ଲୀର ସହ ପ୍ରଭାରୀ ପ୍ରବିଣ କୁମାର କାବ୍ୟା ଓ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଶ୍ରୀକାନ୍ତ ପାଣି, ବାରିପଦା ନିର୍ବାଚନ ମଣ୍ଡଳୀର ସଭାପତି ସତ୍ୟବାନ ପ୍ରଧାନ ଓ ବ୍ଲକ ସଭାପତି ମଣ୍ଟୁ ହେମ୍ବ୍ରମଙ୍କ ସହ ବହୁ କର୍ମୀ ଯୋଗ ଦେଇଥିଲେ । ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ସୁରେନ୍ଦ୍ର ବିନ୍ଧାଣୀ, ଛାତ୍ର ସଭାପତି ଅଭିଳାଷ ନାଏକ ବହୁ କର୍ମୀ ମାନଙ୍କ ସହିତ ଆଗାମୀ ପୌରପରିଷଦ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ କାର୍ଯ୍ୟକ୍ରମ ହୋଇଥିଲା

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର

# ୧୫୦୧ ୟୁନିଟ ରେକର୍ଡ ସଂଖ୍ୟକ ରକ୍ତ ସଂଗ୍ରହ

ଛତ୍ରପୁର, (ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମଦିବସ ଅବସରରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶୁଭ ଅବସରକୁ ସ୍ମରଣୀୟ କରିବା ପାଇଁ ୧୫୦୧ୟୁନିଟ ରକ୍ତ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଛନ୍ତି ଛତ୍ରପୁର ବିଧାୟକ । ରକ୍ତଦାନ ହିଁ ମହାଦାନ, ଆଉ ଜଣକ ଜୀବନ ବଞ୍ଚାଇବା ଠାରୁ ବଡ଼ ସେବା କିଛି ହୋଇନପାରେ- ଏହି ବାର୍ତ୍ତାକୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା । ରକ୍ତ ଅଭାବରୁ କାହାରି ଯେପରି ମୃତ୍ୟୁ ନଘଟେ ଏବଂ ଦିନକୁ ଦିନ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ରହୁଛି । ଆଗାମୀ ଦିନରେ ଅଞ୍ଚଳର ରକ୍ତ ଅଭାବ ଦୂର କରିବାରେ ଏବଂ



ଜରୁରୀକାଳୀନ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ଛତ୍ରପୁର ବିଧାୟକ ଶ୍ରୀ ନାୟକ କହିଥିଲେ । ଏହାସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ, ଜିଲ୍ଲା ସମ୍ପାଦକ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ କୁମାର ବେହେରା, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡ୍ଡୀ, ଯୁବ ନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଯୁବ ମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସଭାପତି ସୋମନାଥ ପାତ୍ର, ସଂଜିତ କୁମାର ରାଉଳ, କାଉନସିଲର ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ ।

# ଘର ନାହିଁ କି ଆଧାର ନାହିଁ , ରାସ୍ତା କଡରେ ୧୧ ବର୍ଷ: ଭିକ୍ଷାବୃତ୍ତିରେ ୪ ଶିଶୁ

ପାରାଦୀପ,( ଜିପ୍ର ) :ନା ଅଛି ମୁଣ୍ଡ ଗୁଞ୍ଜିବାକୁ ଘର ନା ଅଛି ଆଧାର କାର୍ଡାଟିଏ ନାହିଁ କି ଚାଳ ମଧ ନାହାଁଖୋଲା ଆକାଶ ତଳେ ୧୧ ବର୍ଷ ହେବ ଏକ ପରିବାରାରାସ୍ତା କଡ ପାଲଟିଛି ସେମାନଙ୍କ ଆଶ୍ରୟ ସ୍ଥଳ। ନାଳ କଡରେ ଶୌଚ ହୁଅନ୍ତି ଆଉ ଅଳିଆ ପାଣିରେ ଗାଧୋଇ ପଡନ୍ତି। ବର୍ଷା ଖରା ସୀତ କାକର ସେମାନଙ୍କ ପାଇଁ ସବୁ ସମାନ। ଏକ ଦୁର୍ବିସହ ଜୀବନ ଜିଉଁଥିବା ଅଭିଶପ୍ତ ପରିବାରର ଦୁଖଦ କାହାଣୀ ଯିଏ ଶୁଣିବା ସେ ନିଶ୍ଚୟ ଚକିତ ହୋଇଯିବା ଏଇଠାରେ ଶେଷ ଦିନେ କି ଦୁଇଦିନ ନୁହଁ ଦୀର୍ଘ ୧୧ ବର୍ଷ ହେବ ଏମାନେ ଜିଉଁଥିବା ଜୀବନକୁ ଯିଏ ନିରେଖି ଦେଖିବ ସେ ହତବାକ ହୋଇଯିବାଏ ଏକ ଏଭଳି ପରିବାର , ଏମାନଙ୍କ ପାଖରେ ସବୁ ସରକାରୀ ଯୋଜନା ବାସ୍ତବରେ ସାତ ସପନ। ବାପା ମା ଆଉ ଦୁଇ ଝିଅ ଓ ଦୁଇ ପୁଅକୁ ନେଇ ଏ ପରିବାର ଆଧାର କାର୍ଡ ନଥିବାରୁ ଏମାନେ ରାସ୍ତା କଡର ବାସିନ୍ଦା ଆଉ ଭିକ ମାଗି ପୋଷୁଛନ୍ତି ପେଟ। ମୟୂରଭଞ୍ଜ ରାଇରଙ୍ଗପୁରର ସୁନୀଲ ପୂର୍ତ୍ତି କାମ ଅନ୍ୱେଷଣରେ ୧୫ ବର୍ଷ ବୟସରୁ ଚାଲି ଆସନ୍ତି ବନ୍ଦର ନଗରୀ ପାରାଦୀପ। ପ୍ରଥମେ ଲେବର ଭାବେ ଓ ପରେ ରାଜମିସ୍ତ୍ରୀ ଭାବେ କାମ କରି ପାରାଦୀପରେ ଏକ ଝୁମ୍ପୁଡି ତିଆରି କରି ରାସ୍ତା କଡରେ ରୁହନ୍ତି। କାଳକ୍ରମେ ସେ ଏଠାରେ ସୁମି ନାମ୍ନୀ ଏକ ଅନୁସୂଚିତ ଜନଜାତିର ଝିଅକୁ ବିବାହ



କରି ଆରମ୍ଭ କରନ୍ତି ସଂସାର। ସମୟ କ୍ରମେ ତାଙ୍କର ଦୁଇ ପୁଅ ଦୂଗୀ , ପେଲାମ ଓ ଦୁଇ ଝିଅ ମୋରା ଏବଂ ଗମା ଜନ୍ମ ନିଅନ୍ତି କିନ୍ତୁ ସମୟ ଚକ୍ରରେ ସଂସାର ରଥ ବେଳେ ସ୍ତ୍ରୀ ସୁମି ଧିରେ ଧୀରେ ପରିବାରକୁ ଛାଡି ନିଶାସକ୍ତ ହୋଇ ବୁଲି କେବେ ପରିବାର ପାଖକୁ ଆସୁଛି ତ କେବେ ନାହିଁ।ଆଉ ଚାରି ଛୁଆଙ୍କ ଭାର ଏକାକୀ ସୁନୀଲ ବୋହିବା ବେଳେ ସେ ଦଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଏବେ କାମ କରିବା ମୁସ୍କିଲ ହୋଇ ପଡିଛି।ଯିଏ ଦିନେ ପରିବାରର ସମ୍ବଳ ଥିଲା , ସେ ଏବେ ଚାରି ଛୁଆଙ୍କ ଉପରେ ହୋଇ ପଡିଛନ୍ତି ନିର୍ଭରଶୀଳ। ପ୍ରତିଦିନ ରାସ୍ତା କଡରେ ଯାଉଥିବା ଆଇରନ ଟ୍ରକକୁ ହାତ ପତେଇ ଚାରି ଛୁଆ ଭିକ ମାଗି ଆଣୁଥିବା ବେଳେ ସେଥିରେ ସୁନୀଲଙ୍କ ପେଟକୁ ଦାନା ଯାଉଛି।ଏଭଳି ପରିସ୍ଥିତିରେ ବଂଚିଥିବା ଚାରିଛୁଆ ଓ ବାପା ମାଙ୍କ ଘର , ଆଧାର କାର୍ଡ ଓ ପାଠ ପଢିବା କଥା ପଚାରେ କିଏ।ପ୍ରଥମେ ଉଦୟବଟ , ପରେ ଗଡ ବଜାର ଓ ଅଠରବାଙ୍କୀ ରାସ୍ତା କଡରେ ଦୁଇଖଣ୍ଡ ବାଉଁଶ ଓ ଖଣ୍ଡେ ଜରିପାଲ ଟାଣି ଏମାନେ ରହୁଥିବାବେଳେ ଏବେ ସେତିକ ବି ଭାଙ୍ଗି ଯିବାରୁ କିଣିବା ମୁସ୍କିଲ। ଖୋଲା ଆକାଶ ତଳେ ବର୍ତ୍ତମାନ ସମସ୍ତେ ଦରିଦ୍ର ଓ ଅଶିକ୍ଷିତ ପଣିଆ ଭିତରେ ସୁନୀଲ ଛନ୍ଦି ହୋଇ ନିଜ ସଂସାରକୁ ମଧ ତାର ଅଜାଣତରେ ସେଇ ରାସ୍ତାରେ ଟାଣି ନେଇ ଛିଡା କରିଛି। ଶିଳ୍ପ ନଗରୀ ପାରାଦୀପର ବ୍ୟସ୍ତବହୁଳ ଜୀବନ ଭିତରେ ଏମାନଙ୍କୁ ସବୁବେଳେ ସମସ୍ତେ ଦେଖୁଥିବା ବେଳେ ତାଙ୍କୁ ବୁଝିବାକୁ କାହା ପାଖରେ ସତେ ଯେମିତି ସମୟ ନାହିଁ।ଅନେକ ସରକାରୀ ବାବୁ ଭାୟା ଏହି ପରିବାରକୁ ଅନେକ ଥର ନିଶ୍ଚୟ ଦେଖିଥିବେ ହେଲେ କେହି କେବେ ତାଙ୍କୁ ଏ ଯନ୍ତ୍ରଣା ମଧ୍ୟରୁ ମୁକୁଳାଇବାକୁ ଚେଷ୍ଟା କରି ନାହାନ୍ତି। ବଡ ଝିଅ ୧୦ ବର୍ଷର ହୋଇଥିଲେ ମଧ ତାକୁ ସ୍କୁଲ ମଧ ଯିବାର ସୁଯୋଗ ମିଳିନି। ରାତି ପହିଲେ ପେଟକୁ ମୁଠେ ଦାନ ଯୋଗାଡ କରିବାର ଚିନ୍ତା ସାରା ପରିବାରକୁ ଘେରି ଦେଇଛି। ବୟସ ବଢୁଛି ,ଚାରି ଶିଶୁ ମଧ ବାଢୁଛନ୍ତି ସକାଳ ହେଲେ ରାସ୍ତା କଡରେ ତାଟିଆ ଧରି ଏମାନେ ରାସ୍ତାରେ ଯାଉଥିବା ଆଇରନ ଟ୍ରକକୁ ହାତ ପତେଇ ଟଙ୍କେ ଦୁଇ ଟଙ୍କା ମାଗିଥାନ୍ତି। ରାଜରାସ୍ତା କଡରେ ପ୍ରତି ମୁହୁର୍ତରେ ଲୋଟି ପଡୁଛି ଏମାନଙ୍କର ଶୈଶବ ଦୁନିଆକୁ ଭଲକରି ବୁଝି ନଥିବା ଚାରି କୋମଳମତି ଶୈଶବ କାନ୍ଧରେ ଏବେ ରୋଗୀଣା ବାପାର ବୋଝ। ଖରା ହେଲେ ଗଛ ଛାଇରେ ଆଉ ବର୍ଷା ହେଲେ ଟ୍ରକ ତଳେ ଆଶ୍ରୟ ନେଉଥିବା ଏହି ପରିବାର ଏକ ଅଭିଶପ୍ତ ଜୀବନ ବିତାଇ ଚାଲିଛନ୍ତି। ତୁରନ୍ତ ଏହି ଅସହାୟ ପରିବାରକୁ ମୁଖ୍ୟ ସ୍ରୋତରେ ସାମିଲ କରି ତାଙ୍କୁ ଏଭଳି ଅଭିଶପ୍ତ ଜୀବନ ଭିତରୁ ମୁକୁଳେଇବାକୁ ଅନେକ ଦାବି କରିଛନ୍ତି ।

# ସ୍ୱତନ୍ତ୍ର ସଂଘନ ସଂଶୋଧନ ଭୋଟର ତାଲିକା : ଜିଲ୍ଲାରେ ବଡଚଣା ପ୍ରଥମ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନମଣ୍ଡଳୀରେ ଏସଆଇଆର ବା ସଂଘନ ସଂଶୋଧନ ଭୋଟର ତାଲିକା ପ୍ରକ୍ରିୟା କାର୍ଯ୍ୟ ସରକାରୀ ଘୋଷଣାର ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଶତ ପ୍ରତିଶତ ଶେଷ ହୋଇଛି । ଜିଲ୍ଲାର ୭ଟି ନିର୍ବାଚନମଣ୍ଡଳୀରେ ଏହି ପ୍ରକ୍ରିୟା ଚାଲିଥିଲା ବେଳେ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ସର୍ବ ପ୍ରଥମେ ବଡଚଣାରେ ଏହି କାର୍ଯ୍ୟ ଶତପ୍ରତିଶତ ଶେଷ ହୋଇଥିବା ଜଣାପଡିଛି । ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୯୨ ହଜାର ୦୪୫ ଜଣ ଭୋଟର ରହିଛନ୍ତି । ଗତ ଏକ ମାସ ହେବ ସ୍ୱତନ୍ତ୍ର ସଂଘନ ସଂଶୋଧନ ଭୋଟର ତାଲିକା (ଏସଆଇଆର) କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ଜୁନ ୨୮ ତାରିଖ ସୁଦ୍ଧା ଶେଷ କରାଯିବା ପାଇଁ ସରକାରୀ ଭାବେ ଘୋଷଣା ହୋଇଥିଲା । ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ ଗତ ୨୩ ତାରିଖରେ ବଡଚଣା ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ଶେଷ ହୋଇଥିବା ଏଇଆରଓ ତଥା ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀ ଓ ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଜିଲ୍ଲାର ଅନ୍ୟ କୌଣସି ନିର୍ବାଚନମଣ୍ଡଳୀ ଏହି କାର୍ଯ୍ୟ ଏବେ ସୁଦ୍ଧା ଶେଷ କରିପାରି ନଥିବା ଜଣାପଡିଛି । ଏହି କାର୍ଯ୍ୟ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇ ଜୁନ ମାସ ୨୮ ତାରିଖରେ ଶେଷ ହେବା କଥା କିନ୍ତୁ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ଜିଲ୍ଲା ସ୍ତରୀୟ ଅଧିକାରୀ,ଇ ଆର, ବିଏଲଓ ,ସୁପର ଭାଇଜର ଓ ଏବିଏଲଓ ମାନଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ପ୍ରଥମ ହୋଇପାରିଛି ବୋଲି ଜଣାପଡିଛି ।ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏବେ ଗତ ୩ଦିନ ହେବ ଏଠାରେ ବୁଥ ସ୍ତରୀୟ ଅଧିକାରୀ ଓ ରାଜନୈତିକ ଦଳର ନେତୃବୃନ୍ଦଙ୍କ ମଧ୍ୟରେ ମିଳିତ ବୈଠକ ଆରମ୍ଭ ହୋଇଛି ।ଇତିମଧ୍ୟରେ ଏହି କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଘରକୁ ଘର ବୁଲି ସମସ୍ତ ଭୋଟରଙ୍କ ଠାରୁ ଫର୍ମ ବଣ୍ଟନ କରିବା ସହିତ ଏହାକୁ ଆଦାୟ କରିବା ପରେ ପ୍ରାପ୍ତ ସମସ୍ତ ତଥ୍ୟକୁ ଅନଲାଇନରେ ଅପଲୋଡ୍ କରିବାରେ ସଫଳ ହୋଇଛନ୍ତି । ତେବେ ୨୪ ଓ ୨୫ ତାରିଖରେ ପ୍ରାୟ ସବୁ ବୁଥ ସ୍ତରୀୟ ଅଧିକାରି ଓ ଏଜେଣ୍ଟ ମାନଙ୍କ ମଧ୍ୟରେ ଯୁଗ୍ମ ବୈଠକ ଆରମ୍ଭ ହୋଇଛି । ଏହି ବୈଠକରେ ଏ.ଇ.ଆର.ଓ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ମନୀଷା ଜେନା, ଦର୍ପଣ ତହସିଲଦାରମାନସ ରଞ୍ଜନ ତ୍ରିପାଠୀ, ବିଡିଓ ରବୀନ୍ଦ୍ରପ୍ରଧାନ, ଅତିରିକ୍ତ ତହସିଲଦାର ଇଂ ବିରଜା ରାୟ, ଏବିଡ଼ିଓ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଫର୍ମ ତଦାରଖ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ୪ ଜଣଏ.ଇ.ଆର.ଓ ୨୧ ଜଣ ବୁଥ ସ୍ତରୀୟ ପର୍ଯ୍ୟବେକ୍ଷକ ଓ ୨୦୬ ବୁଥ ସ୍ତରୀୟ ଅଧିକାରୀ ସାମିଲ ହୋଇଥିବା ଜଣାପଡିଛି ।

# ଦୁର୍ଘଟଣା :ଜଣେ ମୃତ , ଜଣେ ଗୁରୁତର

ରାଜକନିକା,(ସବ୍ୟୁ) :ଆଜ ରାଜକନିକା ବ୍ଲକ ଜୟନଗର ରାସ୍ତାର ଶିଶୁଆ ବଡ଼ପଙ୍କ ନିକଟରେ ଏକ ମର୍ମନ୍ତୁଦ ଦୃଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି ।ସୂଚନାରୁ ପ୍ରକାଶ ରାଜକନିକା ଥାନା ଅଧୀନ ଗଂଜା ଗାଁ ର ତ୍ରିଲୋଚନ ସାହୁଙ୍କ ପୁଅ ତପନ ସାହୁ(୨୨) ଓ ତେନ୍ତୁଳି କୋଳି ଗାଁର ଶ୍ରୀନିବାସ ସେଠୀଙ୍କ ପୁଅ ସୌଭାଗ୍ୟ ସେଠୀ(୨୬) ଦୁଇ ଜଣ ଯୁବକ ଏକ ସ୍କୁଟି ଯୋଗେ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିବା ବେଳେ ଭାରଶାମ୍ୟ ହରାଇ ଏକ ଗଛରେ ପିଟିହୋଇ ଯିବାରୁ ଘଟଣା ସ୍ଥଳରେ ଜଣେ ମୃତ ହୋଇଥିବା ବେଳେ ଆଉଜଣେ ଗୁରୁତ୍ବର ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତର ସୌଭାଗ୍ୟକୁ ମୃତ ଘୋଷଣା କରିଥିବା ବେଳେ ତପନକୁ କଟକ ବଡ଼ ମେଡିକାଲକୁ ରେଫର କରିଛନ୍ତି ।

# ଯାଜପୁର ମେଡିକାଲ କଲେଜ:୨୭୧ ଡାକ୍ତର ପଦବୀ ଖାଲି

ଯାଜପୁର,(ସବ୍ୟୁ) :୨୦୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪୨୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ଉ'ାଟନ କରିଥିଲେ । ୪୩ ଏକରରେ ନିର୍ମିତ ଏହି ପ୍ରତିଷ୍ଠାନ ଯାଜପୁର,କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସାସ୍ଥ୍ୟ ସେବାର ପ୍ରମୁଖ କେନ୍ଦ୍ର ହେବ ବୋଲି ଘୋଷଣା ହୋଇଥିଲା । କିନ୍ତୁ ଉ'ାଟନର ୧୨ ମାସ ପରେ ବି ସଂଲଗ୍ନ ହସ୍ପିଟାଲରେ ଇନଡୋର ସେବା ଆରମ୍ଭ ହୋଇନାହିଁ । ଜାତୀୟ ଡାକ୍ତରୀ ଆୟୋଗ ଅନୁମୋଦନ ପରେ ୨୦୨୪-୨୫ରୁ ୫୦ଟି ଏମବିବିଏସ ସିଟ୍ରେ ଆଡମିଶନ ଚାଲିଛି । ହେଲେ କ୍ଲିନିକାଲ ପୋଷ୍ଟିଂ ପାଇଁ ହସ୍ପିଟାଲରେ ରୋଗୀ ଭର୍ତ୍ତି ବ୍ୟବସ୍ଥା ନାହିଁ । ଭର୍ତ୍ତି ଆବଶ୍ୟକ ରୋଗୀଙ୍କୁ ଏବେ ବି କଟକ ବଡ଼ ଡାକ୍ତରଖାନା କିମ୍ବା ଭୁବନେଶ୍ୱର ଏମସ୍କୁ ରେଫର କରାଯାଉଛି । ଫଳରେ ଯାଜପୁର ଓ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଲୋକଙ୍କ ଉପରେ ଆର୍ଥିକ ଓ ଯାତାୟାତ ବୋଝ ବଢୁଛି । ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ କଲେଜ ପାଇଁ ୧୭୦ ଜଣ ପଦାଧିକାରୀ ନିଯୁକ୍ତି ପାଇଛନ୍ତି । କିନ୍ତୁ ମଞ୍ଜୁରୀପ୍ରାପ୍ତ ପଦ ତୁଳନାରେ ୨୭୧ଟି ଡାକ୍ତର ପଦବୀ ଖାଲି ଅଛି । ଏଥିରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଓ ସିନିୟର ରେସିଡେଣ୍ଟ ପଦ ରହିଛି । ଅଧିକାଂଶ ନିୟନ୍ତ୍ରଣାଧୀନ କର୍ମଚାରୀ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁଛନ୍ତି । ସ୍ଥାୟୀ ନିଯୁକ୍ତି ଅଭାବରୁ ଆବଶ୍ୟକ ସଂଖ୍ୟାରେ ଡାକ୍ତର ମିଳୁନାହାନ୍ତି । ଇକୋକାର୍ଡିଓଗ୍ରାଫି, ମାମୋଗ୍ରାଫି,ଶଲ୍ୟ ଚିକିତ୍ସା, ବହିଃବିଭାଗ, ଏଣ୍ଡୋସ୍କୋପି ଏବଂ ଅର୍ଥୋପେଡିକ ଅସ୍ତ୍ରୋପଚାର ଗୃହ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଜିଲ୍ଲାପାଳ ଅମୃତ ଋତୁରାଜ ମେଡିକାଲ କଲେଜ ପରିଦର୍ଶନ କରି ସମସ୍ତୟୁନିଟ ନିରୀକ୍ଷଣ କରିବା ସହ ନିୟମିତ ଓ ଗୁଣାତ୍ମକ ସେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସଞ୍ଜୟଙ୍କ ମୃତ୍ୟୁକୁ ନେଇ ସନ୍ଦେହ

ମହାକାଳପଡ଼ା, (ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳ ପିତାପାଟ ଗାଁ ର ସଞ୍ଜୟ ମଣ୍ଡଳ ରାମନେଗରସ୍ଥ କାଜୁ ଫର୍ମ ରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି । ଖବର ପାଇ ଜମ୍ବୁ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ୦୮/୨୬ମୂଳେ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚକାଇଥିବାର ଜଣାପଡିଛି ।

# ପୀର୍ ହାଜି ହବିବୁଲ୍ଲା ଶାହାଙ୍କ ଉର୍ସ ଉତ୍ସବ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମଡିଆଳ ବଳଗଣ୍ଡି ବଜାରରେ ଥିବା ହଜ୍‌ରତ ପିର୍ ହାଜି ହବିଉଲ୍ଲା ଶାହା (ଅ.ର.)ଙ୍କ ଉର୍ସ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଶୁକ୍ରବାର ସକାଳେ ଉର୍ସ କମିଟିର ସଭାପତି ସେକ୍ ଉସମାନ ଅଲ୍ଲୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସେକ୍ ଜମିରୁଦ୍ଦିନ୍, ସଭ୍ୟ ସେକ୍ ମହମ୍ମଦ ନିଆଜୁଦ୍ଦିନ୍, ସେକ୍ ଖୃସିଦ୍ ଅହମଦ୍ ରଜା, କାଜିମଦ୍ଧାର ଖ୍ୱାଜା ଦିଲ୍‌ବର, ସେକ୍ ଅନଓ୍ୱାର, ସେକ୍ ରିଜୁଓ୍ୱାନ ପ୍ରମୁଖ ଉପସ୍ଥିତ ରହି ବାବାଙ୍କ ମଜାରକୁ ଫୁଲରେ ସଜାଯାଇ ଚାଦର ଅର୍ପଣ କରାଯାଇଥିଲା । ଏଥିସହିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାବାଙ୍କର ଭୋଗ ବଣ୍ଟାଯାଇଥିଲା ।



# ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତ ବସ୍ତିଆ ସାହି ଠାରୁ ସାହୁ ସାହି ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣରେ ବଯାପକ ଅନିୟମିତତା ଓ ଟଂଚକତା କରାଯାଇଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟ ହେତୁ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ରାମକୃଷ୍ଣପୁର ଗ୍ରାମପଂଚାୟତ ବସ୍ତିଆ ସାହି ଠାରୁ ସାହୁ ସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ବାସ୍ତବ ପକ୍ଷରେ ଏହି କାର୍ଯ୍ୟାଦେଶ ବିଭାଗୀୟ ଅଧିକାରୀଙ୍କ ନାମରେ ଥିଲାବେଳେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଏକାନ୍ତ ଅନୁଗତମାନେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ । ଆର୍ଥୀକ ବର୍ଷ ୨୦୨୦-୨୧ ବର୍ଷରେ ଏହି ଅର୍ଥ ମଞ୍ଜୁର କରାଯାଇଥିଲା ।



ତେବେ ଠିକାକାର୍ଯ୍ୟ ନେଇଥିବା ବ୍ୟକ୍ତି ଅଟକଳ ଅନୁଯାଇ ରାସ୍ତା ନିର୍ମାଣ କାର୍ଯ୍ୟ କରିନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି । ଠିକାଦାର ରାତ୍ରରେ ଏହି ରାସ୍ତା ନିର୍ମାଣ କାଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରିନଥିବାର ଅଭିଯୋଗ ହୋଇଛି । ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶିବାଙ୍ଗି ଦାସଙ୍କୁ ପଚାରିବାରୁ ଏସମ୍ପର୍କରେ ସେ କିଛି ଜାଣି ନାହାନ୍ତି । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

# ବାଲି ମଫିଆଙ୍କ ଆତଙ୍କରାଜ : ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ , ଗାଡି ମାଲିକ ଗିରଫ ଓ କାର ଜବତ

ରାଜନଗର ,(ସବ୍ୟୁ) :ରାଜନଗର ଅଞ୍ଚଳରେ ବାଲି ମାଫିଆଙ୍କ ଦୋରମ୍ୟ ଦେଖିବାକୁ ମିଳିଛି । ଚୋରା ବାଲି ବୋଝେଇ ଗାଡିକୁ ଅଟକାଇବାରୁ ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ହୋଇଛି ଏପରିକି ପୋଲିସ ଉପଷ୍ଟିତରେ ଅତିରିକ୍ତତହସିଲଦାରଙ୍କୁ ଗାଳିଗୁଲଜ ସହ ଧମକ ଦିଆଯାଇଛି । ଚୋରା ବାଲି ବୋଝେଇ ହାଇଓ୍ୱା ମୁଖ୍ୟରାସ୍ତା ଉପରେ ବାଲି ଢାଳି ଢାଳି ଫେରାର ହୋଇଯାଇଥିବା ବେଳେ ହାଇଓ୍ୱା ଗାଡିର ମାଲିକଙ୍କୁ ଗିରଫ କରାଯାଇଛି ଓ ତାଙ୍କର କାରକୁ ଜବତ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

ଆଜି ସକାଳ ପାଖାପାଖି ୫ ଘଟିକା ସମୟରେ ରାଜନଗର ର ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା ଏନଫୋର୍ସମେଣ୍ଟ ଟିମ ସହିତ ଗାଡି ଚେକିଙ୍ଗ କରୁଥିଲେ ।ରାଜନଗର ବାଇପାସ ନିକଟରେ ଓଡି -୨୯-ଜି -୪୫୬୭ ନମ୍ବର ବିଶିଷ୍ଟ ବାଲି ବୋଝଇ ହାଇଓ୍ୱାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମାତ୍ର ବାଲି ବୋଝେଇ ହାଇଓ୍ୱା ନଅଟକି ଦ୍ରୁତ ଗତିରେ ପଳାଇଥିଲା । ଏନଫୋର୍ସମେଣ୍ଟ ଟିମକୁ ସାଇଟ ମାରି ଦ୍ରୁତ ଗତିରେ ପଳାଇଯିବା ସହିତ ଫୋନ ଯୋଗେ ମାଲିକଙ୍କୁ ଖବର ଦେଇଥିଲା ବାଲି ବୋଝେଇ ହାଇଓ୍ୱାକୁ ଧରିବା ପାଇଁ ଅତିରିକ୍ତ ତହସିଲଦାରଙ୍କ ଗାଡି ଗୋଡାଇଥିଲେ ମଧ ହାଇଓ୍ୱା ଅଟକି ନଥିଲା କି ସାଇଟ ଦେଇନଥିଲା । କିଛି ବାଟ ଗୋଡାଇ ଯିବା ପରେ ଅନ୍ୟ ଏକ କାର ଓଡି -୦୫-ସି ଜେ -୧୦୬୭ ବାରମ୍ବାର ହର୍ନ ମାରି ହାଇଓ୍ୱା ଓ ଅତିରିକ୍ତ ତହସିଲଦାରଙ୍କ ଗାଡି ମଝିରେ ପଶିଥିଲା ।କାର ମଧ ସରକାରୀ ଗାଡିକୁ ସାଇଟ ଦେଇନଥିଲା । ରାଜନଗର ଗୁପ୍ତି ରାସ୍ତାରେ ପ୍ରାୟ ୧୫ କିଲୋମିଟର ଯିବା ପରେ ହାଇଓ୍ୱା କାଠପଙ୍ଗରା ଗାଁ ଭିତରକୁ ପଶିଥିଲା । ଗାଁ ଛକ ନିକଟରେ ହାଇଓ୍ୱା ପଛପଟରୁ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା ।ଏହାପରେ ଗାଁ ରାସ୍ତାରେ ବାଲି ଢାଳି ଦ୍ରୁତ ଗତିରେ ପଳାଇଥିଲା । ରାସ୍ତା ଉପରେ ବାଲି ଯୋଗୁ ହାଇଓ୍ୱା ମାଲିକଙ୍କ କାର ସରକାରୀ ଗାଡି ଆଗରେ ରହିଯାଇଥିଲା ।ସ୍ଥାନୀୟ ଲୋକେ ପହଞ୍ଚି ଗାଡି ଓ ଗାଡି ମାଲିକଙ୍କୁ ଅଟକ ରଖିଥିଲେ ।ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ ପହଞ୍ଚିବା ପରେ ପୋଲିସ ଉପସ୍ଥିତରେ ଗାଡି ମାଲିକ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ ସହିତ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିଛନ୍ତି । ପୋଲିସ କାର ଜବତ କରିବା ସହିତ ମାଲିକଙ୍କୁ ଗିରଫ କରିଥିବା ଜଣାପଡିଛି । ଫେରାର ହାଇଓ୍ୱାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ ଜାରି ରଖିଛି । ଏନେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦ୍ରପଡା ଖଣି ଅଧିକାରୀଙ୍କୁ ତହସିଲଦାର ଜଣାଇଥିବା ଜଣାପଡିଛି ।

# ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ପାଳିତ

ଜଗତସିଂହପୁର,(ସବ୍ୟୁ): ଆଜି ପୂର୍ବାହ୍ନରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅବକାରୀ ବିଭାଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗ ଦେଇ କହିଲେ ଯେ, ସଠିକ କାର୍ଯ୍ୟାନୁଷ୍ଠାନ, ସମସ୍ତଙ୍କ ସହଭାଗିତା, ସତର୍କ ଏବଂ ସଚେତନ ନାଗରିକ ରହିଲେ ହିଁ ଏକ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇପାରିବ । ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନିଶା ନିବାରଣ ଏକ ଆହଓ୍ୱାନ ଏବଂ ପ୍ରଶାସନ, ପୋଲିସ ଓ ସଚେତନ ନାଗରିକ ଙ୍କ ମିଳିତ ଉଦ୍ୟମ ରେ ଏହାକୁ ପ୍ରତିହତ କରିହେବ ବୋଲି କହିଥିଲେ ।ଏ ବର୍ଷ ର ଥିମ ବିଶ୍ୱ ନିଶା ସମସ୍ୟା: ସ୍ଥାୟୀ ସମସ୍ୟା, ନୂତନ ଚ୍ୟାଲେଞ୍ଜ ଓ ଅଭିନବ ପ୍ରୟାସ ଉପରେ ଆଲୋକପାତ କରିଥିଲେ ।ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଉପସ୍ଥିତ ଯୁବ



ପୀଢ଼ି ଙ୍କୁ ନିଶା ଠାରୁ ଦୂରରେ ରହିବା ପାଇଁ ଆହ୍ୱାନ ଦେଇଥିଲେ ।ଅବକାରୀ ବିଭାଗ ଇନ୍ସପେକଫର ପ୍ରଭାସ କୁମାର ଚୌଧୁରୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥାପନ କରିବା ସହ ଜିଲ୍ଲାରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ସମ୍ପର୍କ ରେ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରାରମ୍ଭ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ସ୍ୱାଗତ ଭାଷଣ କରିଥିଲେଓଶେଷରେ ପ୍ରବନ୍ଧ ଲିଖନ, ବକ୍ତୃତା ତଥା ଚିତ୍ରାଙ୍କନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ବିଶିଷ୍ଟ ଶିକ୍ଷବି ସୁଭାଷ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସଭାରେ ସାଧାରଣ ଜନତା, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି,ବିଦ୍ୟାଳୟ ଛାତ୍ର ଛାତ୍ରୀ , ଅବକାରୀ ଏବଂ ସାମାଜିକ ସୁରକ୍ଷା ବିଭାଗ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଥିଲେ ।

ଏହି ଦିବସ ଅବସରରେ ପୂର୍ବାହ୍ନ ୯ ଟା ସମୟରେ ଜିଲ୍ଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କଲେକଫରେଟ ପଡିଆ ଠାରୁ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଓ ପୁନଶ୍ଚ ପର୍ଯ୍ୟନ୍ତ କଲେକଫରେଟ ପଡିଆ ପର୍ଯ୍ୟନ୍ତ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ, କର୍ମଚାରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଏହାକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବକାରୀ ଅଧୀକ୍ଷକ ଅନିତା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଙ୍କ ସହ ଅବକାରୀ ଓ ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କ୍ରିଷ୍ଣାନନ୍ଦ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସମ୍ପାଦକ

ନାଉଗାଁ ,(ସବୁ):ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ସଂଗଠନକୁ କ୍ରିୟାଶୀଳ କରିବା ନିମନ୍ତେ ନୂତନ ରାଜ୍ୟ କମିଟି ଘୋଷଣା କରାଯାଇଛି । ଏହି ନୂତନ କମିଟିରେ ନାଉଗାଁ ଅଞ୍ଚଳର ଯୁବ ନେତା କ୍ରିଷ୍ଣାନନ୍ଦ ସାହୁଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଦଳର ଏହି ନିଷ୍ପତ୍ତିକୁ ସଂଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦଳୀୟ ମହଲରେ ମତ ପ୍ରକାଶ ପାଇଛି ।ଶ୍ରୀ ସାହୁ ଦୀର୍ଘଦିନ ଧରି ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିବା ବେଳେ ତାଙ୍କର ସାଙ୍ଗଠନିକ ଦକ୍ଷତା, ଜନସମ୍ପର୍କ ଏବଂ ଦଳ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ବିଚାର କରି ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ନିଯୁକ୍ତି ପରେ ଶ୍ରୀ ସାହୁ ଦଳର ସୁପ୍ରିମୋ ମହମ୍ମଦ ମୋକିମଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି ଯେ, ଦଳ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛି, ତାହାକୁ ସେ ସମ୍ପୂର୍ଣ୍ଣ ନିଷ୍ଠା, ସତତା ଓ ଦାୟିତ୍ୱବୋଧର ସହ ପାଳନ କରିବେ ।



# ନାବାଳିକାକୁ ବିବାହ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ବାଲିଗରି ଗ୍ରାମର ଜଣେ ନାବାଳିକାକୁ ବିବାହ କରିଥିବା ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଗିରଫ ଯୁବକ ଜେନାପୁର ଥାନା ପାରୀକ୍ଷେତ ଗ୍ରମର ବାଙ୍କା ମଲିକଙ୍କ ପୁଅ ହରିହର ମଲିକ ( ୩୧) ବୋଲି ଜଣାପଡିଛି। ସୂଚନା ମୁବକ ହରିହର ଗତ ବର୍ଷ ବାଲିଗରି ଗ୍ରାମର ୧୬ ବର୍ଷିଆ ନାବାଳିକାକୁ ବିବାହ କରି ଘର ଜ୍ୱାଇଁଆ ଭାବେ ସେଠାରେ ରହୁଥିଲେ। ବର୍ଷକ ପରେ ଗତ ୨୧ ତାରିଖରେ ନାବାଳିକା ଜଣକ ଧର୍ମଶାଳା ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ଘଟଣା ସାମନାକୁ ଆସିଥିଲା। ଏସମ୍ପର୍କରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଗତ ୨୨ ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ୨୬୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନାବାଳିକାକୁ ବିବାହ କରିବା ଅଭିଯୋଗରେ ପୁଲିସ ସ୍ୱାମୀ ହରିହର ମଲିକଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ଡେରାବିଶ,(ସବ୍ୟୁ) : ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଫଂଚୁପାଣ୍ଡବ ଛକ ନିକଟସ୍ଥ ଏକ ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ ଧକାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶିଶୁପୁତ୍ର ସମେତ ଜଣେ ମହିଳା ଗୁରୁତର ଆହାତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଂଚଳର ରାଜୁ ବେହେରା (୨୪) କେନ୍ଦ୍ରାପଡ଼ାରୁ ନିଜ ଘରକୁ ଏକ ସ୍କୁଟି (ଓଡି-୦୨-୭୨୪୩) ରେ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଓ ଏକ ଶିଶୁପୁତ୍ର ଧରି ତାଙ୍କ ଘରକୁ ଫେରୁଥିବା ବେଳେ ପଛପଟରୁ ତାଙ୍କୁ ଏକ ଟ୍ରକ (ଓ.ଆର.-୦୪-ଏମ୍-୬୦୯୪)ଧକା ଦେଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି।

## କୃଷକ ସମ୍ମାନ ଓ ଜଗନ୍ନାଥ ମାର୍କା ମାଗ୍ନେସିୟମ ସଲଫେଟ ସାର ଉଦ୍‌ଘାଟନ ସମାରୋହ



କୋଣାର୍କ, (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ପାଗୋଡା ଇନ ହୋଟେଲ ସମ୍ମେଳନ କକ୍ଷ ଠାରେ ଜଗନ୍ନାଥ ମିଶ୍ର ଧାତୁ ପ୍ରାଇଭେଟ ଲିମିଟେଡ ପକ୍ଷରୁ କୃଷି ଓ କୃଷକ କଲ୍ୟାଣ ନିମନ୍ତେ ପ୍ରସ୍ତୁତ ମାଗ୍ନେସିୟମ ସଲଫେଟ ସାର ଉଦଘାଟନ ସମାରୋହ ଓ କୃଷକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କୃଷିବିତ ତଥା କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳାର ଅଧ୍ୟକ୍ଷ ମୁକେଶ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହ ଓ କୃଷକ ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେପି ନେତା ଡକଟର ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଜଗନ୍ନାଥ ମିଶ୍ର ଧାତୁ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରସ୍ତୁତ ମାଗ୍ନେସିୟମ ସଲଫେଟ ସାର କୃଷି ଓ କୃଷକ କଲ୍ୟାଣ ଦିଗରେ ବିଶେଷ ଉପାଦେୟ ହେବା ସହିତ ବିଭିନ୍ନ ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି, କୃଷକ ମାନଙ୍କୁ ରୋଜଗାର ଓ ଆତ୍ମ ନିଯୁକ୍ତି ପ୍ରଦାନ କରିବା ସହ ମାଟିର ସନ୍ତୁଳନ ରକ୍ଷା କରି ସାମ୍ପ୍ରତିକ ସମୟରେ ଏକ ଅମୂଲ୍ୟ ବରଦାନ ସଦୃଶ ବୋଲି ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ଶତାଧିକ କୃଷକ ଓ କୃଷିବିତ ମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଯୁଧିଷ୍ଠିର ସାଇଁ, ବାପି ପଣ୍ଡା ଓ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ୧୦ରୁ ଉର୍ଦ୍ଧ୍ୱ କୃଷକ ମାନଙ୍କୁ କୃଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ସଂଗଠନ ପକ୍ଷରୁ ମାଗ୍ନେସିୟମ ସଲଫେଟ ସାର ବିତରଣ କରାଯାଇଥିଲା । ଆଗାମୀ ଦିନରେ ଏହି ସାରର ଭାରତର ସମସ୍ତ କୃଷକ ମାନଙ୍କ କଲ୍ୟାଣ ଓ ଉତ୍ପାଦନ ବୃଦ୍ଧି ଦିଗରେ ବିଶେଷ ଭୂମିକା ନିର୍ବାହ କରିବ ବୋଲି କୃଷିବିତ ମୁକେଶ ଜୈନ ମତବ୍ୟକ୍ତ କରିଛନ୍ତି ।

### ବାଲିଅନ୍ତାରେ ମାଟି ମାଫିଆଙ୍କ ଖୋଲା ଚ୍ୟାଲେଞ୍ଜ !

## ସରକାରୀ ଜମି ତାଡ଼ିଲେ, ଅଧିକାରୀଙ୍କୁ ଧମକ ଦେଲେ

ଫୁଲନଖରା, (ସବ୍ୟୁ) : ରାଜ୍ୟ ସରକାର ଏକପଟେ ସୁଶାସନ, ସଓ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ନାରା ଦେଉଥିବା ବେଳେ ଅନ୍ୟପଟେ ଭୁବନେଶ୍ୱର ଉପକ= ବାଲିଅନ୍ତା ତହସିଲ ଅନ୍ତର୍ଗତ ମହାନ୍ତିପାଟନା ଗ୍ରାମରେ ଘଟିଥିବା ଘଟଣା ସେହି ଦାବି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୋଗ ହେଉଛି, ଦିନ ଦ୍ୱିପ୍ରହରରେ ଜେସିବି ଲଗାଇ ସରକାରୀ ଗୋଚର ଜମିରୁ ବେଆଇନ ଭାବେ ବ୍ୟାପକ ମାଟି ଉତ୍ତୋଳନ କରାଯାଇ ଅନ୍ୟ ଏକ ସରକାରୀ ଜମିରେ ରାସ୍ତା ନିର୍ମାଣ କରାଯାଇଛି । ଫଳରେ ଯେଉଁ ସ୍ଥାନରୁ ମାଟି ନିଆଯାଇଛି, ତାହା ଏବେ ଏକ ବିଶାଳ ଗର୍ତ୍ତ ଓ ପୋଖରୀର ଆକାର ଧାରଣ କରିଛି ।ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଏହା କୌଣସି ଆକସ୍ମିକ ଘଟଣା ନୁହେଁ ।

ଦୀର୍ଘଦିନ ଧରି କିଛି ପ୍ରଭାବଶାଳୀ ମାଟି ମାଫିଆ ସରକାରୀ ଜମିକୁ ନିଜ ବାପପୁରୁଷଙ୍କ ସମ୍ପତ୍ତି ଭଳି ବ୍ୟବହାର କରି



ଖୋଲାଖୋଲି ମାଟି ଉତ୍ତୋଳନ କରୁଥିବା ଅଭିଯୋଗ ରହିଛି । ଆହୁରି ଚିନ୍ତାଜନକ କଥା ହେଉଛି, ଏସବୁ କାର୍ଯ୍ୟକଳାପ ସ୍ଥାନୀୟ ରାଜସ୍ୱ ବିଭାଗର ନାକ ତଳେ ଘଟୁଥିଲେ ମଧ୍ୟ ସେଗୁଡ଼ିକୁ ରୋକିବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି । ଅଭିଯୋଗର ତୀର ସିଧାସଳଖ ସମ୍ପୃକ୍ତ ରାଜସ୍ୱନିରୀକ୍ଷକଙ୍କ ଆଡ଼କୁ ଯାଉଛି । ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ତହସିଲଦାର ପାହାଳ ଥାନା ପୋଲିସ ସହ ଘଟଣାସ୍ଥଳକୁ ପହଞ୍ଚିଥିଲେ । କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ଜେସିବି ସମେତ ମାଟି ଉତ୍ତୋଳନରେ ବ୍ୟବହୃତ ସମସ୍ତ ସାମଗ୍ରୀ ସ୍ଥଳ ଛାଡ଼ି ଫେରାର ହୋଇଯାଇଥିବା କୁହାଯାଉଛି । ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଘଟଣାସ୍ଥଳରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବା ସହ ଧମକପୂର୍ଣ୍ଣ ଆଚରଣ କରିଥିଲେ । ଏପରିକି ଘଟଣାର କଭରେଜ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ମଧ୍ୟ ଅସଦାଚରଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଘଟଣା ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୌଣସି ଦୃଶ୍ୟମାନ ଆଇନଗତ ପଦକ୍ଷେପ ନ ହେବା ପ୍ରଶାସନର ଦୃଢ଼ତା ଉପରେ ଗଭୀର ପ୍ରଶ୍ନ ଉଠାଇଛି ।ଏହି ପ୍ରସଙ୍ଗରେ ବାଲିଅନ୍ତା ତହସିଲଦାରଙ୍କ ପ୍ରତିକ୍ରିୟା ମଧ୍ୟ ବିବାଦକୁ ଆହୁରି ତୀବ୍ର କରିଛି । ସେ କହିଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତିମାନେ ପରେ ଅଫିସକୁ ଆସି ନିଜ ଭୁଲ ସଓ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ । ଅତୀତରେ ଏହି ରାଜସଓ୍ୱ ସର୍କଲକୁ ନେଇ ଭିଜିଲାନ୍ସ ଚଢ଼ାଉ ମଧ୍ୟ ହୋଇଥିବା ରେକର୍ଡ ରହିଛି । ତଥାପି ବାରମ୍ବାର ସମାନ ଧରଣର ଅଭିଯୋଗ ସାମ୍ନାକୁ ଆସୁଥିବାରୁ ରାଜସଓ୍ୱ ବ୍ୟବସ୍ଥାର ସ୍ୱଚ୍ଛତା ଓ ଜବାବଦେହିତା ଉପରେ ସନ୍ଦେହ ଆହୁରି ବଢ଼ିଛି ।

## ବନଖଣ୍ଡ ଅଧିକାରୀଙ୍କୁ କୃଷକଙ୍କ ଦାବିପତ୍ର

ଆଠଗଡ,(ସବ୍ୟୁ): ଆଠଗଡ ନଖଣ୍ଡ ଅନ୍ତର୍ଗତ ଖୁଣ୍ଟୁଣୀ ବନାଞ୍ଚଳର ଧୁରୁଷିଆ ପଞ୍ଚାୟତରେ ବନ୍ୟଜନ୍ତୁ ଯଥା ହାତୀ,ହରିଣ,ବାରହା,ମାଙ୍କଡ ଆଦିଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେଉଛି ।ନିକଟସ୍ଥ ଖଲଖଲା,ରମ୍ପା,ସୁ।ସୀ ଆଦି ସଂରକ୍ଷିତ ଜଙ୍ଗଲରୁ ଏହି ବନ୍ୟଜନ୍ତୁମାନେ ଆସି ଏହାର ସଂଲଗ୍ନ ପ୍ରାୟ ୩୦୦ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି ।ଚାଷ ଉପରେ ନିର୍ଭରଶୀଳ ଆଖପାଖ ର ପ୍ରାୟ ୧୫୦ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯିବା ସହିତ ଜୀବିକା ହରାଇ ସର୍ବସ୍ୱାନ୍ତ ହୋଇପଡିଛନ୍ତି । ମଙ୍ଗଳବାର ଦିନ ଧୁରୁଷିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜେନା ପୁର,ଗୋପାଳ ପ୍ରସାଦ, ଜଗମୋହନ ପୁର,ଗଜାମ୍ବ,ଧୁରୁଷିଆ ଆଦି ଗ୍ରାମର ଗ୍ରାମର ହରେକୃଷ୍ଣ ବେହେରା,ଉମେଶ ଚନ୍ଦ୍ର ବେହେରା,ସୁଶିଲ ଲେଙ୍କା ଜିତେନ୍ଦ୍ର ବେହେରା, ଧନେଶର ରାଉତ, ରଶ୍ମୀ ରଂଜନ ଲେଙ୍କା ବୈକୁଣ୍ଠ ଚନ୍ଦ୍ର ବିଶ୍ୱାଳ ସମେତ ଶତାଧିକ ଚାଷୀ ଆଠଗଡ ସ୍ଥିତ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ଙ୍କୁ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠରେ ଭେଟି ଆଲୋଚନା କରିଥିଲେ । ଏଥି ସହ ସମ୍ପୃକ୍ତ ଅଞ୍ଚଳର ଚାଷଜମିକୁ ସୌରତାର ଆଡରେ ଆବଦ୍ଧ କରି ସୁରକ୍ଷା ଦେବାପାଇଁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବିପତ୍ର ପ୍ରଦାନ କରିଥିଲେ ।

## ଟାଙ୍ଗୋଲରେ ମାତୃପୂଜନ ଉତ୍ସବ ଓ ବସୁଧା ମାତା ସମ୍ମାନ ସମାରୋହ ଉଦ୍‌ଘାଟିତ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଲସ୍ଥିତ 'ମା' ତାରାଦେବୀ ନାଟ୍ୟ ସଂସଦ' ଆନୁକୂଲ୍ୟରେ ଦୁଇଦିନିଆ ଭବ୍ୟ ମାତୃପୂଜନ ଉତ୍ସବ - ୨୦୨୬ ଏବଂ ବସୁଧା ମାତା ସମ୍ମାନ ଓ ମା' ତାରାଦେବୀ ଗୌରବ ସମାଜସେବା ସମ୍ମାନ ସମାରୋହ ଆରମ୍ଭ ହୋଇଯାଇଛି । ପ୍ରଥମ ଦିବସର ଏହି ଭବ୍ୟ ସଭାରେ ମା' ତାରାଦେବୀ ନାଟ୍ୟ ସଂସଦର ଉପଦେଷ୍ଟା ରୋଟାରୀଆନ ଡକଟର ଆଲୋକ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ରମେଶ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଇଂ ସସ୍ମିତା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ ମୁଖ୍ୟ ବକ୍ତା ଭାବେ ନିଜର ବକ୍ତବ୍ୟ ରଖି ମାତୃଜାତିର ତ୍ୟାଗ ଓ ସମାଜ ପ୍ରତି ସେମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ ।ଏହା ସହିତ ସ୍ୱତନ୍ତ୍ରଅତିଥି ଭାବେ ବରଗଡ଼ ଧନୁଯାତ୍ରାର ପ୍ରସିଦ୍ଧ କଂସ ମହାରାଜା ଅଭିନେତା ନାଟ୍ୟଶ୍ରୀ ଦେବରାଜ ଛତ୍ରିଆ ଯୋଗଦେଇ ଉତ୍ସବର ଶୋଭା ବଢ଼ାଇଥିଲେ । ସମ୍ମାନିତ ଅତିଥି ଭାବେ ଆଡଭୋକେଟ ରାମକାନ୍ତ ମହାପାତ୍ର (ଅଧ୍ୟକ୍ଷ, ବିଦ୍ୟା ଟ୍ରଷ୍ଟ),ଶ୍ରୀମତୀ ସୁମିତ୍ରା ପଣ୍ଡା (ସମାଜସେବୀ),ଡକଟର ସୁଶାନ୍ତ ଶତପଥୀ ( ଲେଖକ), ରଜନୀକାନ୍ତ ଲେଙ୍କା (ଉଦ୍ୟୋଗୀ) ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସଭା ଶେଷରେ କ୍ଲବ୍ର ଉପଦେଷ୍ଟା ଆଡଭୋକେଟ ପ୍ରଭାତ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣ ମହିଳାଙ୍କୁ ସମ୍ମାନଜନକ ବସୁଧା ମାତା ସମ୍ମାନ ରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଏଥିରେ ବରଗଡ଼ କଂସ ମହାରାଜାଙ୍କ ମଥୁରା ନାଟକ, ଓଡ଼ିଶୀ ନୃତ୍ୟ, ପାଇକ ଆଖଡ଼ା ଏବଂ ଝିଅ ପାଲଟିଲା ବୋଝ ଭଳି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ସମଗ୍ର କାର୍ଯ୍ୟକ୍ରମକୁ ଲୋକନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ଚମ୍ପତି, ଦାମୋଦର ଜୟସିଂହ, ବମ୍ବଧର ସ୍ୱାଇଁ, ହରି ବେହେରା ଏବଂ ପ୍ରଶାନ୍ତ ବେହେରା ପ୍ରମୁଖ ସଦସ୍ୟମାନେ ସୂଚାରୁରୂପେ ପରିଚାଳନା କରିଥିଲେ ।

## ମାଣିଆବନ୍ଧ ଥାନା କୁଆଁପାଳ ଛକ ନିକଟରେ ଗୁଳିମାଡ଼

ଆଠଗଡ଼,(ସବ୍ୟୁ) : ସକାଳ ସମୟରେ ଜଣେ ଯୁବକଙ୍କୁ ତିନି ଜଣ ଦୁର୍ବୃତ୍ତଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି । ଘଟଣାରୁ ପ୍ରକାଶ ସନ୍ତରାବଳି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ କାଳିଆ ଜେନା ସକାଳ ସମୟରେ ସେଲୁନକୁ ଆସୁଥିବା ସମୟରେ ତିନିଜଣ ଯୁବକ ଏକ ବାଇକରେ ଆସି ମାଣିଆବନ୍ଧ ଥାନା ନିକଟ କୁଆଁପାଳ ଛକ ନିକଟରେ କାଳିଆ ଜେନାଙ୍କୁ ତିନି ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଛନ୍ତି । କାଳିଆ ଜେନାଙ୍କ ଛାତି ଏବଂ ଗୋଡ଼ରେ ଗୁଳିମାଡ଼ ହୋଇଥିବା ଜଣାପଡିଛି । କାଳିଆକୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡ଼ାକ୍ତରଖାନାକୁ ଆଣିଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

### ଏସଆଇଆର୍ ୨୦୨୬ ଅଭିଯାନ

## ଦଳବାଡ଼ରେ ନିର୍ବାଚନୀ କର୍ମକର୍ତ୍ତାଙ୍କ ବୈଠକ

ଫୁଲନଖରା ,(ସବ୍ୟୁ): ଦେଶରର ନିର୍ବାଚନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଗଣତାନ୍ତ୍ରିକ କରିବା ଲକ୍ଷ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ (ଏସ. ଆ ଇ.ଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଆଳି ବିଧାନସଭା କ୍ଷେତ୍ରର ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନର ବୁଥ ନମ୍ବର୬, ଦଳବାଡ଼ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବି ଏଲଓ ,ବଏଲ ଏ ଓ ବିଏଲ ଓ ସୁପରଭାଇଜରଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବାରଙ୍ଗ ତହସିଲଦାର ଯୋଗ ଦେଇଥିଲେ । ଏହି ବୈଠକରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା ଏବଂ ଯୋଗ୍ୟ ମତଦାତାଙ୍କ ନାମ ତାଲିକାରେ ସଠିକ ଭାବେ ଅନ୍ତର୍ଭୁକ୍ତ କରିବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ସମ୍ପୃକ୍ତ ବୁଥର ବୁଥ ଲେଭେଲ ଅଫିସର ପ୍ରଭାତ କୁମାର ରଥ ଉପସ୍ଥିତ ରହି କ୍ଷେତ୍ରସ୍ତରରେ ଭୋଟର ତାଲିକା ପ୍ରସ୍ତୁତି, ନୂତନ ଭୋଟର ଅନ୍ତର୍ଭୁକ୍ତି, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ସଂଗ୍ରହ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସେହିପରି ବୈଠକରେ ବୁଥ ଲେଭେଲ ଏଜେଣ୍ଟ ଭାବେ ପ୍ରଦୀପ କୁମାର ସୁନ୍ଦରରାୟ ଓ ହିମାଂଶୁ ଶେଖର ମହାପାତ୍ର ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ରାଜନୈତିକ ଦଳମାନଙ୍କ ସହଯୋଗ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ ପାଇଁ ଆବଶ୍ୟକ ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ । ଅଙ୍ଗନୱାଡି କର୍ମୀ ସଞ୍ଜୁକ୍ତା ଶତପଥୀ , ବୀଣାପାଣି ସାହୁ, ଆଶାକର୍ମୀ ଖୁଲଣା ଭୋଇ, ସବିତା କାଣ୍ଡି ଏବଂ ସରକାରୀ କର୍ମଚାରୀ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଭୋଟର ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ନିଜ ନିଜ ମତାମତ ରଖିଥିଲେ । ବୈଠକରେ ସୁପରଭାଇଜର ପ୍ରଦୀପ କୁମାର ବାରିକ ଉପସ୍ଥିତ ରହି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ପରିଚାଳନା, ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତି, ଡୁପ୍ଲିକେଟ ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ଅପସାରଣ ସହ ମତଦାତା ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ କୌଣସି ଯୋଗ୍ୟ ମତଦାତା ଯେପରି ବାଦ ନପଡ଼ନ୍ତି ସେଥିପାଇଁ ସମସ୍ତ ସ୍ତରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ଜନପ୍ରତିନିଧିଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ । ଏସଆଇଆର୍୨୦୨୬ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ଜନତାଙ୍କ ସହଭାଗିତା ବୃଦ୍ଧି ପାଇବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଥିଲା ।

### ଚମ୍ପାଗଡ଼ ପୋଖରୀକୁ ପମ୍ପ ଲଗାଇ

## ପାଣି ଶୁଖାଇବା ଉଦ୍ୟମ

ରଣପୁର, (ସବ୍ୟୁ): ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ ପଞ୍ଚାୟତ ଚମ୍ପାଗଡ ଗାଁ ରେ ଏକ ମାତ୍ର ପୋଖରୀ ରହିଅଛି ।ଗ୍ରାମ ର ପ୍ରାୟ ୨୦୦୦ ରୁ ଉର୍ଦ୍ଧ ଲୋକ ଗାଧୋଇବା ଓ ଚାଷ ବାସ କରିବା ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି । ୩ ଦିନ ଧରି ନିଲାମଦାର ଚମ୍ପାଗଡ ଗ୍ରାମର ଭାସ୍କର ସୁନ୍ଦରାୟ ଙ୍କ ସମେତ କିଛି ଦୁର୍ବୃତ୍ତ ଶ୍ରେଣୀର ଲୋକ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଚମ୍ପାଗଡ ଗାଁ ପୋଖରୀକୁ ତିନୋଟି ପମ୍ପ ଲଗାଇ ପାଣି ସମ୍ପୂର୍ଣ୍ଣ ଶୁଖାଇ ସାରିଲେଣି ।

ଏ ସମ୍ପର୍କେ ଗ୍ରାମବାସୀ ଚମ୍ପାଗଡ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ରଣପୁର ବ୍ଲକ ଅଧିକାରୀଙ୍କୁ ପଚାରିବାରେ ସେ ବିଷୟରେ ଆମେ ଜାଣିନାହୁଁ ବୋଲି କହିଛନ୍ତି ।ଏହି ପୋଖରୀରୁ ପାଣି ଶୁଖିଯିବା ଫଳରେ ଗ୍ରାମର ଅନେକ ଲୋକ ଗାଧୋଇବା ପାଇଁ ଅସୁବିଧା ଭୋଗୁଛନ୍ତି । ପାଣିପାଗ ବେଶେଷଜ୍ଞ ଙ୍କ ଆକଳନ ଅନୁଯାୟୀ ଏ ବର୍ଷ ଆଲିନୋ ପ୍ରଭାବ ଯୋଗୁଁ ବର୍ଷା କମ ହେବ । ତେଣୁ ଜଳ ସଙ୍କଟ ସମୟରେ କିଭଳି ଭାବେ ପ୍ରଶାସନର ଅଜ୍ଞାତରେ ଚମ୍ପାଗଡ ପୋଖରୀ ପାଣି କୁ ୩ ଟି ପାଣି ପମ୍ପ ଲଗାଇ ପୋଖରୀ ଶୁଖାଯାଉଛି । ଏହି ପୋଖରୀଟିକୁ ଅମୃତ ସରୋବର, ବିଧାୟକ ଅନୁଦାନ ପାଣ୍ଠି ଓ ଅନ୍ୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ କାମ କରାଯାଇଥିଲା ।ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିଲା । ଏଥିରେ ବ୍ୟାପକ ସରକାରୀ ଅର୍ଥ ଆତ୍ମସାତ ଓ ହଡ଼ପ କରିବା ଅଭିଯୋଗ ମଧ୍ୟ ହୋଇଥଲା । ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଚାଲୁଥିବା ସମୟରେ ସେଥିରୁ ବଞ୍ଚିବା ପାଇଁ ଠିକାଦାର ପୋଖରୀରୁ ପାଣି ଶୁଖାଇବା ପାଇଁ ମସୁଧା ଚଳାଇଛନ୍ତି ।

## ଶିଖରପୁରରେ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିନ ଅବସରରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ସେବା ଭିତ୍ତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସରପଞ୍ଚ କିରଣବାଳା ସାହୁଙ୍କ ପ୍ରତ୍ୟକ୍ଷ ତ%୦ବଧାନରେ ଅନୁଷ୍ଠିତ ଏହି ଶିବିରରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ସହ ଚିକିତ୍ସା କରାଯାଇ ମାଗଣା ଔଷଧ, ଚଷମା ଓ ଯୋଗ୍ୟ ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା ।

ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସକ୍ଷମ ଓଡ଼ିଶା ଓ ଭୂମିକା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଅଭିଷାର ପଣ୍ଡା, ଡଃ ରବିନ୍ଦ୍ର କୁମାର ସାହୁ,ବରିଷ୍ଠ ଚକ୍ଷୁ ଚିକିତ୍ସକ ଡାକ୍ତର




ସୁବ୍ରତ କୁମାର ବିଶୋଇଙ୍କ ସହ ସହଯୋଗୀ ମାନେ ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ସେବା ହିଁ ପରମ ଧର୍ମ ଓ ସୁସ୍ଥତା ହିଁ ଶ୍ରେଷ୍ଠ କର୍ମକୁ ପ୍ରାଥମିକତା ଦେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ବିଜେପି ଦଳର ନୟାଗଡ଼ ଜିଲ୍ଲା ପ୍ରଭାରୀ ସୁରଥ ବିଶାଳ, ସକ୍ଷମ ଓଡ଼ିଶାର ଉପ ସଭାପତି ରୀତା ବେହେରା,ସାଧାରଣ ସମ୍ପାଦିକା ମଧୁସ୍ମିତା ଜେନା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ସ୍ଥାନୀୟ ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ବନମାଳୀ ଦ୍ୱାରୀ, ସମିତି ସଭ୍ୟ ନିର୍ମଳ ତ୍ରିପାଠୀ, ଯୋଗିଆ ପଲ୍ଲୀର ପୂର୍ବତନ ସରପଞ୍ଚ ପରିକ୍ଷୀତ ଜାନୀ, ପଞ୍ଚାୟତନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସହ ସ୍ଥାନୀୟ ନେତୃବୃନ୍ଦ ସହଯୋଗ କରିଥିଲେ । ଶିଖରପୁର ସମେତ ଆଖପାଖ ଅଞ୍ଚଳର ସହସ୍ରାଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେବା ପାଇଥିବା ଜଣାଯାଇଛି ।

## ବିଦ୍ୟୁତ ତାର ସହିତ କବାଡିଆ ସାମଗ୍ରୀ ବୋଝେଇ ଟ୍ରକ ଜବତ: ଜଣେ ଅଟକ

ଆଠଗଡ ,(ସବ୍ୟୁ) : ବିଦ୍ୟୁତ ତାର ଏବଂ କବାଡିଆ ସାମଗ୍ରୀ ନେଇ ଯାଉଥିବା ଗାଡ଼ିକୁ ମାଡିବସିଲା ପୋଲିସ । ଏକ ଟ୍ରକରେ କିଛି ବିଦ୍ୟୁତ ତାର ଏବଂ କବାଡିଆ ସାମଗ୍ରୀ ବୋଝେଇ ହୋଇ ହଂସପାଳରୁ ଅନୁଗୁଳ ଯାଉଥିବା ବେଳେ ଆଠଗଡ଼ ପୋଲିସ ବିରକିଶୋରପୁର ବଜାର ଠାରେ ଟ୍ରକଟିକୁ ଜବତ କରିଛି ଏବଂ ଗାଡ଼ି ଚାଳକକୁ ଅଟକ ରଖି ପଚରାଉଚୁରା ଜାରି ରଖିଛି ।ଜବତ ଟ୍ରକକୁ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଣାଯାଇଛି । ପୋଲିସ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଗୌର ମୋହନ ସାହୁ ଙ୍କୁ ଡାକି ଯାଞ୍ଚ କରିବା ପରେ ସେଥିରେ ବିଦ୍ୟୁତ ସାମଗ୍ରୀ ଏବଂ ଯନ୍ତ୍ରାଂଶ ରହିଥିବା ବେଳେ ଟ୍ରକକୁ ସଂପୂର୍ଣ୍ଣ ଖାଲି କଲେ ବାକି ତା ଭିତରେ କଣ ଅଛି ଜଣାପଡିବ ବୋଲି ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି । ଆଠଗଡ ପୋଲିସ ନୟାଗଡ଼ ଶରଣକୁଳ ଅଞ୍ଚଳର ଡ୍ରାଇଭର ଗୋପାଳ ଚନ୍ଦ୍ର ସାହୁ ଏବଂ ଆଇଚର ଟ୍ରକ ନଂ ଓଡି -୦୨- ବିବି -୯୨୪୧ କୁ ଅଟକ ରଖିଛି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଭେଷେଜ ନିୟନ୍ତ୍ରକଙ୍କ ଦ୍ୱାରା ଔଷଧ ଦୋକାନ ଯାଞ୍ଚ



କାକଟପୁର, (ସବ୍ୟୁ) : ଓଡ଼ିଶା ଭେଷେଜ ନିୟନ୍ତ୍ରକ ଅଧିକାରୀ ମାମିନା ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ସହାୟକ ଭେଷେଜ ନିୟନ୍ତକ ଡ଼ଃ ସୁଦର୍ଶନ ବିଶ୍ୱାଳ ଓ ପୁରୀ ଜିଲ୍ଲା ଭେଷେଜ ନିରୀକ୍ଷକ ହିତେଶ କୁମାର ବେହେରା (ରେଞ୍ଜ-୨) କାକଟପୁର, ଅସ୍ତରଙ୍ଗ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା (୧୫) ରୁ ଉର୍ଦ୍ଧ ଔଷଧ ଦୋକାନ ରେ ଅଚାନକ ପହଁଚି ଔଷଧର ମାନ ନିରୀକ୍ଷଣ କରିଥିଲେ। କେତେକ ଔଷଧ ଦୋକାନରୁ (୧୮)ରୁ ଉର୍ଦ୍ଧ୍ୱ ସାମ୍ପୁଲ ସଂଗ୍ରହ କରି ପରୀକ୍ଷାଗାରକୁ ପରୀକ୍ଷା ନିମନ୍ତେ ସାଥିରେ ନେଇଥିଲେ। ଡ଼ଃ ଙ୍କ ବିନା ପ୍ରେସକ୍ରିପସନରେ ରୋଗୀଙ୍କୁ ଔଷଧ ଦେବା ଅପରାଧ ଓ ଫାର୍ମାସିଷ୍ଟ ଲାଇସେନ୍ସ ନଥିଲେ ଔଷଧ ଦୋକାନ ଖୋଲି ପାରିବେ ନାହିଁ, ଯଦି ବା କେହି ଖୋଲନ୍ତି ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ବୋଲି ଦୋକାନୀ ମାନଙ୍କୁ ଡ଼ଃ ବିଶାଳ ସତର୍କ କରାଇଥିଲେ। ସମସ୍ତ ଔଷଧ ଦୋକାନୀ ମାଲିକ ମାନେ ଏହି ଚଢ଼ାଉ ରେ ସହଯୋଗ କରିଥିଲେ।

## ସିପିଏମର ପ୍ରତିବାଦ ସଭା

ରଣପୁର,(ସବ୍ୟୁ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ନାରୀ ନିର୍ଯାତନା ବିରୋଧରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ସିପିଆଇ (ଏମ) ରଣପୁର ଆଞ୍ଚଳିକ କମିଟି ତରଫରୁ ମଙ୍ଗଳବାର ଅପରାହ୍ନ ୫ ଟାରେ ପଞ୍ଚୁଦୋଳ ଠାରେ ଏକ ପ୍ରତିବାଦ ସଭା ସାଥୀ ଦୁଃସାସନ ଜେନାଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ବର୍ଷର ବିଜେପି ଡବଲ ଇଞ୍ଜିନି ସରକାରର ପୂର୍ତ୍ତି ପାଳନ କରିବା ବେଳେ ଏ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ବକ୍ତାମାନେ ଅଭିଯୋଗ କରିବା ସହ ନାରୀ ନିର୍ଯାତନାଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ବକ୍ତାମାନେ ତୀବ୍ର ନିନ୍ଦା କରିଥିଲେ । ଅନ୍ୟ ପକ୍ଷରେ ଆକାଶ ଛୁଆଁ ଦରବୃଦ୍ଧି , ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ହଜାର ହଜାର ଭୁଲ ଛାତ୍ରଛାତ୍ରୀଙ୍କ ପ୍ରତି ଅନିଶ୍ଚିତ ଶିକ୍ଷା ବ୍ୟବସ୍ଥା ଓ ଅନିଶ୍ଚିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଜନଗଣ ପ୍ରତି ଅତିଷ୍ଠ କରିଛି । ଏହି ପ୍ରତିବାଦ ସଭା ରେ ସିପିଆଇ ଏମ ର ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ,ସମ୍ପାଦକ ମଣ୍ଡଳୀ ସଭ୍ୟ ଦୁଷ୍ମନ୍ତ ଦାସ, ବିଶ୍ୱନାଥ ମାହାପାତ୍ର, ନିତ୍ୟାନନ୍ଦ ପରିଡ଼ା, ସୁରେଶ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ଦେଇ ଥିଲେ ।

## ଅନୁସୂଚିତ ଜାତି ବିଭାଗ ସାଧାରଣ ସମ୍ପାଦକ ଦାୟିତ୍ୱରେ ତପନ କୁମାର

କାକଟପୁର, (ସବ୍ୟୁ) : ଓଡିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ସାଧାରଣ ସମ୍ପାଦକ ଭାବେ ତପନ କୁମର କାଣ୍ଡିଙ୍କୁ ଦାୟିତ୍ୱ ଦିଆଯାଇଛି । ତାଙ୍କୁ ଦାୟିତ୍ୱ ଦେଇଥିବା ଅଖିଳ ଭାରତୀୟ କଂଗ୍ରେସ ସଭାପତି ମଲିକାଅର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ , ଜାତୀୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ଜୀ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡିଶା



ପ୍ରଦେଶ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ ମଲ୍ଲିକ ଓ ପ୍ରଦେଶ କଂଗ୍ରେସ ପୂର୍ବତନ ଉପସଭାପତି ବିଶ୍ୱ ଭୂଷଣ ଦାସ, ପୁରୀ ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଗୋବିନ୍ଦ ମଲ୍ଲିକ ,ଯୁବ କଂଗ୍ରେସ କାଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି ଙ୍କୁ ଶ୍ରୀ କାଣ୍ଡି ଧନ୍ୟବାଦ ଅର୍ପଣ କରିଛନ୍ତି । କାକଟପୁର ଅଞ୍ଚଳର ଯୁବ ଗୋଷ୍ଠୀମାନେ ଶ୍ରୀ କାଣ୍ଡିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ବିପଦ ସାଜିଛି ମୁକୁଳା ଡ୍ରେନ, ଅଭିଯୋଗ କଲେ ବି ମିଳୁନି ସୁଫଳ

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ସହରାଞ୍ଚଳର ୬ ନମ୍ବର ଓ୍ୱାର୍ଡ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଠାରୁ ମହିଳା ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ପାଶ୍ୱର୍ରେ ଥିବା ଡ୍ରେନର ଉନ୍ନତିକରଣ ପାଇଁ ଠିକାଦାର ଡ୍ରେନ ଉପରେ ପଡ଼ିଥିବା ସ୍ଲାବକୁ ଉଠାଇ ଦୀର୍ଘ ଦିନ ଧରି କାର୍ଯ୍ୟ ବନ୍ଦ କରିବା ଯୋଗୁଁ ଗାଈ ଗୋରୁ, ସାଇକେଲ, ଗାଡ଼ି ମୋଟର ଠାରୁ ଆରମ୍ଭ କରି ଏହି ବାଟଦେଇ ଯାଉଥିବା ଛାତ୍ରଛାତ୍ରୀଙ୍କ ସହ ବାଟୋଇ ମାନଙ୍କ ପାଇଁ ଏହି ଡ୍ରେନ ବିପଦ ସାଜିଥିବା ସଂପର୍କରେ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନଥିବା ଜଣାଯାଇଛି ।

ଅଭିଯୋଗରୁ ପ୍ରକାଶ ୭ ଫୁଟରୁ ଅଧିକ ଗଭୀର ଥିବା ଏହି ଡ୍ରେନ ମଧ୍ୟ ଦେଇ ୩ ନମ୍ବର ଓ୍ୱାର୍ଡ କାଦୁଆସାହି ଓ ୪ ନମ୍ବର ୱାର୍ଡ ମଙ୍ଗଳାସାହି ସହ ମାଳିସାହିର ଆବର୍ଜନା ପାଣି ପୂର୍ତ୍ତ ବିଭାଗ ମୁଖ୍ୟ ଡ୍ରେନ କୁ ଯାଇଥାଏ । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ତଳେ ନିର୍ମିତ ହୋଇଥିବା ଏହି ଡ୍ରେନ ର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ଦାୟିତ୍ୱ ଏନ ଏ ସିର ଥିବା ବେଳେ ବିଭିନ୍ନ ଆବର୍ଜନା ଓ ଭଙ୍ଗା ଇଟା,ପଥର ପଡ଼ି ପୋତି ହେବା ଯୋଗୁଁ ଏହି ଡ୍ରେନ ବାଟ ଦେଇ ଠିକ ଭାବେ ଜଳ ନିଷ୍କାସନ ହୋଇପାରୁନଥିବାରୁ ଏହାର ଉନ୍ନତିକରଣ ପାଇଁ ଏନ ଏ ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା ଓ ଠିକାଦାର ମନୋନୟନ ହେବାର ଦୀର୍ଘ ଦିନ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନଥିଲା ।ଏବେ ୨୦ ଦିନ ତଳେ ଠିକାଦାର ଏହି କାର୍ଯ୍ୟ ଆରମ୍ଭ କରି ଡ୍ରେନ ଉପରେ ପଡ଼ିଥିବା କିଛି ସ୍ଲାବକୁ ବାହାର କରି ସେହି ସ୍ଥାନରୁ ଆବର୍ଜନା ସଫା କରି ଡ୍ରେନ କଡ଼ରେ ରଖି କାର୍ଯ୍ୟ ବନ୍ଦ କରିଥିବା ଯୋଗୁଁ ସର୍ବଦା ଚଳଚଞ୍ଚଳ ଥିବା ଏହି ରାସ୍ତା ମରଣଯନ୍ତା ପାଲଟିଛି ।

ଏ ସମ୍ପର୍କରେ ଠିକାଦାର ଠାରୁ ଆରମ୍ଭ କରି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ଆଗକୁ ରଥଯାତ୍ରା ଥିବାରୁ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଡ୍ରେନ ର ଉନ୍ନତିକରଣ କାର୍ଯ୍ୟ ଶେଷ କରାନଗଲେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ତୁରନ୍ତ ଏହି କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିବା ଜଣାଯାଇଛି ।

# ସମ୍ପାଦକୀୟ

## ନିର୍ବାଚନ ପରବର୍ତ୍ତୀ ଓଡ଼ିଶା

ନିର୍ବାଚନ ଅର୍ଥାତ୍ ୨୦୨୪ର ସାଧାରଣ ନିର୍ବାଚନର ଉତ୍ତର କାଳରେ ଓଡ଼ିଶାର ସ୍ଥିତି ଓ ଗତି ଉପରେ ଆଲୋଚନା କରାଯାଉ । ଓଡ଼ିଶାରେ ଦୀର୍ଘ ୨୪ ବର୍ଷର ବିଜେଡି ଶାସନର ଅବସାନ ହୋଇ ରାଜ୍ୟରେ ପ୍ରଥମ ଥର ଲାଗି ବିଜେପି କ୍ଷମତାସୀନ ହୋଇଛି । ନବୀନ ପଟ୍ଟନାୟକଙ୍କ ପରି ଜଣେ ଟାଣୁଆ ନେତା ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିଥିଲେ, ସେଥିମଧ୍ୟରୁ ଗୋଟିଏରେ ସେ ଜିତିଲେ ଓ ଅନ୍ୟଟିରୁ ହାରିଲେ । ଓଡ଼ିଶାର ଜନସାଧାରଣ ଏପରି ହେବ ବୋଲି କେବେ କଳ୍ପନା କରି ନଥିଲେ । ବିଜେଡି ୨୦୨୪ର ସାଧାରଣ ନିର୍ବାଚନରେ ହାରିଗଲେ,ନବୀନଙ୍କ ଘନିଷ୍ଠ ସହଯୋଗୀ ଓ ପରାମର୍ଶଦାତା ଭି.କେ. ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଘୋଷଣା କରିଥିଲେ । ପ୍ରକୃତରେ ସେ ଏବେ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି । କେଉଁଠି ବି ତାଙ୍କୁ ଆଉ ଦେଖିବାକୁ ମିଳୁନି ।

**ଅବଶ୍ୟ ବିଭିନ୍ନ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଦଳୀୟ ଲୋକଙ୍କଦ୍ୱାରା ପୂରଣ ହୋଇ ପାରି ନାହିଁ କି ଖାଲି ପଡ଼ିଥିବା ଆସନରେ ନୂତନ ମନ୍ତ୍ରୀଙ୍କ ସଂଖ୍ୟା ପୂରଣ କରାଯାଇ ପାରୁ ନାହିଁ । ଫଳରେ ଜଣେ ଜଣେ ମନ୍ତ୍ରୀଙ୍କୁ ଏକାଧିକ ବିଭାଗର ଦାୟିତ୍ୱ ତୁଲାଇବାକୁ ପଡୁଛି । ମାତ୍ର ମନ୍ତ୍ରିମଣ୍ଡଳର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପରେ ଏ ସବୁର ଜରୁରୀ ଆବଶ୍ୟକତା ନଥିବା ହୁଏତ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଅନୁଭବ କରୁଥିବେ । ତେବେ, ରାଜନୀତିକ ମହଲରେ ଓ ଗଣ ଯୋଗାଯୋଗ ମହଲରେ ଏ ବିଷୟରେ ହେଉଥିବା ଚର୍ଚ୍ଚାକୁ ମଧ୍ୟ ସାଧାରଣ ଲୋକେ ଆଉ ଗୁରୁତ୍ୱ ଦେଉ ନାହାନ୍ତି ।**

ଅନେକ ଶିକ୍ଷିତ ଓ ସଚେତନ ରାଜ୍ୟବାସୀ ଭାବୁଥିଲେ ରାଜ୍ୟରେ ପ୍ରଭାବଶାଳୀ ବିଜେଡ଼ି ହିଁ ସାଧାରଣ ନିର୍ବାଚନ ପରେ ପୁଣି ଶାସନ କ୍ଷମତାକୁ ଫେରି ପାରିବ । ମାତ୍ର ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଭାବ ଓ ଲୋକପ୍ରିୟତା ଅନ୍ତସ୍ରୋତ ପରି ରାଜ୍ୟରେ ପ୍ରବାହିତ ହେଉଥିଲା । ସେ ଯାହା ହେଉ, ନବୀନ ପଟ୍ଟନାୟକଙ୍କ ସରକାରର ଅବସାନ ଘଟିଗଲା ।

ପରିବର୍ତ୍ତିତ ପରିସ୍ଥିତିରେ ରାଜ୍ୟର ନେତୃତ୍ୱ କିଏ ନେବ ବୋଲି ଯେତେବେଳେ ରାଜନୀତିକ ଓ ଶିକ୍ଷିତ ମହଲରେ ଚର୍ଚ୍ଚା ଆରମ୍ଭ ହେଲା, ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମୋହନ ଚରଣ ମାଝୀଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦବୀ ଦେଇଥିଲେ । ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ ଚାନ୍ଦବାଲି ବିଧାନସଭା ଆସନରୁ ହାରି ଯାଇଥିଲେ । ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ସାଂସଦ ଭାବେ ନିର୍ବାଚିତ ହୋଇ ସାରିଥିଲେ । ତେଣୁ ମୋଦିଜୀ ଜଣେ ସଚ୍ଚୋଟ, ଶିକ୍ଷିତ ଓ ଲଢୁଆ ଆଦିବାସୀ ନେତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ପରେ, ସବୁ କିଛି କଳ୍ପନା ଜଳ୍ପନାର ଅବସାନ ଘଟିଥିଲା । ମୋଦିଜୀ ମଧ୍ୟ ଓଡ଼ିଶାକୁ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱ ଦେବା ସହିତ ଦଳୀୟ ସଂଗଠନକୁ ମଜଭୁତ କରି ପ୍ରଶାସନ ସହିତ ଦଳ ଯେପରି ତାଳ ଦେଇ ଚାଲିବ ସେଥିପାଇଁ ମନମୋହନ ସାମଲଙ୍କୁ ସେ ଆଉ ଥରେ ମଧ୍ୟ ରାଜ୍ୟ ବିଜେପିର ସଭାପତି ଭାବେ ନିର୍ବାଚିତ କରାଇ ଥିଲେ । ଏବେ ବି ଦଳ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସରକାରଙ୍କୁ ମଜଭୁତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଅନେକ ମନ୍ତ୍ରୀ ସେମାନଙ୍କ ବିଭାଗକୁ ସଫଳତାର ସହିତ ସମ୍ଭାଳିବାକୁ ଉଦ୍ୟମ କରି ଆସୁଥିବାବେଳେ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ବିଭାଗ ଦାୟିତ୍ୱରେ ଥିବା ଜଣେ ରାଷ୍ଟ୍ରମନ୍ତ୍ରୀ ତାଙ୍କ ବିଭାଗ ପାଇଁ କିଛି କାମ କରୁଥିବା ପରି ମନେ ହେଉନାହିଁ । ଅବଶ୍ୟ ବିଭିନ୍ନ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଦଳୀୟ ଲୋକଙ୍କଦ୍ୱାରା ପୂରଣ ହୋଇ ପାରି ନାହିଁ କି ଖାଲି ପଡ଼ିଥିବା ଆସନରେ ନୂତନ ମନ୍ତ୍ରୀଙ୍କ ସଂଖ୍ୟା ପୂରଣ କରାଯାଇ ପାରୁ ନାହିଁ ।

ଫଳରେ ଜଣେ ଜଣେ ମନ୍ତ୍ରୀଙ୍କୁ ଏକାଧିକ ବିଭାଗର ଦାୟିତ୍ୱ ତୁଲାଇବାକୁ ପଡୁଛି । ମାତ୍ର ମନ୍ତ୍ରିମଣ୍ଡଳର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପରେ ଏ ସବୁର ଜରୁରୀ ଆବଶ୍ୟକତା ନଥିବା ହୁଏତ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଅନୁଭବ କରୁଥିବେ । ତେବେ, ରାଜନୀତିକ ମହଲରେ ଓ ଗଣଯୋଗାଯୋଗ ମହଲରେ ଏ ବିଷୟରେ ହେଉଥିବା ଚର୍ଚ୍ଚାକୁ ମଧ୍ୟ ସାଧାରଣ ଲୋକେ ଆଉ ଗୁରୁତ୍ୱ ଦେଉ ନାହାନ୍ତି ।

ଅପରପକ୍ଷରେ ରାଜ୍ୟର ବଡ଼ ବିରୋଧୀ ଦଳ ବିଜେଡ଼ି କ୍ଷମତାଚ୍ୟୁତ ହେବାର ଦୁଇ ବର୍ଷ ପରେ ନିଜ ଦଳକୁ ସଜାଡ଼ିବାକୁ ଚାହୁଁଛି । ରାଜନୀତିରୁ ସନ୍ନ୍ୟାସ ନେଇଥିବା ଶ୍ରୀ ପାଣ୍ଡିଆନ ଅବଶ୍ୟ ବିଜେଡ଼ି ରାଜନୀତିରେ ଝଡ଼ ସୃଷ୍ଟି କରିଥିଲେ । ମାତ୍ର ତାଙ୍କର ଓଡ଼ିଆ ପତ୍ନୀ ସୁଜାତା ପାଣ୍ଡିଆନଙ୍କ ବିଜେଡ଼ିରେ ପ୍ରବେଶ ଅନେକ ନେତା ଓ କର୍ମୀଙ୍କୁ ଆଶ୍ୱସ୍ତ କରିଥିବାବେଳେ ଆଉ କେତେକ ନେତା ଓ କର୍ମୀଙ୍କ ମନରେ ଏଥିପାଇଁ ଅସନ୍ତୋଷ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି । ଏକଦା ସୁଜାତା କାର୍ତ୍ତିକେୟନ ରାଉତ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଶାସନ ସଚିବ ଦାୟିତ୍ୱରେ ଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସକ୍ରିୟ କରି ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବା ଲାଗି ଉଦ୍ୟମ କରିଥିଲେ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଥିବା ବେଳେ ତାଙ୍କ ସହଧର୍ମିଣୀ ମହିଳାମାନଙ୍କ ମଧ୍ୟରେ କିପରି ପ୍ରତ୍ୟୟ ସୃଷ୍ଟି କରି ସମ୍ଭାବନାର ସୁମନ ଫୁଟାଇ ପାରିବେ, ତାହା ଜଣା ପଡୁନାହିଁ । ବିଜେଡ଼ିର ଅଧିକାଂଶ ସାଂସଦ, ନେତା ଓ କର୍ମୀ ଏବେ ବିଜେପି ମୁହାଁ । ରାଜ୍ୟରେ କଂଗ୍ରେସ ଦଳ ସକ୍ରିୟ ଥିବା ପରି ମନେ ହେଉ ନାହିଁ । ଆଗକୁ ଆହୁରି ତିନି ବର୍ଷ ଅଛି । ଦେଖାଯାଉ କେଉଁ ଦଳର ଗତି କେଉଁ ଆଡ଼କୁ ଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଚାଲନ୍ତୁ ବେଦ ନିକଟକୁ ଫେରିବା



ଡକ୍ଟର ଲକ୍ଷ୍ମଣ ସାହୁ

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଠିଆ ହୋଇ, ଆମେ ଏକ ଅଦ୍ଭୁତ 'ଡିଜିଟାଲ୍ ହ୍ୟାଲୁସିନେସନ୍' ବା ଚିତ୍ତଭ୍ରମ ଦେଇ ଗତି କରୁଛେ । ଆଜିର ତଥାକଥିତ 'ଜେନ୍-ଜି' ପିଢ଼ି, ଯେଉଁମାନଙ୍କ ହାତରେ ୫ଜି ଇଣ୍ଟରନେଟ୍ ଓ ମସ୍ତିଷ୍କରେ କୃତ୍ରିମ ବୁଦ୍ଧିମତ୍ତା ଆଲଗୋରିଦମ୍ ଅଛି, ସେମାନେ ଏକ ଭୟଙ୍କର ଆତ୍ମ-ଉତ୍କୃଷ୍ଟତାରେ ପୀଡିତ । ତାତ୍ତ୍ୱିକ ସମାଜବିଜ୍ଞାନର ଭାଷାରେ, ଏହାକୁ ଏବେ 'ଟେକ୍ନୋ-ନାର୍ସିସିଜିମ୍' (ବୈଷୟିକ ଆତ୍ମକୈନ୍ଦ୍ରିକ) କୁହାଯାଏ । ଏହି ପିଢ଼ି ଭାବନ୍ତି ଯେ ଗୁଗୁଲ୍ କିମ୍ବା ଚାଟ୍-ଜିପିଟି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ହେଉଛି ପରମ ସତ୍ୟ । ପ୍ରାଚୀନ ପରମ୍ପରାର ଅର୍ଥ ହେଉଛି ଏହା 'ପୂର୍ବାବସ୍ଥା' କିମ୍ବା ପୁରୁଣା ଅତୀତ । କିନ୍ତୁ ଯଦି ଆମେ ଏହାକୁ ଦାର୍ଶନିକ ଧଳା ଚଷମା ଦେଇ ଦେଖିବା, ତେବେ ଏକ ଦୁଃଖଦ ଦୃଶ୍ୟ ଧରା ପଡ଼ିଯାଇଥାଏ । କେବଳ ଆମେ ସୂଚନାର ଏକ ବିଶାଳ ସମୁଦ୍ରରେ ପହଁରୁଛେ, କିନ୍ତୁ ଆମର ତୃଷା ମେଣ୍ଟାଇବା ପାଇଁ ଆମ ପାଖରେ ଜ୍ଞାନର ଗୋଟିଏ ବି ବୁନ୍ଦାଏ ପାଣି ନାହିଁ ।

ଏଠାରେ ମନେ ପଡ଼େ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ମନ୍ତ୍ର 'ବେଦକୁ ଫେରିଯାଅ' ଧାର୍ମିକ ପୁନଃରୁଦ୍ଧାର ଭାବରେ ନୁହେଁ, ବରଂ ଏକ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ବିପ୍ଳବ ଭାବରେ ଏହା ପ୍ରାସଙ୍ଗିକ ହୋଇଯାଏ । ବେଦକୁ ଫେରିଯିବାର ଅର୍ଥ ବଳଦ ଗାଡ଼ି ଯୁଗକୁ ଫେରିଯିବା ନୁହେଁ, ବରଂ ସେହି ସର୍ବୋଚ୍ଚ ଉତ୍ସକୁ ଫେରିଯିବା ଯେଉଁଠାରୁ ଆଧୁନିକ ବିଜ୍ଞାନର ଆଦି କଣିକା ବିସ୍ତାରିତ ହୋଇଥିଲା । ଏହା ମନେ ରଖିବାକୁ ହେବ ଯେ ଯେତେବେଳେ ଜ୍ଞାନକୋଷ, ଜ୍ଞାନ ଭଣ୍ଡାରକୁ ଲୋପ କରାଯାଏ କି ଉପାଡ଼ି ଦିଆଯାଏ, ସେତେବେଳେ ଏହା ଜ୍ଞାନ ବଦଳରେ କେବଳ ଯାନ୍ତ୍ରିକ ଅହଂକାର ସୃଷ୍ଟି କରେ ।

ଯେତେବେଳେ ପାଶ୍ଚାତ୍ୟ ବିଶ୍ୱ ବୈଦିକ ବିଜ୍ଞାନର ରହସ୍ୟ ଉନ୍ମୋଚନ କରିବାରେ ବ୍ୟସ୍ତ, ସେତେବେଳେ ଭାରତୀୟ ଯୁବପିଢ଼ିର ଏକ ଅଂଶ ନିଜସ୍ୱ ଐତିହ୍ୟକୁ ଅସ୍ୱୀକାର କରି ଆଧୁନିକତାର ପ୍ରମାଣପତ୍ର ଖୋଜୁଛନ୍ତି, ଯାହା ଏକପ୍ରକାର ଗଭୀର ଉପନିବେଶବାଦୀ ହୀନମନ୍ୟତାର ସଂକେତ ଦିଏ । ତଥାପି, ଯଦି ଆମେ ଇତିହାସର ପୃଷ୍ଠାଗୁଡ଼ିକୁ ଦେଖିବା, ତେବେ ଆମେ ଦେଖିବା ଯେ ଆଧୁନିକ ପଦାର୍ଥ ବିଜ୍ଞାନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ମାହିରା ମୁକ୍ତ ଭାବରେ ବୈଦିକ ଦର୍ଶନର ଶ୍ରେଷ୍ଠତାକୁ ସ୍ୱୀକାର କରିଥିଲେ । କ୍ୱାଣ୍ଟମ୍ ମେକାନିକ୍ସର ଜନକ ଏରୱିନ୍ ସ୍ରୋଡିଙ୍ଗର ସ୍ପଷ୍ଟ ଭାବରେ କହିଥିଲେ ଯେ ତାଙ୍କ ମୌଳିକ ଚିନ୍ତାଧାରାର ଉତ୍ସ ଉପନିଷଦୀୟ ଅଦ୍ୱୈତ ମଧ୍ୟରେ ଥିଲା ।

ସେହିପରି, ପରମାଣୁ ବୋମାର ଜନକ ରବର୍ଟ ଓପେନହାଇମର କୁରୁକ୍ଷେତ୍ରର ଯୁଦ୍ଧଭୂମିରେ ଶ୍ରୀକୃଷ୍ଣଙ୍କ ବ୍ରହ୍ମାଣ୍ଡର ଦର୍ଶନ ମାଧ୍ୟମରେ ତାଙ୍କର ବୈଜ୍ଞାନିକ ଦାୟିତ୍ୱ ପାଇଥିଲେ ବୋଲି ସ୍ୱୀକାର କରିଛନ୍ତି । ଜ୍ୟୋର୍ତିବିଜ୍ଞାନୀ କାର୍ଲ ସାଗାନ ତାଙ୍କ ବିଶ୍ୱପ୍ରସିଦ୍ଧ କସ୍ମସ୍ ସିରିଜରେ ସ୍ପଷ୍ଟ ଭାବରେ ସ୍ୱୀକାର କରିଛନ୍ତି ଯେ ବୈଦିକ ବ୍ରହ୍ମାଣ୍ଡରେ ଉଲ୍ଲିଖିତ ଦୀର୍ଘ ମହାଜାଗତିକ ସମୟ ଅବଧି ବା 'କସ୍ମିକ୍ ଚକ୍ର' ଅର୍ଥାତ୍ ବିଷ୍ଣୁ ଚକ୍ର ଆଶ୍ଚର୍ଯ୍ୟଜନକ ଭାବରେ ଆଧୁନିକ ଜ୍ୟୋର୍ତିବିଜ୍ଞାନ ଗଣନା ସହିତ ସମାନ । ସାଗାନଙ୍କ ମତ ଅନୁସାରେ, ପ୍ରାଚୀନ ଭାରତ ଏକମାତ୍ର ସଭ୍ୟତା ଥିଲା ଯାହା କୋଟି କୋଟି ବର୍ଷ ଧରି ମହାଜାଗତିକ ବିବର୍ତ୍ତନକୁ ବୁଝିପାରିଥିଲା । ଆଧୁନିକ ଜେନେଟିକ୍ସ କିମ୍ବା ଷ୍ଟ୍ରିଙ୍ଗ ତତ୍ତ୍ୱର ଗାଣିତିକ ସୁସଂସ୍କୃତିକୁ ଆଧାର କରୁଥିବା 'ଦ୍ୱୈତବାଦ' କିମ୍ବା ଦ୍ୱୈତବାଦର ବୀଜ ବୈଦିକ ମନିଷୀମାନଙ୍କ ଧ୍ୟାନରେ ରହିଥିଲା ।

ଯେତେବେଳେ ଆଜିର ଆଇଏସଆରଓ ବୈଜ୍ଞାନିକମାନେ ଚନ୍ଦ୍ରାୟଣ କିମ୍ବା ଆଦିତ୍ୟ ଏଲ-୧ ଭଳି ଜଟିଳ ମିଶନ୍ ପରିଚାଳନା କରନ୍ତି, ସେମାନଙ୍କର ଗବେଷଣା ବୈଦିକ ଗଣିତ ଓ ପ୍ରାଚୀନ ଶାସ୍ତ୍ରର 'ସୂର୍ଯ୍ୟ ସିଦ୍ଧାନ୍ତ'ର ଆଧୁନିକ ପ୍ରୟୋଗ ଉପରେ ଆଧାରିତ । ସେମାନେ ଜାଣନ୍ତି ଯେ ବୈଦିକ ମନ୍ତ୍ରଗୁଡ଼ିକ କେବଳ ଧାର୍ମିକ ଆନୁଷଙ୍ଗିକ ଜିନିଷ ନୁହେଁ, ବରଂ ଏକ ଉଚ୍ଚ ଆବୃତ୍ତି କିମ୍ବା 'କମ୍ପନାତ୍ମକ ବର୍ଣ୍ଣାଳୀ' । ଯାହା ମହାକାଶ ଅନୁସନ୍ଧାନରେ ମାନସିକ ସ୍ଥିରତା ଓ ଏକାଗ୍ରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଯେତେବେଳେ ନିକୋଲା ଟେସଲା 'ଆକାଶ' ଓ 'ପ୍ରାଣ' ଏହି ଦୁଇଟି ଶବ୍ଦ ବ୍ୟବହାର କରି ଶକ୍ତିର ଉତ୍ସ ବ୍ୟାଖ୍ୟା କରିଥିଲେ, ସେତେବେଳେ ସେ ମୂଳତଃ ସ୍ୱାମୀ ବିବେକାନନ୍ଦଙ୍କଠାରୁ ପାଇଥିବା ବୈଦିକ ଧାରଣାକୁ ବୈଜ୍ଞାନିକ ଭାଷାରେ ଅନୁବାଦ କରୁଥିଲେ । ଋଗ୍‌ବେଦର ମହାଜାଗତିକ ଶ୍ଳୋକରୁ ଆରମ୍ଭ କରି ଅଥର୍ବବେଦର ଔଷଧୀୟ ବିଜ୍ଞାନ ପର୍ଯ୍ୟନ୍ତ ଆଜିର ଜୈବ-ପ୍ରଯୁକ୍ତିବିଦ୍ୟା ଓ ଏନଏଏସଏ ପ୍ରୟୋଗଶାଳାରେ ସବୁକିଛି ଆଲୋଚନାର କେନ୍ଦ୍ରକୁ ଆସୁଛି ।

ଡେନିଶ ପଦାର୍ଥ ବିଜ୍ଞାନୀ ନିଲ୍ସ ବୋହର ଥରେ କହିଥିଲେ, ଯେତେବେଳେ ମୁଁ ଉପନିଷଦ ପଢ଼େ, ମୁଁ ଏପରି ଅନୁଭବ କରେ ଯେପରି ମୁଁ ଏକ ପରମ ସତ୍ୟ ସାମ୍ନାରେ ଠିଆ ହୋଇଛି । ପ୍ରଶ୍ନ ଉଠେ, ବଙ୍ଗଳା କିମ୍ବା ଭାରତର ଜେନ-ଜି ପିଢ଼ି, ଯାହାକୁ ବିଶ୍ୱ ସ୍ତରରେ ଜ୍ଞାନର ଭଣ୍ଡାର ଭାବରେ ମାନ୍ୟତା ଦିଆଯାଉଛି ଓ ଯାହା ବୈଦିକ ସଂସ୍କୃତି ଉପରେ ହାର୍ଭାର୍ଡ କିମ୍ବା ଏମଆଇଟି ଭଳି ପ୍ରତିଷ୍ଠାନରେ ଗବେଷଣା କରାଯାଉଛି । କାହିଁକି ଏହାକୁ କେବଳ 'ଧାର୍ମିକ ଧ୍ରୁବୀକରଣ' କିମ୍ବା ଅନ୍ଧବିଶ୍ୱାସ ଭାବରେ ଲେବଲ୍ କରି ଦୂରେଇ ରଖୁଛନ୍ତି କହି ହେଉନି ? ଏହି ବିମୁଖତା କ'ଣ କେବଳ ଅଜ୍ଞତା ନା ଏକ ବୃହତ୍ତର ପ୍ରଶ୍ନବାଚୀ ? ନା ଏହା ଏକ ସାଂସ୍କୃତିକ ଷଡ଼ଯନ୍ତ୍ରର ଫଳାଫଳ ?

ଏହି ଅନିଚ୍ଛା ପଛରେ ଏକ ଗଭୀର ଅପ୍ରକାଶିତ, ଅପ୍ରକଟ ରାଜନୈତିକ ଚାଲ ଓ କର୍ପୋରେଟ୍ ସ୍ୱାର୍ଥ ରହିଛି ବୋଲି ସନ୍ଦେହ ହୁଏ ? ବୋଧହୁଏ ଆଜିର ଯୁବପିଢ଼ିଙ୍କୁ 'ପଙ୍ଗୁ' କରିବାର ଏକ ନିରନ୍ତର ପ୍ରକ୍ରିୟା ଚାଲିଛି । ସେମାନଙ୍କୁ ଏକ ପ୍ରକାର ଶସ୍ତା ଉପଭୋକ୍ତାବାଦୀ ସଂସ୍କୃତି ଓ 'ତୁରନ୍ତ ସନ୍ତୋଷ' ନିଶା ଦ୍ୱାରା ମସ୍ତିଷ୍କ ଧୋଇ ଦିଆଯାଉଛି । ଯାହା ଦ୍ୱାରା ସେମାନେ ଯୁକ୍ତିଯୁକ୍ତ ହେବା ପରିବର୍ତ୍ତେ ଆଜ୍ଞାଶୀଳ ଗ୍ରାହକ ହୋଇଯାଆନ୍ତି । ସେମାନଙ୍କୁ କ୍ଷୁଦ୍ର ରାଜନୈତିକ ସ୍ୱାର୍ଥ ପାଇଁ ସେମାନଙ୍କର ପ୍ରକୃତ ସଂସ୍କୃତି ଓ ଇତିହାସର ଭୁଲ ବ୍ୟାଖ୍ୟା ଶିକ୍ଷା ଦିଆଯାଉଛି । ଯାହା ଫଳରେ ସେମାନେ ସେମାନଙ୍କର ପ୍ରାଚୀନ ପାରମ୍ପରିକ ପରମ୍ପରାକୁ ସମ୍ମାନ କରିବାକୁ ଅନିଚ୍ଛୁକ ହେଉଛନ୍ତି ।

**ଏବେ ସମାଜବିଜ୍ଞାନୀମାନେ ଏହି ସଙ୍କଟର ମୁଖ୍ୟ କାରଣ ଭାବରେ ଆଧ୍ୟାତ୍ମିକ ଶୂନ୍ୟତାକୁ ଚିହ୍ନଟ କରୁଛନ୍ତି । ଡିଜିଟାଲ ଚକ୍ରବ୍ୟୁହରେ ହଜିଯାଇଥିବା ପିଢ଼ି ଜାଣିନାହିଁ ଯେ ବେଦ ଯେଉଁ 'ଚରିତ୍ର ନିର୍ମାଣ' ଓ 'ଆତ୍ମ-ଜ୍ଞାନ' ବିଷୟରେ କହିଥିଲେ ତାହା କେଉଁଠାରେ ଅଛି ? ଯେଉଁଠାରେ ଋଗ୍‌ବେଦ କହିଥିଲେ 'ସଙ୍ଗଚ୍ଛଧ୍ୱଂ ସମ୍ବାଦଭମ୍' ଅର୍ଥାତ୍ ଏକାଠି ଚାଲିବା ଓ ଆଲୋଚନାରେ ବସିବା, ଆଜିର ଯୁବପିଢ଼ି ଏକାକୀତ୍ୱରେ ଫସି ରହିଛନ୍ତି ।**

ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଏହା ବୁଝାଯାଇ ପାରେ ଯେ ଯଦି କୌଣସି ଜାତିକୁ ବୁଦ୍ଧି ଓ ମନରୁ ପଙ୍ଗୁ କରିବାକୁ ପଡ଼େ, ତେବେ ତାକୁ ମୂଳରୁ ଉପାଡ଼ି ଦେବାକୁ ପଡ଼ିବ । ଜେନ-ଜି ପିଢ଼ିର ଏହି 'ପରିଚୟ ସଙ୍କଟ' ପ୍ରକୃତରେ ଏକ ଯୋଜନାବଦ୍ଧ ସଙ୍କଟ । ସେମାନଙ୍କୁ ଶିକ୍ଷା ଦିଆଯାଉଛି ଯେ ବୈଦିକ ଦର୍ଶନ ଅର୍ଥ ରକ୍ଷଣଶୀଳତା । ଯେତେବେଳେ ଆଧୁନିକ ଉଦାରବାଦୀ ଚିନ୍ତାଧାରା ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ସମାନତା ଠାରୁ କିଛି ପାଦ ଆଗରେ ପ୍ରାଚୀନ ସାମବେଦ କିମ୍ବା ଯଜୁର୍ବେଦର ଉନ୍ନତ ତାହା ଦର୍ଶାଇ ଦିଆଯାଏ ନାହିଁ , ବରଂ ସଚେତନ ଭାବରେ ଲୁଚାଇ ରଖାଯାଇଛି । ଏହି ସଂକୀର୍ଣ୍ଣ ମନୋଭାବ ଦେଶର ପ୍ରଗତିରେ ସବୁଠାରୁ ବଡ଼ ବାଧା ସୃଷ୍ଟି କରେ ।

ଏହି ମନସ୍ତାତ୍ତ୍ୱିକ ଓ ବୌଦ୍ଧିକ ଦେବାଳିଆତା ଆଉ କେବଳ ଏକ ତାତ୍ତ୍ୱିକ ଚିନ୍ତା ନୁହେଁ, ବରଂ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପରିସଂଖ୍ୟାନରେ ସ୍ପଷ୍ଟ ହୋଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଠାରୁ ଆରମ୍ଭ କରି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ତଥ୍ୟ ଅନୁଯାୟୀ, ଭାରତରେ ୧୫-୧୮ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ଡିପ୍ରେସନ, ଆତ୍ମହତ୍ୟା ପ୍ରବୃତ୍ତି ଓ ନିଶା ସେବନ ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି । ବିଶ୍ୱ ପରିସଂଖ୍ୟାନ କହୁଛି ଯେ ଆଗାମୀ ପିଢ଼ିର ପ୍ରାୟ ୪୨ ପ୍ରତିଶତ ଯୁବକ ଦୀର୍ଘକାଳୀନ ଏକାକୀତ୍ୱ କିମ୍ବା ଆନହେଡୋନିଆରେ ପୀଡିତ ହେବାର ଆଶଙ୍କା ରହିଛି ।


ଏବେ ସମାଜବିଜ୍ଞାନୀମାନେ ଏହି ସଙ୍କଟର ମୁଖ୍ୟ କାରଣ ଭାବରେ ଆଧ୍ୟାତ୍ମିକ ଶୂନ୍ୟତାକୁ ଚିହ୍ନଟ କରୁଛନ୍ତି । ଡିଜିଟାଲ ଚକ୍ରବ୍ୟୁହରେ ହଜିଯାଇଥିବା ପିଢ଼ି ଜାଣିନାହିଁ ଯେ ବେଦ ଯେଉଁ 'ଚରିତ୍ର ନିର୍ମାଣ' ଓ 'ଆତ୍ମ-ଜ୍ଞାନ' ବିଷୟରେ କହିଥିଲେ ତାହା କେଉଁଠାରେ ଅଛି ? ଯେଉଁଠାରେ ଋଗ୍‌ବେଦ କହିଥିଲେ 'ସଙ୍ଗଚ୍ଛଧ୍ୱଂ ସମ୍ବାଦଭମ୍' ଅର୍ଥାତ୍ ଏକାଠି ଚାଲିବା ଓ ଆଲୋଚନାରେ ବସିବା, ଆଜିର ଯୁବପିଢ଼ି ଏକାକୀତ୍ୱରେ ଫସି ରହିଛନ୍ତି । କୌଣସି ଉନ୍ନତ ପ୍ରକ୍ରିୟାକରଣ ପରିସଂଖ୍ୟାନର ଏହି ଅନ୍ଧାର ଗଳିରୁ ବାହାରକୁ ବାହାରିବାର ଉପାୟ ପ୍ରଦାନ କରିପାରିବ ନାହିଁ । ବୈଦିକ ଜ୍ଞାନର ସ୍ଥିରତା ଏହାକୁ ପ୍ରଦାନ କରିବ । ମାନବ ମସ୍ତିଷ୍କର ପୂର୍ବ-ମସ୍ତିଷ୍କ କର୍ଟେକ୍ସକୁ ଶାନ୍ତ କରିବା ପାଇଁ ବୈଦିକ ମନ୍ତ୍ରର କମ୍ପନାତ୍ମକ ଆବୃତ୍ତି ଅନେକ ବିଦେଶୀ ଗବେଷଣାଗାରରେ ପ୍ରମାଣିତ ହୋଇଛି । ତଥାପି ସ୍ୱାର୍ଥପର ଗୋଟିଏ ଗୋଷ୍ଠୀ ଏହି ଯୁବ ପ୍ରତିଭାମାନଙ୍କୁ ବିପଥଗାମୀ କରୁଛନ୍ତି । ଏପରିକି ସେମାନଙ୍କର ସୃଜନଶୀଳତାକୁ ନଷ୍ଟ କରୁଛନ୍ତି । ବୈଦିକ ଶାସନର ସଂଯମ ଓ ଶୃଙ୍ଖଳାରୁ ଯୁବପିଢ଼ିଙ୍କୁ ଦୂରେଇ ରଖିବା ପ୍ରକୃତରେ ସେମାନଙ୍କୁ ମେରୁଦଣ୍ଡହୀନ କରିବା ପାଇଁ ଏକ ସୁଚିନ୍ତିତ ମନ୍ଦ ରଣନୀତି ବୋଲି କୁହାଯାଇ ପାରେ ।

ଏବେ ଆମକୁ ବୁଝିବାକୁ ପଡିବ ଯେ 'ଆଧୁନିକତା' ଓ 'ପରମ୍ପରା' ପରସ୍ପରର ଶତ୍ରୁ ନୁହଁନ୍ତି, ବରଂ ପରସ୍ପରର ପରିପୂରକ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆମକୁ ଅନ୍ଧବିଶ୍ୱାସକୁ ପ୍ରତ୍ୟାଖ୍ୟାନ କରି ଶୁଦ୍ଧ ବୈଦିକ ଯୁକ୍ତିଯୁକ୍ତତାକୁ ଗ୍ରହଣ କରିବା ଶିଖାଇଛନ୍ତି । ଯଦି ବୈଦିକ ଜ୍ଞାନକୁ ଏ ପିଢ଼ିର ଡିଜିଟାଲ୍ ଶକ୍ତି ସହିତ ମିଶ୍ରଣ କରାଯାଇ ପାରିବ, ତେବେ ହିଁ ଭାରତ ପ୍ରକୃତରେ 'ବିଶ୍ୱଗୁରୁ' ହୋଇଯିବ । ବେଦକୁ ଫେରିବା ଅର୍ଥ ହେଉଛି ୨୧ ଶତାବ୍ଦୀର ପ୍ରୟୋଗଶାଳାରେ ପ୍ରାଚୀନ ଋଷିମାନଙ୍କ ଗାଣିତିକ ସୂତ୍ର ପାଇଁ ନୂତନ ପ୍ରୟୋଗ ଖୋଜିବା । ଏହା ଏକ ପଶ୍ଚାତ୍‌ଗମନ ନୁହେଁ, ବରଂ ଅତ୍ୟାଧୁନିକ ଇଣ୍ଟରନେଟ୍ ଯୁଗରେ ଆମର ନିଜସ୍ୱ ପରିଚୟ ଖୋଜିବା ପାଇଁ ଏକ ମହାନ ଯାତ୍ରା ।

ନିଷ୍କର୍ଷରେ କୁହାଯାଇପାରେ ଯଦି ଆଜିର ଯୁବପିଢ଼ି ରାଜନୀତି ଓ ସଂକୀର୍ଣ୍ଣ ସ୍ୱାର୍ଥରୁ ଉପରକୁ ଉଠି ନିଜର ମୂଳକୁ ଚିହ୍ନିପାରିବେ, ତେବେ ହିଁ ସେମାନେ ପ୍ରକୃତ 'ଅଲରାଉଣ୍ଡର' ହୋଇ ପାରିବେ । ଯଦି ଆମେ ଜ୍ଞାନର ସମୁଦ୍ର ସମ୍ମୁଖରେ ନିଜକୁ ଶୂନ୍ୟ ବୋଲି ଭାବିବା, ତେବେ ଏହା ସମ୍ପୂର୍ଣ୍ଣ ମୂର୍ଖତା ହେବ । ତେଣୁ ସେହି ଜ୍ୱଳନ୍ତ ଆହ୍ୱାନର ଜବାବ ଦେବାର ସମୟ ଏବେ ଆସିଛି ଯେଉଁଠାରେ ବିଜ୍ଞାନ ଏବଂ ବେଦ ଏକ ନୂତନ ଭାରତ ନିର୍ମାଣ ପାଇଁ ଏକତ୍ର ହେବେ । ପରମ୍ପରା ଭାଙ୍ଗିବାର ସାହସ ଓ ସତ୍ୟକୁ ଗ୍ରହଣ କରିବାର ମାନସିକତା ଆଧୁନିକ ବୈଦିକ ନବଜାଗରଣର ମୂଳମନ୍ତ୍ର ହେବା ଉଚିତ...!!!!

**ଅଧ୍ୟକ୍ଷ ଓ ବିଭାଗ ମୁଖ୍ୟ , ଓଡ଼ିଆ ଭାଷା ସାହିତ୍ୟ ବିଭାଗ ,**
**ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ ,**
**ମୋ-୯୦୪୦୧୫୧୪୭୫**

# ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସ୍ମରଣରେ



ଡକ୍ଟର ଆରତି କର


ଉତ୍କଳର ପୂର୍ଣ୍ଣାଙ୍ଗ ଓ ନିର୍ଭୁଲ ଇତିହାସ ଲେଖିବାକୁ ଉଦ୍ୟମ କରିଥିବା ଉତ୍କଳର ସୁଯୋଗ୍ୟ ସନ୍ତାନ ପଣ୍ଡିତ କୃପାସିନ୍ଧୁ ଏମିତି କାଳର କରାଳ ଗର୍ଭରେ ଆକସ୍ମିକ ଭାବେ ଲୀନ ହୋଇଯିବେ, ଏହା କେହି ସ୍ୱପ୍ନରେ ମଧ୍ୟ ଭାବିନଥିଲେ । ଆଗରୁ ଅଣଓଡ଼ିଆମାନେ ଉତ୍କଳର ଇତିହାସ ଲେଖିଥିବାରୁ ଏଥିରେ ଉତ୍କଳୀୟମାନଙ୍କର ଗୌରବକୁ ଅଣଦେଖା କଲାପରି ମନେହୁଏ । ପରେ ପରେ ଓଡ଼ିଆ ପ୍ରାଣ ପ୍ୟାରୀମୋହନ ଆଚାର୍ଯ୍ୟ ଓଡ଼ିଆ ଭାଷାରେ ଇତିହାସ ପ୍ରଣୟନ କରିଥିଲେ । ମାତ୍ର ବହୁବିଧ ଅତୀତ ଐତିହ୍ୟରେ ପରିପୂର୍ଣ୍ଣ ଉତ୍କଳର ଅନେକ କିଛି ଏଥିରେ ଲୁଚି ରହିଗଲା ପରି ଅନୁଭବ କରି ଏକ ପୂର୍ଣ୍ଣାଙ୍ଗ ଇତିହାସ ଲେଖିବାର ସଂକଳ୍ପ ନେଇଥିଲେ ସତ୍ୟବାଦୀର ଅନ୍ୟତମ ସନ୍ଥ କୃପାସିନ୍ଧୁ ମିଶ୍ର ।

ଜୀବନ ନାଟକରେ ଯବନିକା ପାତ ହୋଇଗଲା ସିନା, 'ଉତ୍କଳ ଇତିହାସ' ସଂପୂର୍ଣ୍ଣ ହୋଇପାରିଲା ନାହିଁ, ଯାହାକି ଅତ୍ୟନ୍ତ କ୍ଷୋଭରେ ପ୍ରକାଶ କରନ୍ତି ତାଙ୍କର ପ୍ରାଣପ୍ରିୟା ପତ୍ନୀ ସାବିତ୍ରୀ ଦେବୀ 'ଶୋକଧାରା' କବିତା ମାଧ୍ୟମରେ ଜଣାଇଥିଲେ । ତାହା ଏହିପରି -'ଉତ୍କଳ ଇତିହାସ ଅଛି ଅପୂର୍ଣ୍ଣ, କିଏ ସେ ଆଉ ତାକୁ କରିବ ପୂର୍ଣ୍ଣ ।'

ଏହି ଯୋଗଜନ୍ମା ମହାମାନବ ଖୁବ୍ ସ୍ୱଳ୍ପ ସମୟ ପାଇଁ ପୃଥିବୀପୃଷ୍ଠକୁ ଆସିଥିଲେ ମଧ୍ୟ ନିଜର ଅସାଧାରଣ ପାଣ୍ଡିତ୍ୟ, ଦେଶପ୍ରେମ, ଶିକ୍ଷା, ପରୋପକାର, ନିଃସ୍ୱାର୍ଥପରତା ତଥା ଜାତୀୟ ଇତିହାସ ରଚନା ପାଇଁ ଯେଉଁ ଆନ୍ତରିକ ଉଦ୍ୟମ ସେ କରିଥିଲେ, ସେଥିନିମନ୍ତେ ଓଡ଼ିଶାବାସୀଙ୍କର ସେ ଚିରବନ୍ଦନୀୟ ହୋଇ ରହିବେ । ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରେ ସର୍ବକନିଷ୍ଠ ହୋଇ ମଧ୍ୟ ସର୍ବପ୍ରଥମେ ସେ ଏ ପୃଥିବୀପୃଷ୍ଠରୁ ବିଦାୟ ନେଇଥିଲେ, ଯାହା ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଥିଲା ।

ସେ ସମୟର ମୁଷ୍ଟିମେୟ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀଧାରୀ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ କୃପାସିନ୍ଧୁ ଥିଲେ ଅନ୍ୟତମ । ସେ ଚାହିଁଥିଲେ ଯେକୌଣସି ସରକାରୀ ଦପ୍ତରରେ ପଦାଧିକାରୀ ଭାବେ ଯୋଗ ଦେଇ ଆଜୀବନ ସୁଖ ଓ ସମୃଦ୍ଧିପୂର୍ଣ୍ଣ ଜୀବନଯାପନ କରିପାରିଥାନ୍ତେ, ମାତ୍ର ସେ ଥିଲେ ଏକ ଭିନ୍ନ ଉପାଦାନରେ ଗଢ଼ା ମନୁଷ୍ୟ । ଉଗ୍ର ଜାତୀୟତାବାଦର ଆକର୍ଷଣରେ ଆକର୍ଷିତ ହୋଇ ତ୍ୟାଗପୂତ ଜୀବନ ଓ ସାମାନ୍ୟ ଅର୍ଥ ପ୍ରାପ୍ତିର ସଂକଳ୍ପ ନେଇ ସେ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗ ଦେଇଥିଲେ । ଏ ଦିଗରେ ତାଙ୍କର ପ୍ରେରଣାର ଉତ୍ସ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ ।

ତୁଳସୀ ଦୁଇପତ୍ରରୁ ବାସିବା ପରି ତାଙ୍କର ମେଧାଶକ୍ତି ଖୁବ୍ ଛୋଟ ବେଳରୁ ହିଁ ଜଣା ପଡ଼ିଥିଲା । ଜୀବନର ପଦେ ପଦେ ସେ ଦାରିଦ୍ର୍ୟକୁ ସାମନା କରିଛନ୍ତି ସତ, ମାତ୍ର ତାଙ୍କର କର୍ତ୍ତବ୍ୟପଥରେ ସେ ଅବିଚଳିତ । ନିଜର ବୃତ୍ତି



ଟଙ୍କା ଓ ପିଲାମାନଙ୍କୁ ପାଠ ପଢ଼ାଇ ଅର୍ଥ ରୋଜଗାର କରି ସେ ରେଭେନ୍‌ସା ମହାବିଦ୍ୟାଳୟରୁ ଏଫ୍.ଏ, ବି.ଏ, କଲିକତାରୁ ଦର୍ଶନଶାସ୍ତ୍ରରେ ଏମ୍.ଏ ଓ ଆଇନ୍ ଡିଗ୍ରୀ ହାସଲ କରିଥିଲେ । କୃପାସିନ୍ଧୁ ୧୯୧୪ରେ ଏମ୍.ଏ. ପାଶ୍ କରିବା ସଙ୍ଗେ ସଙ୍ଗେ ଅତି ସ୍ୱଳ୍ପ ବେତନରେ ଯୋଗ ଦେଇଥିଲେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ । ଏହିଠାରୁ ହିଁ ଆରମ୍ଭ ହୋଇଛି ତାଙ୍କ ଜୀବନର ତ୍ୟାଗପୂତ କଠୋର ସାଧନା । ମୃତ୍ୟୁ ପର୍ଯ୍ୟନ୍ତ ଏହି ସତ୍ୟବାଦୀ ବନବିଦ୍ୟାଳୟ ହିଁ ତାଙ୍କ ପାଇଁ ପାଲଟି ଯାଇଛି ସାଧନାର କ୍ଷେତ୍ର । ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହରଙ୍କ ବ୍ୟକ୍ତିତ୍ୱ ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଥିଲେ କୃପାସିନ୍ଧୁ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯୋଗଦେବା ପରେ ତାଙ୍କ ମନରେ ଚାକିରି, ବ୍ୟବସାୟ, ଓକିଲାତି, ଘରଦ୍ୱାର ଏସବୁ କିଛି ଚିନ୍ତା ନଥିଲା କେବଳ ବିଦ୍ୟାଳୟର କିପରି ଉତ୍ତରୋତ୍ତର ଉନ୍ନତି ହେବ, ଏଇ ଚିନ୍ତାରେ ସେ ବ୍ୟସ୍ତ ରହୁଥିଲେ । କୃପାସିନ୍ଧୁ ମିଶ୍ରଙ୍କର ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ଭାଷା ଉପରେ ବେଶ୍ ଦଖଲ ଥିଲା । ତା'ଛଡ଼ା ଓଡ଼ିଆ, ଇଂରାଜୀ ଓ ସଂସ୍କୃତ ଭାଷାରେ ସେ ଅନର୍ଗଳ ବକ୍ତୃତା ଦେଇ ସଭାରେ ଉପସ୍ଥିତ ସମସ୍ତଙ୍କୁ ଚମତ୍କୃତ କରିଦେଉଥିଲେ । ଛାତ୍ରମାନେ କିପରି ଭଲ ମଣିଷ ହେବେ, ଦେଶସେବୀ ହେବେ, ସେବା ପରାୟଣ ହୋଇପାରିବେ ଏହାହିଁ ଥିଲା ତାଙ୍କର ଶିକ୍ଷାଦାନର ମୁଖ୍ୟ ଆଭିମୁଖ୍ୟ ।

ଛାତ୍ରମାନଙ୍କର ପ୍ରତ୍ୟେକ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ତଦାରଖ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅନ୍ତରଙ୍ଗ ସହଯୋଗୀ ମଧ୍ୟ ପାଲଟିଯାଇ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ କୃପାସିନ୍ଧୁ । ବିଦ୍ୟାଳୟର ଇତିହାସ ସମାଜର ସଭାପତି ଭାବେ ସେ ଛାତ୍ରମାନଙ୍କ ମନରେ ଇତିହାସ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଇବା ସଙ୍ଗେ ସଙ୍ଗେ ଆମର ପ୍ରାଚୀନ ସଂସ୍କୃତି, ଐତିହ୍ୟକୁ ପିଲାମାନେ କିପରି ସମ୍ମାନ ଦେବେ ସେ ଶିକ୍ଷା ମଧ୍ୟ ପ୍ରଦାନ କରୁଥିଲେ । ପ୍ରତି ଶନିବାର ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ତାଙ୍କର ସାରଗର୍ଭକ ଭାଷଣ ଥିଲା ଉଭୟ ଛାତ୍ର ସମାଜ ଓ ଶିକ୍ଷକ ସମାଜ ନିମନ୍ତେ ମୁଖ୍ୟ ଆକର୍ଷଣ । ତାଙ୍କର ଜୀବନଟା କେବଳ ପରୋପକାର ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ବ୍ୟାସକବି ଫକୀରମୋହନ ବର୍ଣ୍ଣନା କରିଛନ୍ତି ତାଙ୍କର 'ଉତ୍କଳ ଭ୍ରମଣ' କାବ୍ୟରେ, - 'କୃପାମୟ କୃପାସିନ୍ଧୁ ଜନହିତକର' ।

ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସମୟର ଆହ୍ୱାନରେ ସତ୍ୟବାଦୀ ସ୍କୁଲ ପରିତ୍ୟାଗ କରିଥିବାବେଳେ କୃପାସିନ୍ଧୁ ହିଁ ସହକାରୀ ଶିକ୍ଷକରୁ ପ୍ରଧାନ ଶିକ୍ଷକ ପଦରେ ରହି ମୃତ୍ୟୁ ପର୍ଯ୍ୟନ୍ତ କେବଳ ଅନୁଷ୍ଠାନର ଅଭିବୃଦ୍ଧି ପାଇଁ ଚିନ୍ତା କରିଥିଲେ । ବିଦ୍ୟାଳୟରେ ଶିକ୍ଷାଦାନ ସହିତ ଜନସାଧାରଣଙ୍କ ସେବା ଥିଲା ତାଙ୍କ ଜୀବନର ବ୍ରତ ସଦୃଶ । ଶୁଣାଯାଏ କୃପାସିନ୍ଧୁଙ୍କର ଅସାଧାରଣ ପାଣ୍ଡିତ୍ୟ ଦୃଷ୍ଟିରୁ ସୀମିତ ବେତନ ଦେଇ ତାଙ୍କ ପ୍ରତି ଅବମାନନା କରାଯାଉଛି ଉପଲବ୍ଧି କରି, ପରିଚାଳନା ପରିଷଦରେ ଏ ବିଷୟ ପକାଇ ଗୋପବନ୍ଧୁ ତାଙ୍କର ବେତନ ୫୦ ଟଙ୍କାରୁ ୮୦ ଟଙ୍କାକୁ ବୃଦ୍ଧି କରାଇଥିଲେ । ମାତ୍ର କୃପାସିନ୍ଧୁ ହସି ହସି ଏହାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ୫୦ ଟଙ୍କା ମୋ ପାଇଁ ଯଥେଷ୍ଟ । ଆଉ ଅଧିକ ଟଙ୍କାର ଆବଶ୍ୟକତା ନାହିଁ ।

କୃପାସିନ୍ଧୁ ଥିଲେ ପଣ୍ଡିତ ଗୋପବନ୍ଧୁଙ୍କର ଦକ୍ଷିଣହସ୍ତ ସଦୃଶ । 'ସମାଜ' କାଗଜର ପ୍ରକାଶନ ବା ସଂପାଦକୀୟ ଲେଖା ହେଉ, 'ସତ୍ୟବାଦୀ' ସାହିତ୍ୟପତ୍ରର ପରିଚାଳନା ହେଉ, ବିଶେଷ କରି ବିହାର ଓଡ଼ିଶା ଆସେମ୍ବ୍ଲି ପାଇଁ ଗୋପବନ୍ଧୁଙ୍କ ବକ୍ତୃତା ବା ପ୍ରଶ୍ନାବଳୀ ସବୁକିଛି ପ୍ରସ୍ତୁତ କରିବା ଦାୟିତ୍ୱ ଥିଲା କୃପାସିନ୍ଧୁଙ୍କର । ବିଭିନ୍ନ ସମୟରେ ତାଙ୍କ ରଚିତ 'ଅଦୃଷ୍ଟବାଦ', 'ଲୀଳା', ହିନ୍ଦୁର ସମାଜ ବିଧାନ, 'କା' ଓ ବାରବାଟୀ ପ୍ରଭୃତି ପ୍ରବନ୍ଧ 'ସତ୍ୟବାଦୀ', 'ମୁକୁର' ଓ 'ଉତ୍କଳ ସାହିତ୍ୟ' ପ୍ରଭୃତି ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଶ୍ରଦ୍ଧା ସାଉଁଟି ପାରିଥିଲା ।

ଉତ୍କଳକୁ ନେଇ ଗର୍ବ ଅନୁଭବ କରିବାକୁ ସେ ସବୁବେଳେ ଛାତ୍ର ସମାଜକୁ ପରାମର୍ଶ ଦେଉଥିଲେ । ଯଦି ଆପଣାର ଜାତୀୟତା ରକ୍ଷା କରିବାକୁ ଇଚ୍ଛା କର, ଯଦି ଭାରତୀୟ ଅନ୍ୟାନ୍ୟ ଜାତି ସମକ୍ଷରେ ସମକକ୍ଷ ଭାବରେ ନିଜତ୍ୱ ସ୍ଥାପନ ତୁମର ଲକ୍ଷ୍ୟ ଥାଏ, ତେବେ ଏହି ପ୍ରାଚୀନତ୍ୱ, ଓଡ଼ିଆ ଜାତିର ସମ୍ବଳ ସମ୍ମୁଖରେ ସଭକ୍ତିରେ ନତମସ୍ତକ ହୁଅ । ଏହାରି ଉପରେ ଜାତୀୟ ଜୀବନର ଭିତ୍ତି ସ୍ଥାପନ କର, ନୂତନ ଓଡ଼ିଶାକୁ ପୁରାତନ ଓଡ଼ିଶା ଉପରେ ଦଣ୍ଡାୟମାନ କରାଅ ବୋଲି ସେ କହୁଥିଲେ । କୃପାସିନ୍ଧୁଙ୍କର ଏହି ଅମରବାଣୀ ହିଁ ସୂଚନା ଦେଇଥାଏ ତାଙ୍କର ବଳିଷ୍ଠ ଦେଶପ୍ରେମ ଓ ଜାତୀୟତା ସଂପର୍କରେ । ଏପରି ଏକ ସମର୍ଥ ପୁରୁଷଙ୍କୁ ପତି ରୂପରେ ପାଇ ନିଜକୁ ଭାଗ୍ୟବତୀ ମନେ କରୁଥିବାବେଳେ, ଏପରି ଜୀବନର ଅଧା ନାଟକରୁ ହାତ ଛାଡ଼ିଦେଇ ଆରପାରିର ଡାକରରେ ଚାଲିଯିବା ଘଟଣାରେ ବିଶେଷ ଭାବେ ଭାଙ୍ଗି ପଡ଼ିଥିଲେ ପତ୍ନୀ ସାବିତ୍ରୀ ଦେବୀ ।

ବାସ୍ତବିକ ମାତ୍ର ୩୯ ବର୍ଷର ଜୀବନକାଳ (୧୮୮୭ ରୁ ୧୯୨୬) ମଧ୍ୟରେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଖ୍ୟାତନାମା ସାହିତ୍ୟିକ, ବିଶିଷ୍ଟ ଐତିହାସିକ, ଆଦର୍ଶ ଶିକ୍ଷକ, ନିଷ୍ଠାପର ଦେଶସେବକ ଓ ଜଣେ ପ୍ରବୀଣ ଗବେଷକ ଭାବରେ ସେ ଯେଉଁ ଅକ୍ଷୟ କୀର୍ତ୍ତି ଅର୍ଜନ କରି ଯାଇଛନ୍ତି ତାହା ତାଙ୍କୁ ଯୁଗ ଯୁଗ ପାଇଁ ଅମର କରି ରଖିବ, ଏହା ନିଃସନ୍ଦେହ ।

**ଶତାବ୍ଦୀ ନଗର, ଭୁବନେଶ୍ୱର-୩**
**ମୋ-୮୮୪୭୮୯୨୬୭୨**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ ସହକାରୀ...

କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା ।

ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟି ୧୪ ଟି ସୁପାରିଶ କାର୍ଯ୍ୟକାରୀ କରାଯିବ । ଏଗୁଡ଼ିକ ହେଉଛି ଏସ୍‌ସିଇଆର୍‌ଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରାଯିବ, ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ପ୍ରଧାନ କରାଯିବ, ଏସ୍‌ଇଆର୍‌ଟିରେ କ୍ୟାଲିଟି ଆସ୍ୟୁରାନ୍ସ ସେଲ୍ ଖୋଲାଯିବ ଇତ୍ୟାଦି । ଏହା ସହିତ ଭବିଷ୍ୟତରେ କୌଣସି ପାଠ୍ୟ ପୁସ୍ତକ ଭାଷା, ଚିତ୍ର, ତଥ୍ୟ ଓ ଛପା ହେବାପାଇଁ ଆବଶ୍ୟକ ଅନୁମୋଦନ ବିନା ପ୍ରିଣ୍ଟିଙ୍ଗ ପ୍ରେସକୁ ଯିବ ନାହିଁ ।

### ବଜ୍ରପାତରେ...

ଆସିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ସେହିପରି ବର୍ଷା ସହ ଆସିଥିବା ବଜ୍ରପାତ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକରେ ଏକ ଦୁଃଖଦ ଘଟଣା ଘଟାଇଛି । ଶୁକ୍ରବାର ମଧ୍ୟାହ୍ନରେ ଘଟିଥିବା ଦୁଇଟି ପୃଥକ ବଜ୍ରାଘାତ ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଯୁବତୀ ଆହତ ହୋଇଛନ୍ତି । ଏହି ଘଟଣା ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ଗ୍ରାମର ଏକ ପୋଖରୀରେ ଶୁକ୍ରବାର ପ୍ରାୟ ଦ୍ୱିପ୍ରହର ୧୨ଟା ସମୟରେ କେତେକ ଲୋକ ଗାଧୋଉଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା । ଏହି ସମୟରେ ବଜ୍ରାଘାତର ଶିକାର ହୋଇଥିଲେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ମହମ୍ମଦ ଅଂଶୁର (୩୫) । ସେ ଲଖନପୁରରେ ରହି ରାଜମିସ୍ତ୍ରୀ ଓ ଟାଇଲ୍ସ କାମ କରୁଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ପ୍ରଥମେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଖେଦାପାଲିକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଅନ୍ୟପକ୍ଷରେ, କର୍ଲା ଗ୍ରାମ ପଞ୍ଚାୟତର କର୍ଲା ଗ୍ରାମର ସୌଦାମିନୀ ଭୁଏ (୨୪) ମଧ୍ୟ ବଜ୍ରାଘାତରେ ଆହତ ହୋଇଥିଲେ । ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି । ଏହି ଦୁଃଖଦ ଘଟଣା ପରେ ଲଖନପୁର ଓ କର୍ଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବର୍ଷା ଓ ବଜ୍ରପାତ ସମୟରେ ପୋଖରୀ, ନଦୀ, ଖୋଲା ପଡ଼ିଆ କିମ୍ବା ଗଛ ତଳେ ଆଶ୍ରୟ ନ ନେବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

### ଭେନେଜୁଏଲା...

ଜଣାଇଛନ୍ତି । ଭାରତର ଏନଡିଏ ଟିମ ମଧ୍ୟ ଭେନେଜୁଏଲା ଯାଇଛି । ଭୂ-କମ୍ପର ପରେ ଅନେକ ଅଞ୍ଚଳରେ ବିଦ୍ୟୁତ, ମୋବାଇଲ ନେଟୱାର୍କ, ମେଟ୍ରୋ ସେବା, ଗ୍ୟାସ ଯୋଗାଣ ବନ୍ଦ ହୋଇଛି । ସ୍କୁଲ ଗୁଡିକୁ ବନ୍ଦ କରିଦିଆଯାଇଛି । ବିଦେଶରେ ରହୁଥିବା ଭେନେଜୁଏଲାର ବାସିନ୍ଦାମାନେ ସେମାନଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛନ୍ତି । ରିଲିଫ କାର୍ଯ୍ୟକୁ ସରଳ କରିବା ପାଇଁ ଅକ୍ଟୋବର ୨୩ ପର୍ଯ୍ୟନ୍ତ ଆମେରିକା ଭେନେଜୁଏଲା ଉପରେ ଜାରି କରିଥିବା କଟକଣା ଉପରେ ଉଠାଇ ନେଇଛି ।

### ଋଣ ନ ନେଇ...

ଘରକୁ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ସିଲ୍ କରିଥିଲେ ଏନେଇ ଉକ୍ତ ସ୍ଥାନରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ରାଜସ୍ୱ ବିଭାଗ ଅଧିକାରୀ ଯେଉଁ ମାନେ ସଠିକ୍ ତଦନ୍ତ ନକରି ନିର୍ଦ୍ଦୋଷଙ୍କୁ ଗତ ୨୧ ଦିନ ହେଲେ ଘରୁ ତଡ଼ି ଦେଇଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବାର ଲୋକେ ଦାବି କରିଛନ୍ତି । ଏହି ତାଲା ଖୋଲା ସମୟରେ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, ଆରଆଇ ଦୀପକ ପଶାୟତ, ଆଇଆଇସି ରଞ୍ଜନ ନାଗ, ଏସଆଇ ମନୋରଞ୍ଜନ ଦାଶଙ୍କ ସହ ରାଜସ୍ୱ ବିଭାଗ କର୍ମଚାରୀ, ପୋଲିସ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା ମୁତାବକ, ଜମନକିରା ବ୍ଲକ୍ ଗୌଡ଼ପାଲି ରାଜସ୍ୱ ସର୍କଲ ଗୌତମଟିକ୍ରା ଗାଁର ଦିବ୍ୟାଙ୍ଗ ବୃଦ୍ଧ ଧନଞ୍ଜୟ ପ୍ରଧାନ କୌଣସି ଋଣ କରିନଥିଲେ କିମ୍ବା କାହାର ଗ୍ୟାରେଣ୍ଟର ମଧ୍ୟ ହୋଇ ନଥିଲେ । ମାତ୍ର ଗତ ୫ ତାରିଖ ଦିନ ଡିସିବି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଆସି ତାଙ୍କ ଘରକୁ ସିଲ୍ କରିଦେଇଥିଲେ । ସ୍ଥିତି ଏଭଳି ହୋଇଛି ଯେ, ବିନା ଅପରାଧରେ ଧନଞ୍ଜୟ ତାଙ୍କ ସ୍ତ୍ରୀ (୫୭), ବିଧବା ବୋହୂ (୩୫) ୧୪ ଓ ୯ ବର୍ଷୀୟ ଦୁଇ ନାତୁଣୀଙ୍କ ସହିତ ଗୋଟିଏ କୋଠରୀରେ ଅତି ଦୟନୀୟ ଅବସ୍ଥାରେ ରହୁଥିଲେ । ଏମିତିକି ସିଲ୍ ହୋଇଥିବା ଘରେ ଦୁଇ ନାତୁଣୀଙ୍କ ବହି ଓ ସ୍କୁଲୟୁନିଫର୍ମ ଥିବାରୁ ସେମାନେ ପାଠ ପଢ଼ିବା ପାଇଁ ମଧ୍ୟ ଯାଇ ପାରୁନଥିଲେ । ସେହି ଗାଁର ସୁଦାପ୍ତ ପ୍ରଧାନ ନାମକ ଜଣେ ବ୍ୟକ୍ତି ଡିସିବି ବ୍ୟାଙ୍କରୁ ୧୭ ଲକ୍ଷ ଟଙ୍କାର ଋଣ କରିଥିଲେ । ଯାହାକି ମୂଳ ସୁଧ ମିଶାଇ ପ୍ରାୟ ୨୮ ଲକ୍ଷ ଟଙ୍କା ଋଣ ଖିଲାପି ଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ପୂର୍ବରୁ ଋଣ ଗ୍ରହୀତାଙ୍କୁ ପରିଶୋଧ ପାଇଁ ନୋଟିସ କରି ଆସୁଥିଲେ । ଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କଲାପରେ ଜିଲ୍ଲାପାଳ ଋଣ ଖିଲାପିଙ୍କ ବିରୋଧରେ ଗୃହ ସିଲ୍ ଓ ଜମି ଜବତ କରିବା ପାଇଁ ନୋଟିସ କରିଥିଲେ । ମାତ୍ର ଧନଞ୍ଜୟ ନାଁ ଋଣ ନେଇଥିଲେ ନାଁ ଗ୍ୟାରେଣ୍ଟର ହୋଇଥିଲେ । କିନ୍ତୁ ପ୍ରଶାସନର ଭୁଲ ତଦନ୍ତ ଯୋଗୁଁ ଏହି ନିରୀହ ଦିବ୍ୟାଙ୍ଗ ଧନଞ୍ଜୟ ଓ ତାଙ୍କ ପରିବାର ଲୋକ ଆଜକୁ ୨୧ ଦିନ ହେଲା ପ୍ରଚଣ୍ଡ ଖରା ଓ ଗରମରେ ଏକ ଛୋଟ କୋଠରୀରେ ଦିନ ବିତେଇଛନ୍ତି । ଋଣ ଖିଲାପି ବ୍ୟକ୍ତିଙ୍କର ଘର ଜମିକୁ ସିଲ୍ ନକରି ନିରୀହ, ବିକଳାଙ୍ଗ ବ୍ୟକ୍ତିର ଘରକୁ ସିଲ୍ କରିବା ଟା, ଅତି ନିନ୍ଦନୀୟ ବୋଲି ଗ୍ରାମବାସୀ ଖୋଭ ପ୍ରକାଶ କରିଛନ୍ତି ।

# ଅଙ୍ଗନୱାଡିରେ ଅଘଟଣ : ଗରମ ପେଯରେ ପଡ଼ିଗଲେ ୩ ବର୍ଷର ଶିଶୁ

ଟିଟିଲାଗଡ଼, (ସବ୍ୟୁ) : ଟିଟିଲାଗଡ଼ ବ୍ଲକ କୁଶକେଲା ପଂଚାୟତ ଅଧିନସ୍ଥ ଖଲିଆପଡା ଅଙ୍ଗନଓ୍ୱାଡି କେନ୍ଦ୍ରରେ ଏକ ଅଘଟଣ ଘଟି ଜନୈକ ୩ ବର୍ଷର କୁନି ଝିଅ ଉପରେ ଗରମ ପେଜ ପଡିଯିବା ବେଳେ କେନ୍ଦ୍ରର କର୍ମଚାରୀ ମାନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । ଅଭିଯୋଗରୁ ପ୍ରକାଶ ଯେ ଗତ ୨୪ ତାରିଖ ଦିନ ଖଲିଆପଡା ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଦିନ ମଜୁରିଆ ଭାବରେ ରହିଥିବା ଗାଁ ର ଡାକେଶ୍ୱର ବାଗ କାମକୁ ଯାଇଥିବା ବେଳେ ଡାକେଶ୍ୱରର ସ୍ତ୍ରୀ ମଞ୍ଜୁଲତା ବାଗ ମଧ୍ୟ ପେଟ ପାଟଣା ପାଇଁ କାମ ସନ୍ଧାନରେ ଯାଇଥିବା ବେଳେ ଘରେ ବୁଢ଼ୀ ମା ରଜନୀ ବାଗ ନିଜ ୩ ବର୍ଷର କୋମଳମତି ନାତୁଣୀକୁ ନେଇ ଗାଁ ରେ ଥିବା ଅଙ୍ଗନଓ୍ୱାଡି କେନ୍ଦ୍ରରେ ଛାଡି ଆସିଥିଲେ । ହେଲେ କେନ୍ଦ୍ରରେ କୁନି କୁନି ପିଲାମାନଙ୍କ ପାଇଁ ଭାତ ରାନ୍ଧିବା ପରେ ପେଜକୁ ସେମିତି ରଖି ଦେଇ ରୋଷେଇଆ ଛାଡି ଦେଇଥିବା ଯୋଗୁଁ ଉକ୍ତ ପେଜରେ ଶିଶୁଟି ପଡିଯିବା ଯୋଗୁଁ ଗୁରୁତର ଆହତ ହୋଇଥଲା । କୁନି କୁନି ପିଲା ମାନେ ଆହତ ଶିଶୁକୁ ଘରକୁ ନେବା ବିଷୟ ଅତି ହୃଦୟ ବିଦାରକ ଥିଲା । ଅଙ୍ଗନଓ୍ୱାଡି କେନ୍ଦରେ ଥିବା ରୋଷେଇଆ ମିତା ରତେଇ ଏନେଇ ଆହତ ଶିଶୁର ପିତା ମାତାଙ୍କୁ କୌଣସି ସୂଚନା ନ ଦେଇ କେନ୍ଦ୍ରରୁ ଚାଲିଯିବା ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଦେଇଥିଲା । ପରେ ଗାଁ ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ଶିଶୁକୁ ଟିଟିଲାଗଡ଼ ସହର ନିକଟସ୍ଥ ପିପଲ ପଦରରେ ଥିବା ଏମ ସି ଏଚ (ଡ଼ାକ୍ତରଖାନା) କୁ ନେଇ ଭର୍ତି କରିଥିଲେ । ଶିଶୁର ପେଟରେ ଗଭୀର ଆଘାତ ଲାଗିଥିବା ବେଳେ ଦୁଇ ଗୋଡ଼ ସାମାନ୍ୟ ଗରମ ପେଜରେ ପୋଡି ଥିବା ଦେଖାଯାଇଛି । ବର୍ତମାନ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହେଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଉକ୍ତ ରୋଷେଇଆ ଶିଶୁ କିମ୍ବା ଶିଶୁର ମାତା ପିତାଙ୍କୁ ଦେଖା ବି ନକରିବା ଯୋଗୁଁ ଏହି ଘଟଣାରେ ଉକ୍ତ ରୋଷଇଆର ଅସାବଧାନତାକୁ ଦାୟୀ କରିଛନ୍ତି ପରିବାର ଲୋକେ । ଏନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଆହତ ଶିଶୁର ଚିକିତ୍ସା ପ୍ରଶାସନ ବହନ କରିବା ସହିତ ପରିବାରକୁ ରେଡ଼କ୍ରସ ତରଫରୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏନେଇ ସମ୍ପୃକ୍ତ ଅଙ୍ଗନଓ୍ୱାଡି କେନ୍ଦ୍ରର କର୍ମୀ ଏବଂ କେନ୍ଦ୍ରର ରୋଷେଇଆକୁ ତଦନ୍ତ ପରିସରଭୁକ୍ତ କରିବାକୁ ଉପ ଜିଲ୍ଲାପାଳ ନିର୍ଦେଶ ଦେଇଛନ୍ତି । ସେପଟେ ଘଟଣାକୁ ଦେଖି ଟିଟିଲାଗଡ଼ ପୋଲିସ ମଧ୍ୟ ଏମ ସି ଏଚ (ଡ଼ାକ୍ତରଖାନା) କୁ ଯାଇ ତଦନ୍ତ କରିବା ସହିତ ଉକ୍ତ ରୋଷଇଆକୁ ମଧ୍ୟ ଘଟଣା ନେଇ ପଚାରିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରଶାସନ ତରଫରୁ ସୂଚନା ମିଳିଛି ।

## ୮୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଏଲଆଇ

ନବରଙ୍ଗପୁର (ସବ୍ୟୁ): ୮୦ହଜାର ଟଙ୍କା ଲାଞ୍ଚ ନେଇ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ (ସିଡିଭିଓ) ଅଧୀନ ରାଇଗଡ଼ର ଲାଇଭ୍‌ଷ୍ଟକ୍ ନିରୀକ୍ଷକ (ଏଲ୍‌ଆଇ) ପ୍ରଫୁଲ୍ଲ ହାଲ୍‌ଦାର ଭିଜିଲାନ୍ସ ଟିମ୍ ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି । ପରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସ ଭବନରେ ଚଢ଼ାଉ କରି ଭିଜିଲାନ୍ସ ଟିମ୍ ଘରୁ ପୁଳାପୁଳା ନଗଦ ଟଙ୍କା ଜବତ କରିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ରିହାତି ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀଙ୍କ ଦୌଡ଼ାଉଥିଲେ । ତେବେ ଏହା ପଛରେ ଏଲ୍‌ଆଇ ହାଲଦାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା । ଶେଷରେ ମୁହଁ ଖୋଲି ୮୦ହଜାର ଟଙ୍କା ହାତଗୁଞ୍ଜା ଦେଲେ ରିହାତି ଅର୍ଥ ରିଲିଜ୍ କରିବେ ବୋଲି କହିଥିଲେ । କେବଳ ଏହା ନୁହେଁ, ଏହି ଅର୍ଥ ନଦେଲେ ସେମାନଙ୍କ ସବସିଡି ଟଙ୍କା ବନ୍ଦ କରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ । ଏନେଇ ହିତାଧିକାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଶୁକ୍ରବାର ଏହି ଟଙ୍କା ହିତାଧିକାରୀଙ୍କ ଠାରୁ ଗ୍ରହଣ କରିବା ବେଳେ ପୂର୍ବ ଯୋଜନାନୁସାରେ ଛପିଥିବା ଭିଜିଲାନ୍ସ ଟିମ୍ ଏଲ୍‌ଆଇଙ୍କୁ ରଙ୍ଗେହାତ ଧରିଥିଲା । ଏହାପରେ ଆୟବର୍ହିଭୁତ ସମ୍ପତ୍ତି ଠୁଳ ସନ୍ଦେହରେ ଏଲ୍‌ଆଇଙ୍କ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଥିଲା । ରାଇଗଡ଼ର ବାସଭବନରୁ ୮ ଲକ୍ଷ ୨୪ ହଜାର ଟଙ୍କା ନଗଦ ଜବତ ହୋଇଥିଲା । ଏନେଇ ହାଲ୍‌ଦାରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଓ ବିଏନ୍‌ଏସ୍ର ଧାରାରେ ୧୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି । ଦୁର୍ନୀତିର ପରବର୍ତ୍ତୀ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରେଳବାଇ ଟିକେଟ୍ କଳାବଜାର ଘଟଣାରେ ଜଣେ ଗିରଫ

ବାଲେଶ୍ୱର (ସବ୍ୟୁ) : ଖଡ଼ଗପୁର ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ରୂପସା ରେଳ ଷ୍ଟେସନ୍‌ରେ ଚଢ଼ଉ କରାଯାଇ ଡକାଳ ଟିକେଟ କଳାବଜାରୀ ରାକେଟ୍‌ର ପର୍ଦାଫାସ କରିଛି । ଏହି ଘଟଣାରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ରାଣୀସରାଇ ଗ୍ରାମର ଜତିନ ବେହେରା (୨୫) ଙ୍କୁ ଗିରଫ କରାଯାଇଛି । ପଚରାଉଚରା ବେଳେ ସେ ଯାତ୍ରୀଙ୍କ ପାଇଁ ରେଳ ରିଜର୍ଭେସନ ଟିକେଟ ବ୍ୟବସ୍ଥା କରିବା ନାମରେ ପ୍ରକୃତ ଭଡ଼ାଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିଥିଲେ । ତାଙ୍କ ନିକଟରୁ ୯ ହଜାର ୪୪୦ ଟଙ୍କା ମୂଲ୍ୟର ଏକ ତକାଲ ପିଆରଏସ୍ କାଉଣ୍ଟର ଟିକେଟ୍, କିଛି ପୂରଣ ହୋଇଥିବା ଓ ଖାଲି ରିଜର୍ଭେସନ ଫର୍ମ, ୩୫୦ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ବୁକିଂ ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି, ସେ ପ୍ରତିଯାତ୍ରୀଙ୍କଠାରୁଅଧିକଟଙ୍କା ନେଇ କନ୍‌ଫର୍ମ ତକାଳ ଟିକେଟ କରାଇଦେବାର ଅନଧିକୃତ କାରବାର ଚଳାଇଥିଲେ । ଏହି କାର୍ଯ୍ୟ ପାଇଁ ତାଙ୍କ ପାଖରେ କୌଣସି ବୈଧ ଅନୁମତି କିମ୍ବା ଲାଇସେନ୍ସ ନଥିଲା । ତେଣୁ ଜତିନଙ୍କୁ ଗିରଫ କରାଯାଇ ମାମଲା ରୁଜୁପରେ କୋର୍ଟ ଚାଲାଣ କରାଯାଇଛି ।

## ଶିକ୍ଷକଙ୍କ ଗଞ୍ଜେଇ କାରବାର

# ୩୩ କେଜି ଗଞ୍ଜେଇ ଜବତ, ତିନି ଗିରଫ

ଟିଟିଲାଗଡ଼, (ସବ୍ୟୁ): ଏକ ଧଳା ରଙ୍ଗର କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇଥିଲେ । ବଲାଙ୍ଗିର ଜିଲ୍ଲା ଅବକାରୀ ଅଧିକ୍ଷକ । ପରେ ଟିଟିଲାଗଡ଼ ଅବକାରୀ ଏବଂ ତୁଷୁରା ଅବକାରୀ ବିଭାଗକୁ ବେଲଗାଁ -ବଲାଙ୍ଗିର ଜାତୀୟ ରାଜପଥ ୨୬ରେ ରହି ଗାଡିକୁ ନିରୀକ୍ଷଣ କରିବା ପାଇଁ ନିର୍ଦେଶ ଦେଇଥିଲେ । ଫଳରେ ଟିଟିଲାଗଡ଼ ଏବଂ ତୁଷୁରା ଅବକାରୀ ବିଭାଗ ବେଲଗାଁ ସଇଁତଲା ମୁଖ୍ୟ ଜାତୀୟରାଜପଥ ବରଗାଁ ଠାରେ ଛକି ରହିଥିଲେ ।

ଏକ ଧଳା ରଙ୍ଗର ଆରଟିକା ଗାଡି ଦ୍ରୁତ ଗତିରେ ଆସୁଥିବା ବେଳେ ଅବକାରୀ ବିଭାଗ ଅଧିକାରୀଙ୍କୁ ଦେଖି ଗାଡି ଫେରାର ମାରିବାକୁ ଉଦ୍ୟମ କରୁଥିବା ବେଳେ ଜାତୀୟ ରାଜପଥ କଡ଼ରେ ଥିବା ଏକ ସୂଚନା ଫଳକରେ ବାଡେଇ ହେବା ଯୋଗୁଁ ଗାଡିରେ ଥିବା ତିନି ଜଣଙ୍କୁ ଅବକାରୀ ବିଭାଗ କାବୁ କରିବାରେ ସଫଳ ହୋଇଥିଲା । ସେମାନଙ୍କ ଠାରୁ ୩୩ କେଜି ଗଂଜେଇ ଜବତ କରାଯାଇଥିବା ବେଳେ ଏହାର ବଜାର ଦର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ତେବେ କାର ଭିତରୁ ତିନିଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରହିଥିବା ଜଣାପଡିଛି । ଶିକ୍ଷକ ମାନେ ହେଲେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅଞ୍ଚଳ ସରଗୁଲର ହୋଇଥିବା ବେଳେ ଅନ୍ୟ ଜଣେ ଜିତୁ ସାହୁ , ରିଞ୍ଜା ଗାଁର ଶିକ୍ଷକ ଥିବା ଜଣାପଡିଛି । ଅନ୍ୟ ଜଣେ ସହଯୋଗୀ ସଞ୍ଜୟ ବାଗ କରଲାମୁଣ୍ଡା ଗାଁ ର ବୋଲି ସୂଚନା ମିଳିଛି । ଦୁଇ ଜଣ ସରକାରୀ ଶିକ୍ଷକ ଭାବରେ ରହିଥିବା ବେଳେ ମୁଖ୍ୟ ଭାବରେ ଅଞ୍ଚଳରେ ଗଞ୍ଜେଇ ମାଫିଆ ଭାବରେ କାମ କରୁଥିବା ଟିଟିଲାଗଡ଼ ଅବକାରୀ ଅଧିକାରୀ ପ୍ରବୀଣ କୁମାର ସାହୁ ସୂଚନା ଦେଇଛନ୍ତି । ତେବେ ଏତେ ପରିମାଣର ଗଂଜେଇ କଳାହାଣ୍ଡି ଜିଲ୍ଲାର କେଉଁଠୁ ଉକ୍ତ ଶିକ୍ଷକ ମାନେ ଆଣୁଥିବା ବେଳେ କାହାକୁ ଗଞ୍ଜେଇ ହସ୍ତାନ୍ତର କରାଯାଉଥଲା ସେ ନେଇ କୌଣସି ତଥ୍ୟ ମିଳିପାରିନାହଁ । ପୂର୍ବରୁ ମଧ୍ୟ ଅନେକ ଥର ଉକ୍ତ ଶିକ୍ଷକ ଗଂଜେଇ ଚୋରା ଚାଲାଣ କରୁଥିବା ଅବକାରୀ ବିଭାଗ ସନ୍ଦେହ ପ୍ରକାଶ କରି ଅଧିକ ତଦନ୍ତ ଜାରି ରଖିଛନ୍ତି । ତେବେ ଏନେଇ ଏକ ଏନ ଡି ପି ଏସ ମାମଲା ବି ଏନ ଏସ ରେ ରୁଜୁ କରି ତଦନ୍ତ ଜାରି ରହିଥିବା ବେଳେ ଗିରଫ ତିନିଜଣଙ୍କୁ ଟିଟିଲାଗଡ଼ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଟିଟିଲାଗଡ଼ ଅବକାରୀ ବିଭାଗର ପ୍ରବୀଣ କୁମାର ସାହୁ, ଅବକାରୀ ଅଧିକାରୀ, ଭୃଗୁପତି ଦିଗାଲ, ଏ ଏସ ଆଇ, ଶ୍ରୀକାନ୍ତ ପାଣିଗ୍ରାହୀ, ବିଭୁତି ଭୋଇ, ଭୋଜରାଜ ବଡ଼େଇ, ବୁଲୁ ସେଠି. ପ୍ରମୁଖ ଟିଟିଲାଗଡ଼ ଏବଂ ତୁଷୁରା ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ ।

## ବ୍ୟକ୍ତିଗତ ନିର୍ମାଣ ପାଇଁ କେନାଲ ମାଟି ବ୍ୟବହାର

# ଆନ୍ଦୋଳନ ଧମକ ଦେଲେ ଗ୍ରାମବାସୀ

ଖଇରା (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବୁଢାଗଡିଆ ନିକଟରେ ଗଚ୍ଛିତ ରଖାଯାଇଥିବା କେନାଲ ମାଟିକୁ ବେଆଇନ ଭାବେ ଜଣେ ଠିକାଦାର୍ ନିଜ କାମ ପାଇଁ ବ୍ୟବହାର କରିବାକୁ ନେଇ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେନ ାଲ ଖୋଲା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ ଚାପ ପକାଇ ଏହି କାର୍ଯ୍ୟ କରାଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେପଟେ ବୁଧବାରରୁ ଶୁକ୍ରବାର ୩ଦିନ ଧରି ଶହ ଶହ ଟ୍ରିପ ମାଟି ଖୋଲା ଯାଉଥିବା ବେଳେ ଖଣି ଏବଂ ରାଜସ୍ୱ ବିଭାଗ ନିରବ ରହିଛନ୍ତି । ଯଦି ଗୁରୁବାର ପୁଣି ବେଆଇନ ମାଟି ଚାଲାଣ ଜାରି ରହେ ତେବେ ସ୍ଥାନୀୟ ବୁଢାଗଡିଆ, ସମସରପୁର, କଣ୍ଟାବଣିଆ, ସରସତିଆ, ବଳଭଦ୍ରପୁର ଓ ପଳାସପୁର ଗ୍ରାମର ଅଧିବାସୀମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି । ଏଥିରେ ଖୋଦ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରାଯାଇଛି । ବର୍ତ୍ତମାନ ଖଇରା ଓ ଔପଦା ସିମାନ୍ତବର୍ତ୍ତୀ ଯାଗାର କଣ୍ଟାବଣିଆ ସନସରପୁର ନିକଟରେ କେନାଲ କାର୍ଯ୍ୟ ଚାଲିଥିବା ବେଳେ ଖୋଲାଯାଉଥିବା ମାଟିକୁ ୨ ପାର୍ଶ୍ୱରାସ୍ତା ଓ ଅନ୍ୟାନ୍ୟ କାମ ପାଇଁ ରଖାଯାଇଥିଲା । କିଛିଦୁର ରେ ବ୍ୟକ୍ତିଗତ ନିର୍ମାଣ କାମ ଦାୟିତ୍ୱ ରେ ଥିବା ଠିକାଦାର କେନାଲ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କେନାଲ ଠିକାଦାର ତ୍ରିବେଣୀ କନଷ୍ଟ୍ରକସନ ଉପରେ ଚାପ ପକାଇ ବେଆଇନ ଭାବେ ଶହ ଶହ ଟ୍ରିପ ମାଟି ବୁଢାଗଡିଆ ସେବା ସମବାୟ ସମିତି ଆଗରେ ଥିବା ପଡିଆକୁ ଭର୍ତ୍ତୀ କରୁଛନ୍ତି । ଏବେ ମୌସୁମୀ ବର୍ଷା ଚାଲିଥିବା ବେଳେ ଔପଦା ରୁ ବୁଢାଗଡିଆ ରାସ୍ତାରେ ପରିବହନ ବେଳେ ଟ୍ରାକଟରରୁ ମାଟିପଡି ରାସ୍ତା କାଦୁଅ ପଚ ପଚ ହୋଇ ପଡୁଥିବାରୁ ବହୁ ସଂଖ୍ୟାର ଯାତ୍ରୀ ଦୁର୍ଘଟଣାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କେନାଲ ଖୋଲା ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେମାନେ ନା କରିବା ସତ୍ୱେ ଠିକାଦାର ଯୋରଜବରଦସ୍ତ ମାଟି ପରିବହନ କରୁଥିବା କହିଛନ୍ତି । କେନାଲ ଖର୍ଚ୍ଚରେ ପଡିଆ ଉନ୍ନତି ପାଇଁ ଆସିଥିବା ୬ଲକ୍ଷ ଟଙ୍କା ହଡପ ପାଇଁ ଉଦ୍ୟମ କରାଯାଉଥିବା କୁହାଯାଉଛି । ଖଣି ଅଧିକାରୀ ଅଭିଷେକ ବେହେରାଙ୍କ ପ୍ରତିକ୍ରିୟା ନେବାରେ ତାଙ୍କୁ କେହି ଅଭିଯୋଗ କରିନଥିବାରୁ ସେ ପଦକ୍ଷେପ ନେଇ ନଥିବା କହିଛନ୍ତି ।

# ଭୂମିପୁତ୍ର ସଂଗଠନ ପକ୍ଷରୁ ମକଡ୍ରିଲ

ସୋର (ସବ୍ୟୁ) : ସୋର ବ୍ଲକ କେଦାରପୁର ସ୍ଥିତ ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ସିମୁଳିଆ ବ୍ଲକ ଅନ୍ତର୍ଗତ ଆଙ୍ଗୁଲା ଓ ବାଇଁଶିବାଟି ବହୁମୁଖି ବନ୍ୟା ଆଶ୍ରୟ ସ୍ଥଳ ରେ ଓଡିଶା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ, ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ, ସିମୁଳିଆ ବ୍ଲକ ପ୍ରଶାସନ ଏବଂ ବନ୍ୟା ଆଶ୍ରୟ ସ୍ଥଳି ପରିଚାଳନା ସମିତି ର ସହଯୋଗରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମ କୁ ସିମୁଳିଆ ତହସିଲଦାର ସୌମ୍ୟ ରଂଜନ ମହାପାତ୍ର ଉ"ାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ସିମୁଳିଆ ଫାୟାର ଅଫିସର ମାନସ ରଞ୍ଜନ ନାୟକ, ଏଇଇ ସରୋଜ କୁମାର ଟିଗ, ଜେଇଇ ଅଜୟ ମାଝୀ, ଚାଲୁଣିଗାଁ ପଞ୍ଚାୟତ ର ସରପଞ୍ଚ ମମତା ରାଣୀ ନାୟକ ଓ ବାଟି ପଞ୍ଚାୟତ ର ସରପଞ୍ଚ ହରପ୍ରିୟା ମଲ୍ଲିକ, ବାଟି ଓ ଚାଲୁନିଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନୀରିକ୍ଷକ, ବନ୍ୟା ଆଶ୍ରୟସ୍ଥଳିର ସଂପାଦକ ବନମାଳି ନାୟକ ଏବଂ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସିମୁଳିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ପ୍ରାଥମିକ ଚିକିତ୍ସା, ବନ୍ୟା, ବାତ୍ୟା, ଅଗ୍ନିକ ଦୁର୍ଘଟଣା ସମୟରେ କଣ କରିବାର ଅଛି ତାହା ଉପରେ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ସ୍ୱାସ୍ଥ୍ୟ କର୍ମୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଗ୍ରାମର ଯୁବ ଗୋଷ୍ଠି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀ ଏବଂ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ଭୂମିପୁତ୍ର ର ସଂପାଦକ ଶିଶିର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଏମ୍‌ସିଡି ହସ୍ପିଟାଲରେ ରକ୍ତଦାନ ଶିବିର, ୩୫ୟୁନିଟ ରକ୍ତ ସଂଗୃହିତ

ସୋର (ସବ୍ୟୁ) : ସୋର ପୌର ପାଳିକା ଅନ୍ତର୍ଗତ ବଡଖୁରୀ ଛକରେ ଥିବା ଏମସିଡି ମେମୋରିଆଲ ହସ୍ପିଟାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଯୁବ ସମାଜସେବୀ ସୁବ୍ରତ କୁମାର ଧଡ଼ାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରୁ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡାକ୍ତର ସୁମନ୍ତ କୁମାର ଧଡ଼ା ଏବଂ ଡାକ୍ତର ସମର ପ୍ରତିମ ଦାସ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା କର୍ମଚାରୀ ଅକ୍ଷୟ କୁମାର ଜେନା, ବିନୋଦ ବିହାରୀ ଦାସ, ଅଜୟ କୁମାର ମହାପାତ୍ର, ଅଭିରାମ ପଣ୍ଡା ଏବଂ ଶୁଚିସ୍ମିତା ଦାସ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ ।ଏହି ସମୟରେ ଯୁବ ସମାଜସେବୀ ରାଜେଶ କୁମାର ମହାପାତ୍ର, ସରପଞ୍ଚ ଅଟଳ ବିହାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ସୋର ବ୍ଲକ କଂଗ୍ରେସ ସଭାପତି ଯୋଗେନ୍ଦ୍ର ଜେନା, ସୁଧାଂଶୁ ଶେଖର ଜେନା, କୃପାସିନ୍ଧୁ ଜେନା, ଗୌରୀ ଶଙ୍କର ଘଡେଇ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

**ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଖଡ଼ଗପୁର**

ବିଜ୍ଞାପନ ନଂ:ଆର/୦୬/୨୦୨୬ ତାରିଖ ଜୁନ୍ ୧୬,୨୦୨୬

ପ୍ରତିଷ୍ଠାନ ବିନୋଦ ଗୁପ୍ତା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପାଇଁ ପ୍ରଫେସର ଏବଂ ଡିନ୍ ପଦବୀ ନିମନ୍ତେ ଅନଲାଇନ୍ ଆବେଦନ ଆହ୍ୱାନ କରୁଛି ।

୧. ପ୍ରଫେସର ଏବଂ ଡିନ୍ - ୦୧ (ପଦବୀ)

ବିବରଣୀ ଏବଂ ଅପଡେଟ୍ ପାଇଁ ପରିଦର୍ଶନ କରନ୍ତୁ:
https://erp.iitkgp.ac.in/Jobs/auth/facapps.htm
ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ: ୧୬.୦୭.୨୦୨୬

cbc 21255/11/0005/2627 ରେଜିଷ୍ଟ୍ରାର

**LOST**

I, BABURAM PARIDA, Permanent Resident of At-Chandrapur, Po/Ps-Naugaon, Dist-Jagatsinghpur, Odisha-754109 and presently residing at Patia, Sishu Vihar, Neal Koel Campus, Ps-Infocity, Bhubaneswar, Dist-Khordha Odisha. I, do hereby declare that in Damana Hata while shopping, I lost my bag ROR and Sale Deed of Plot No-1919, 1923, 1924, Khata No-715/94, Mouza-Chandakhapatana, Kisam- Gharabari, Area-Ac0.160dec . In this regard, an Affidavit has been made before Notary Public, Bhubaneswar on 23.06.2026. If found by anybody, please Contact. 8908171342.

e-mail ID - eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**

13001/996/2627

**e-procurement Notice for Bid Identification**
**No. SEPH-DIVISION, CTC-16 of 2026-27**

| | | |
|---|---|---|
| 1. | Name of the work | 03 Nos of P.H. work |
| 2. | Estimated cost | Rs. 24.87 Lakh to 65.88 Lakhs |
| 3. | Period of completion | 45 days to 3 Months |
| 4. | Date & time of availability of bid document in the portal | 30.06.2026 from 11.00 A.M to 15.07.2026 upto 5.00 P.M |
| 5. | Last date & time of seeking clarification | 04.07.2026 upto 5.00 P.M |
| 6. | Last date / time of receipt of bids in the portal | 15.07.2026 upto 5.00 P.M |
| 7. | Date & time of opening of bids | 17.07.2026 at 11.00 A.M |
| 8. | Name and address of the officer inviting bid | The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email:- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- Superintending Engineer
P.H. Division, Cuttack

OIPR : 13001/13225/1/26-27/0006

**AFFIDAVIT**

I, Rajinder Gugnani, S/O- Ganga Ram Gugnani, resident of K1- 123, Kalinga Nagar, Ghatikia, Bhubaneswar, Odisha, Pin- 751003 declare by this affidavit No- C.F.No- 62, Dtd- 24.06.2026 that now onwards I shall be known as **Rajinder Kumar Gugnani** for all future purposes.

Sd/-
Rajinder Kumar Gugnani

**AFFIDAVIT**

By virtue of an affidavit on Dtd. 25.06.2026 sworn before the Executive Magistrate, Talcher vide A.R. No. 6651 Dtd. 25.06.2026 I Chapala Sahoo, D/o-Late Gokulananda Sahoo of Village - Rodhasara, PO - Ghantapada, PS - Colliery, Dist.- Angul, I have changed my name Chapala Pradhan to Chapala Sahoo. Henceforth I shall be known as Chapala Sahoo for all purpose.

**Chapala Sahoo**

E-mail ID: eepwdjsg2014@gmail.com
Telephone: 06645-271242,
Kalimandir Road, Jharsuguda, 768202

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION, JHARSUGUDA**

34001/396/2627

**"e"-Procurement Notice**
**Bid Identification N0-SE-R&B-JSG-06 OF 2026-27.**

| | | |
|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single & Double cover system on ON-LINE mode from eligible contractors for Construction of Civil Works as detailed in DTCN . | |
| 2. | Nature of Work | Civil Wnrks |
| 3. | Estimated cost | Rs. 8.37 Lakhs |
| 4. | No. of work. | 01 (One) No |
| 5. | Tender Cost | Rs.4,000.00 (as per DTCN) |
| 6. | Class of Contractor | Sl No- 1 - "D" & "C" |
| 7. | Availability of bid document in the website | 10.00 A.M. of 30.06.2026 to 05.00 P.M. of 14.07.2026 |
| 8. | Date of opening of Technical Bid (Cover-I) | 11.00 AM on Dt. 15.07.2026 |
| 9. | The bidders have to participate in ON-LINE bidding only. Further details can be seen from the website https://tendersodisha.gov.in. Any addendum / corriaendum / cancellation of tender can also be seen in the said website . | |

Sd/- Superintending Engineer
Jharsuguda (R&B) Division

OIPR : 34001/34094/1/26-27/0006

**AFFIDAVIT**

By virtue of an affidavit sworn before the Executive Magistrate, Baripada, Dist - Mayurbhanj. I, Draupadi Singh, W/o - Raju Singh, Resident of At/ Po-Poda Astia, Ps - Baripada Town, Dist - Mayurbhanj, Pin - 757049, declare that this affidavit no. 677, dated. 18.06.2026. My actual name is Draupadi Singh,but in my Aadhar card vide no. 7907-9837-6776, my name has been wrongly mentioned as Drupati Singh, instead of Draupadi Singh.So, I have changed my name from Drupati Singh to Draupadi Singh. Henceforth, I shall be known as Draupadi Singh for all purposes.

Sd/-Draupadi Singh

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

## ହେଲ୍‌ଥ, ଆଇକନସ୍ ଓଡ଼ିଶା ୨୦୨୬

# ହାଇଟେକ୍ ଗ୍ରୁପ୍ ମ୍ୟାନେଜିଂ ଟ୍ରଷ୍ଟି ଓ ସିଇଓ ସୁରେଶ ପାଣିଗ୍ରାହୀ ପୁରସ୍କୃତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆୟୋଜିତ ହୋଇଯାଇଛି ପ୍ରତିଷ୍ଠିତ 'ଟାଇମ୍ସ ହେଲ୍‌ଥ ଆଇକନସ ଓଡ଼ିଶା ୨୦୨୬'ର ୮ମ ସଂସ୍କରଣ । ଏହି ଭବ୍ୟ ସମାରୋହରେ ହାଇଟେକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନସର ମ୍ୟାନେଜିଂ ଟ୍ରଷ୍ଟି ତଥା ଗ୍ରୁପ୍ ସିଇଓ ସୁରେଶ କୁମାର ପାଣିଗ୍ରାହୀଙ୍କୁ 'ମେଡିକାଲ ଭିଜନାରୀ ଫର୍ ସୋସିଆଲ ଟ୍ରାନ୍ସଫର୍ମେସନ ଆଣ୍ଡ ହେଲ୍ଥ ଇକ୍ୱିଟି' ସମ୍ମାନରେ ସମ୍ମାନିତ କରାଯାଇଛି । ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଦିଗରେ ଶ୍ରୀ ପାଣିଗ୍ରାହୀଙ୍କ ଅଦମ୍ୟ ପ୍ରୟାସ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିବା ସହ ଆସନ୍ତା ଦିନରେ ରୋଗୀସେବା ଜାରି ରହିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ଉଦ୍ୟମରେ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଶିଖର ଛୁଇଁଛି ।ସେହିପରି ହାଇଟେକ୍ ମେଡିକାଲ୍‌ର ହୃଦରୋଗ ବିଭାଗ ରୋଗନିରୂପଣ,ଚିକିତ୍ସା, ଅସ୍ତ୍ରୋପଚାର ଓ ରୋଗୀସେବା କ୍ଷେତ୍ରରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର କାର୍ଡିଓଲୋଜି (ହୃଦ୍‌ରୋଗ) ବିଭାଗକୁ ରାଜ୍ୟର 'ନମ୍ବର-୧ ଇନ୍ କାର୍ଡିଓଲୋଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ' ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଛି । ଏହି ଗୌରବପୂର୍ଣ୍ଣ ପୁରସ୍କାର ଗ୍ରହଣ କରିବା ପାଇଁ ହାଇଟେକ୍‌ର ମ୍ୟାନେଜିଂ ଟ୍ରଷ୍ଟି ତଥା ଗ୍ରୁପ୍ ସିଇଓ ସୁରେଶ ପାଣିଗ୍ରାହୀଙ୍କ ସହ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରୀ ଦଳ ଯଥା-ଡାକ୍ତର ଶ୍ୱେତାଙ୍କ ଦାସ, ଡାକ୍ତର ରିତେଶ ଆଚାର୍ଯ୍ୟ ଏବଂ ମେଡିକାଲ୍ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ମଞ୍ଚକୁ ଆମନ୍ତ୍ରିତ ହୋଇ ବଲିଉଡ୍ ତାରକା ବୋମନ ଇରାନୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ଉତ୍ସବରେ ଚିକିତ୍ସା କ୍ଷେତ୍ର ସହ ଜଡ଼ିତ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ, ଡାକ୍ତର ଏବଂ ଅତିଥିମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବାରେ ଓଡ଼ିଶାର ଏହି ଅଗ୍ରଗତିକୁ ପ୍ରଶଂସା କରିଥିଲେ।




## କର୍ପୋରେଟ୍ ନେତୃତ୍ୱ ଉପରେ ଦୁଇ ଦିନିଆ ସେମିନାର

# ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳନ୍ତୁ : ଡଃ ଚାନ୍ଦ

ଭୁବନେଶ୍ୱର, (ସବ୍ୟୁ) : ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, ଅନୁଗୁଳ ଚାପ୍ଟର ପକ୍ଷରୁ ଆର୍ଥିକ ନେତୃତ୍ୱରୁ କର୍ପୋରେଟ୍ ନେତୃତ୍ୱ ବିଷୟବସ୍ତୁ ଉପରେ ଦୁଇ ଦିନିଆ ସେମିନାର ଆୟୋଜିତ ହୋଇଛି। ବର୍ତ୍ତମାନର ବ୍ୟବସାୟିକ ପରିବେଶରେ ଆର୍ଥିକ କାର୍ଯ୍ୟନିର୍ବାହୀମାନଙ୍କ ପରିବର୍ତ୍ତିତ ଭୂମିକାକୁ ଦୃଷ୍ଟିରେ ରଖି ଏହି ସେମିନାରର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନାଲକୋର ପୂର୍ବତନ ସିଏମ୍‌ଡି ଡଃ ତପନ ଚାନ୍ଦ ଯୋଗଦେଇ ଇନଷ୍ଟିଚ୍ୟୁଟ୍‌ର ଏହି ସମୟୋପଯୋଗୀ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଦେଶ ବିକଶିତ ଭାରତ-୨୦୪୭ ଏବଂ ରାଜ୍ୟ ବିକଶିତ ଓଡ଼ିଶା-୨୦୩୬ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ସମୟରେ ମନୋଭାବରେ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଆବଶ୍ୟକ। ସେ କହିଥିଲେ ଯେ, ଓଡ଼ିଶା ୫୦୦ ବିଲିୟନ୍ ଆମେରିକୀୟ ଡଲାରର ରାଜ୍ୟ ଜିଡିପି ହାସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ୨୦୪୭ ସୁଦ୍ଧା ଏହାକୁ ୧୫୦୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି। ଏହା ଓଡ଼ିଶାବାସୀଙ୍କର ଏକ ବୃହତ୍ ସ୍ୱପ୍ନ। ଉପଯୁକ୍ତ ମନୋଭାବ ଓ ସଠିକ୍ ପ୍ରୟାସ ଦ୍ୱାରା ଏହି ଲକ୍ଷ୍ୟ ନିଶ୍ଚିତ ଭାବେ ହାସଲ କରାଯାଇପାରିବ। ଡଃ ଚାନ୍ଦ କହିଥିଲେ ଯେ, ଆର୍ଥିକ ପରିଚାଳନା କ୍ଷେତ୍ରରେ ଭେରିଏନ୍ସରୁ ଭିଜନ୍, ଏଣ୍ଟିଟିରୁ ଏଣ୍ଟରପ୍ରାଇଜ୍ ଏବଂ କଣ୍ଟ୍ରୋଲରୁ କଲାବୋରେସନ୍ ଦିଗକୁ ଏକ ମୌଳିକ ପରିବର୍ତ୍ତନ ଆବଶ୍ୟକ। ସେ କହିଥିଲେ ଯେ, ଆର୍ଥିକ କ୍ଷେତ୍ରର ବୃତ୍ତିଜୀବୀମାନଙ୍କ ପ୍ରତି ତାଙ୍କର ବିଶେଷ ଆକର୍ଷଣ ରହିଛି, କାରଣ ସେମାନେ ତଥ୍ୟ ଆଧାରରେ ଯୁକ୍ତି ଉପସ୍ଥାପନ କରନ୍ତି। ବିକଶିତ ଭାରତ ଗଠନରେ ଆର୍ଥିକ କାର୍ଯ୍ୟନିର୍ବାହୀମାନଙ୍କ ଭୂମିକା ଅଧିକ ବ୍ୟାପକ ହେବା ଆବଶ୍ୟକ। ସେମାନେ କେବଳ ହିସାବରକ୍ଷଣରେ ସୀମିତ ନରହି ତଥ୍ୟକୁ ବ୍ୟବହାର କରି ବିକାଶ ଓ ଅଭିବୃଦ୍ଧିର ପଥ ପ୍ରସ୍ତୁତ କରିବା ଉଚିତ। ସଂଗଠନ ମଧ୍ୟରେ ସେମାନେ ନିୟନ୍ତ୍ରକର ଭୂମିକାରୁ ବାହାରି ସୁବିଧା ପ୍ରଦାନକାରୀ ଭୂମିକା ଗ୍ରହଣ କରିବା ଦରକାର। ବ୍ୟବସାୟ କରିବାର ସହଜତା, କାର୍ଯ୍ୟ ସମ୍ପାଦନର ଗତି ଏବଂ ବ୍ୟବସାୟର ବ୍ୟୟ ହ୍ରାସ ଉପରେ ଗୁରୁତ୍ୱ ଦେବା ଉଚିତ। ସେ ଯୁବ ଆର୍ଥିକ ବୃତ୍ତିଜୀବୀମାନଙ୍କୁ ନିଜ କାର୍ଯ୍ୟକ୍ଷେତ୍ର, ଶିଳ୍ପ ଓ ସଂସ୍ଥା ସମ୍ପର୍କରେ ସମଗ୍ର ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇ କହିଥିଲେ ଯେ, ଏହା ସେମାନଙ୍କୁ ଭବିଷ୍ୟତରେ ସଫଳ ସିଏଫ୍‌ଓ ଓ ସିଇଓ ଭାବେ ଗଢ଼ି ତୋଳିବ। ଡଃ ଚାନ୍ଦ କହିଥିଲେ ଯେ, ଆର୍ଥିକ କ୍ଷେତ୍ରର କର୍ପୋରେଟ୍ ନେତୃତ୍ୱ କେବଳ ବୋର୍ଡରୁମ୍‌ରେ ସୀମିତ ନରହି ସମାଜରେ ମୂଲ୍ୟ ସଂଯୋଜନ ଓ ସାଧାରଣ ଲୋକଙ୍କ କଲ୍ୟାଣ ଦିଗରେ ମଧ୍ୟ କାର୍ଯ୍ୟ କରିବା ଉଚିତ। ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳି ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ଗଠନରେ ଆର୍ଥିକ କାର୍ଯ୍ୟନିର୍ବାହୀମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ ବୋଲି ସେ କହିଥିଲେ।






ଇମାମ୍ ହୁସେନଙ୍କ ସ୍ମୃତଚାରଣ ପାଇଁ ଭୁବନେଶ୍ୱର ଶିରିପୁରରେ ତାଜିଆ ଶୋଭାଯାତ୍ରା ।

# ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସହ ସେବାୟତଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ : ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସହ ଶ୍ରୀମନ୍ଦିର ସେବାୟତଙ୍କ ସର୍କିଟ ହାଉସରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣମୀ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି।ସ୍ନାନ ଯାତ୍ରାରେ ଶୃଙ୍ଖଳିତ ଦର୍ଶନ, ପହଣ୍ଡି, ହାତୀବେଶକୁ ଅକ୍ଷୁର୍ଣ୍ଣ ରଖିବା ସହ ଜଳ ଲାଗି କିଭଳି ଠିକ୍ ଭାବରେ ହେଁବ , ଚୁଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁସାରେ କିଭଳି ନୀତି କାନ୍ତି ସମ୍ପନ୍ନ ହେବ ସେ ନେଇ ପରାମର୍ଶ ଦିଆଯାଇଛି। ସେହିପରି ସ୍ନାନଯାତ୍ରା ଓ ରଥଯାତ୍ରା କିଭଳି ସୁରୁଖୁରୁରେ ଶେଷ ହେବ ସେ ନେଇ ସେବାୟତଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା। ଆସନ୍ତା ରଥଯାତ୍ରା କିଭଳି ଅଘଟଣ ଓ ଦୁର୍ଘଟଣାବିହୀନ ହେବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି ।ପ୍ରତିବର୍ଷ ରଥଯାତ୍ରାକୁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଘଟୁଛି ।ସ୍ନାନପୂର୍ଣ୍ଣମୀ ଓ ରଥଯାତ୍ରା ନୀତି କାନ୍ତି କିଭଳି ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ସବୁ ସେବାୟତ ନିଯୋଗ ସହ ଦଇତାପତି ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଆଜିର ଏହି ବୈଠକରେ ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍ପି ପ୍ରତୀକ ସିଂଙ୍କ ସମେତ ଦଇତାପତି ସେବକମାନେ ଉପସ୍ଥିତ ଥିଲେ।

# କୁଞ୍ଜଲ ମେହେଟା ଜିନ୍ଦଲ ଷ୍ଟେନଲେସ୍‌ର ମୁଖ୍ୟ ଅର୍ଥନୈତିକ ଅଧିକାରୀ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦକ ଜିନ୍ଦଲ ଷ୍ଟେନଲେସ କୁଞ୍ଜଲ ମେହେଟାଙ୍କୁ କମ୍ପାନୀର ସଂସ୍ଥାର ମୁଖ୍ୟ ଅର୍ଥନୈତିକ ଅଧିକାରୀ ଭାବରେ ୨୫ ଜୁନ ୨୦୨୬ରୁ ନିଯୁକ୍ତ କରିଛି । ଦିଲ୍ଲୀରେ ବୁଧବାର ବୋର୍ଡ ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛି । ଶ୍ରୀ ମେହେଟା କମ୍ପାନୀର ସିନିୟର ମ୍ୟାନେଜମେଣ୍ଟ ପର୍ସନେଲ ଭାବରେ ଯୋଗ ଦେବାର ଚାରି ସପ୍ତାହ ପରେ ଏହା ହୋଇଛି । ୨୫ ବର୍ଷରୁ ଅଧିକ ଅଭିଜ୍ଞତାସମ୍ପନ୍ନ ଅର୍ଥନୈତିକ ବିଶେଷଜ୍ଞ ଶ୍ରୀ ମେହେଟା ଷ୍ଟିଲ, ବିଦ୍ୟୁତ୍, ବନ୍ଦର ଓ ଲଜିଷ୍ଟିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସେ କମ୍ପାନୀର ଅର୍ଥନୈତିକ ରଣନୀତି ଓ ସେ ସମ୍ପର୍କିତ ବିଷୟର ନେତୃତ୍ୱ ନେବେ ଏବଂ ଏହାର ପରବର୍ତ୍ତୀ ବିକାଶ, ସମ୍ପ୍ରସାରଣ ଏବଂ ମୂଲ୍ୟ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସିଏଫଓ ଭାବରେ ଶ୍ରୀ ମେହେଟା କମ୍ପାନୀର ଅର୍ଥ ବିଭାଗର ସମଗ୍ର କାର୍ଯ୍ୟ ତତ୍ତ୍ୱାବଧାନରେ କରିବେ । ଏଥିରେ ଟ୍ରେଜରୀ, ପୁଞ୍ଜି ବଂଟନ, ଆର୍ଥିକ ଯୋଜନା, ବିନିଯୋଗକାରୀ ସମ୍ପର୍କ, ବିପଦ ପରିଚାଳନା ଏବଂ ରଣନୀତିଗତ ବିକାଶ ପଦକ୍ଷେପ ଅନ୍ତର୍ଭୁକ୍ତ ରହିବ । ଏହି ନିଯୁକ୍ତି ବିଷୟରେ ମନ୍ତବ୍ୟ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ ଯେପରି ନିଜର ନେତୃତ୍ୱ ସ୍ଥାନକୁ ଆହୁରି ମଜବୁତ କରୁଛି



ଏବଂ ଦୀର୍ଘକାଳୀନ ବିକାଶ ରଣନୀତି ଅନୁସରଣ କରୁଛି, ସେହିପରି ଆର୍ଥିକ ତତ୍ତ୍ୱାବଧାନ ଏବଂ ଶୃଙ୍ଖଳିତ ପୁଞ୍ଜି ବଣ୍ଟନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ରହିଛି । କର୍ପୋରେଟ ଫାଇନାନ୍ସ, ଟ୍ରେଜରୀ, ପାଣ୍ଠି ସଂଗ୍ରହ ଏବଂ ବ୍ୟବସାୟ ପରିବର୍ତ୍ତନରେ ଶ୍ରୀ କୁଞ୍ଜଲ ଗଭୀର ଦକ୍ଷତା ଆଣିଛନ୍ତି । ଏହା ସହିତ ଅନେକ ବୃହତର ସଂସ୍ଥାରେ ମୂଲ୍ୟ ସୃଷ୍ଟିର ଶକ୍ତିଶାଳୀ ଟ୍ରାକ ରେକର୍ଡ ରଖିଛନ୍ତି ।

# ନନ୍ଦକିଶୋର ସାମଲଙ୍କ ଶ୍ରାଦ୍ଧୋତ୍ସବରେ ଚନ୍ଦନ ତ୍ରିପାଠୀ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର) : ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ କବି ନନ୍ଦକିଶୋର ସାମଲଙ୍କ ୨୩ତମ ଶ୍ରାଦ୍ଧ ଉତ୍ସବ ଅବସରରେ ବିଶିଷ୍ଟ ସମାଜସେବୀ ଓ ଉଦ୍ୟୋଗପତି ଚନ୍ଦନ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟଅତିଥିଭାବେ ଯୋଗଦେଇ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡଃ ଅଶୋକ କୁମାର ମହାପାତ୍ରଙ୍କ ସମାଜସେବୀ ଶ୍ରୀ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମାଜର ଦୁର୍ବଳ ଓ ଅସହାୟ ବର୍ଗଙ୍କ ପାଇଁ ଶ୍ରୀ ତ୍ରିପାଠୀଙ୍କ ନିରନ୍ତର ସେବା, ନିୟମିତ ରକ୍ତଦାନ, ଶୀତ ଦିନରେ ଶୀତବସ୍ତ୍ର ବଣ୍ଟନ ଏବଂ ବନ୍ୟାପୀଡ଼ିତଙ୍କୁ ସହାୟତା ଭଳି ମାନବିକ କାର୍ଯ୍ୟକୁ ଆଖି ଆଗରେ ରଖି ତାଙ୍କୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ସ୍ୱାଇଁ, ଡଃ ଅକ୍ଷୟ କୁମାର ଭଦ୍ର, ପବିତ୍ର ମାହାଳା ଓ ଡଃ କବିତା ମିଶ୍ର ପ୍ରମୁଖ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନ୍ୟ କେତକ କୃତିତ୍ୱଧାରୀଙ୍କୁ ମଧ୍ୟ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଥିଲା ।



# ଡେଲିଭେରୀ ପକ୍ଷରୁ "ଅଭ୍ୟମ" କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଡେଲିଭେରୀ ପକ୍ଷରୁ "ଅଭ୍ୟମ" କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା, ପରିବାର ସ୍ୱାସ୍ଥ୍ୟ ବୀମା, ପିଲାମାନଙ୍କ ପାଇଁ ବୃତ୍ତି ଓ ସଂଗଠିତ କ୍ୟାରିୟର ମାର୍ଗ ପ୍ରଦାନ କରୁଛି । ଡେଲିଭେରୀର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହିଲ ବରୁଆ କହିଛନ୍ତି ଯେ ୧୫ ବର୍ଷ ମଧ୍ୟରେ ଆମର ଫ୍ରଣ୍ଟଲାଇନ କର୍ମଚାରୀମାନେ ୫ ବିଲିୟନରୁ ଅଧିକ ସିପମେଣ୍ଟ ବିତରଣ କରିବାରେ ସାହାଯ୍ୟ କରିଛନ୍ତି । ଅଭ୍ୟମ ହେଉଛି ସେମାନଙ୍କ ପାଇଁ କିଛି କରିବାର ଆମର ପ୍ରୟାସ । ଆମେ ବିଶ୍ୱାସ କରୁଛୁ ଯେ, ଏହି କାର୍ଯ୍ୟକ୍ରମ ଭାରତରେ ସର୍ବୋତ୍ତମ ଶ୍ରେଣୀର ଅଟେ ଏବଂ ଏହା ଆମର କର୍ମଚାରୀଙ୍କୁ ଯେପରି ସର୍ବୋତ୍ତମ ସମ୍ଭବ ସେବା ପ୍ରଦାନ କରାଯିବ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ପରିବାରର ସଠିକ ଯତ୍ନ ନିଆଯିବ ତାହା ନିଶ୍ଚିତ କରିଥାଏ ।

# ଦଶନ୍ଧି ଧରି ରାଜକୋଷକୁ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି ବେଦାନ୍ତ

## ରାଜକୋଷକୁ ଭାରତର ଶ୍ରେଷ୍ଠ ୩ ଘରୋଇ କ୍ଷେତ୍ରର ଅବଦାନକାରୀଙ୍କ ମଧ୍ୟରେ ସ୍ଥାନ ପାଇଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ବିବିଧ ପ୍ରାକୃତିକ ସମ୍ପଦ କମ୍ପାନୀ ବେଦାନ୍ତ ଲିମିଟେଡ୍ (ବିଏସଇ: ୫୦୦୨୯୫ଏବଂ ଏନ୍‌ଏସଇ: ଭିଇଡିଏଲ), କମ୍ପାନୀର ୧୧ତମ ଟିକସ ସ୍ୱଚ୍ଛତା ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୬ ରେ ରାଜକୋଷକୁ ୬୨,୭୨୨ କୋଟି ଟଙ୍କା ପ୍ରଦାନ କରିଛି। ଏହି ରିପୋର୍ଟ ରାଷ୍ଟ୍ର ନିର୍ମାଣ ଏବଂ ସ୍ୱଚ୍ଛ ଶାସନ ପ୍ରତି ବେଦାନ୍ତର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହି ଅବଦାନ ଭାରତର ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର କାର୍ଯ୍ୟରୁ ସମନ୍ୱିତ ରାଜସ୍ୱର ୩୬% ପ୍ରତିନିଧିତ୍ୱ କରେ। ଏହା ପୂର୍ବ ବର୍ଷ ତୁଳନାରେ ୧୩.୩% ବୃଦ୍ଧି ଦର୍ଶାଇଛି, ଯାହା ଫଳରେ ଗତ ଦଶ ବର୍ଷ ମଧ୍ୟରେ ବେଦାନ୍ତର ରାଜକୋଷରେ ସଂଗୃହୀତ ଅବଦାନ ୪,୮୩,୦୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି।ଗୋଷ୍ଠୀ ଜାତୀୟ ରାଜକୋଷରେ ଭାରତର ଶୀର୍ଷ ୩ ଘରୋଇ କ୍ଷେତ୍ରର ଅବଦାନକାରୀଙ୍କ ମଧ୍ୟରେ ସ୍ଥାନ ପାଇଛି। ଆର୍ଥିକ ବର୍ଷ ୨୬ରେ ବେଦାନ୍ତର ଐତିହାସିକ ସର୍ବୋତମ ଆର୍ଥିକ ପ୍ରଦର୍ଶନ ପଛରେ ରାଜକୋଷରେ ଏହି ଅବଦାନ ଥିଲା। ରାଜସ୍ୱ ୧୫% ବୃଦ୍ଧି ପାଇ ୧,୭୪,୦୭୫ କୋଟି ଟଙ୍କା ହୋଇଛି - ଯାହା କମ୍ପାନୀର ଇତିହାସରେ ସର୍ବାଧିକ - ଯେତେବେଳେ ଇବିଆଇଟିଡିଏ ୨୯% ବୃଦ୍ଧି ପାଇ ୫୫,୯୭୬ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ (ପାଟ) ୨୨% ବୃଦ୍ଧି ପାଇ ୨୫,୦୯୬ କୋଟି ଟଙ୍କା ହୋଇଛି। ଜିଙ୍କ ସର୍ବାଧିକ ଅବଦାନକାରୀ ୧୯,୦୫୩ କୋଟି ଟଙ୍କା ରହିଛି, ଏହା ପରେ ଆଲୁମିନିୟମ (ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ ଭାବରେ ତାଲିକାଭୁକ୍ତ) ୧୫,୭୮୮ କୋଟି ଟଙ୍କା ଏବଂ ତୈଳ ଏବଂ ଗ୍ୟାସ (ବର୍ତ୍ତମାନ ବେଦାନ୍ତ ତୈଳ ଏବଂ ଗ୍ୟାସ ଭାବରେ ତାଲିକାଭୁକ୍ତ) ୧୧,୬୯୭ କୋଟି ଟଙ୍କା ରହିଛି - ଏହା ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଶକ୍ତି କ୍ଷେତ୍ରରେ ବେଦାନ୍ତର ପୋର୍ଟଫୋଲିଓର ବ୍ୟାପକତା ଏବଂ ବିବିଧତାର ପ୍ରତିଫଳନ ଅଟେ।




## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିନ

# ଭୁବନେଶ୍ୱରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିବସ ଅବସରରେ ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ବୃହତ୍ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ବିଜେପିର ଯୁବ ନେତା ତଥା ଭୁବନେଶ୍ୱର ବିକାଶ ପରିଷଦର ଅଧ୍ୟକ୍ଷ ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଭୁବନେଶ୍ୱର ୟୁନିଟ୍ - ୯ସ୍ଥିତ ରେଡ୍ କ୍ରସ୍ ଭବନରେ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭୁବନେଶ୍ୱର ବିକାଶ ପରିଷଦର ଅଧ୍ୟକ୍ଷ ରାଣାପ୍ରତାପ ପାତ୍ର କହିଥିଲେ, "ସମାଜସେବାର ଉଦ୍ଦେଶ୍ୟ ଏବଂ ସମସ୍ତ ବର୍ଗର ଲୋକଙ୍କ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦକ୍ଷେପର ଆୟୋଜନ କରାଯାଇଥିଲା। ୧,୦୦୦ରୁ ଅଧିକ ହିତାଧିକାରୀ ଓ ୧,୦୦୦ରୁ ଅଧିକ ସ୍ୱଇଚ୍ଛାକୃତ ରକ୍ତଦାତାଙ୍କ ଉତ୍ସାହଜନକ ଯୋଗଦାନ ଆମ ସମାଜରେ ସେବା, ସହଯୋଗ ଓ ମାନବିକତାର ଭାବନାକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମଣିପାଲ ହସ୍ପିଟାଲ, ଭାରତୀୟ ରେଡ୍ କ୍ରସ୍ ସୋସାଇଟି, ପ୍ରୋସୋସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେସନ୍, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ବିଜେପିର ପୂର୍ବତନ ସଭାପତି ହରେକୃଷ୍ଣ ଖୁଣ୍ଟିଆ ଏବଂ ଭୁବନେଶ୍ୱର ବିଜେପିର ପୂର୍ବତନ ସଭାପତି ରତୀକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଭାରତୀୟ ରେଡ୍ କ୍ରସ୍ ସୋସାଇଟି ଏବଂ ପ୍ରୋସୋସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେସନ୍‌ର ସହଯୋଗରେ ଆୟୋଜିତ ଏହି ପଦକ୍ଷେପ ମାଧ୍ୟମରେ ୧,୦୦୦ରୁ ଅଧିକ ଲୋକ ନିଶୁଳ୍କ ଡାକ୍ତରୀ ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ସେବାର ସୁବିଧା ପାଇଥିଲେ।



## ଚିନ୍ତନ ମଣ୍ଡପ କିଶୋର ଅଂଶଗ୍ରହଣ

# ସହରାଞ୍ଚଳ ଶାସନ କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ ପାଲଟିଲା

ଭୁବନେଶ୍ୱର, (ସବ୍ୟୁ) : ସହରାଞ୍ଚଳ ଶାସନ କ୍ଷେତ୍ରରେ କିଶୋରଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସମଗ୍ର ଭୁବନେଶ୍ୱରରୁ ୨୦୦ରୁ ଅଧିକ କିଶୋର ହମାରା ବଚ୍‌ପନ ଟ୍ରଷ୍ଟ (ଏଚବିଟି) ପକ୍ଷରୁ ନିରାପଦ, ସୁସଂହତ ଏବଂ ସ୍ୱାସ୍ଥ୍ୟପ୍ରଦ ସର୍ବସାଧାରଣ ସ୍ଥଳ (ଏସଭିଏଚପିଏସ୍) କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଏବଂ ଡବ୍ଲ୍ୟୁଆରଆଇ ଇଣ୍ଡିଆ ସହଯୋଗୀତାରେ ଆୟୋଜିତ ଓଡ଼ିଶାର ପ୍ରଥମ ସହର-ସ୍ତରୀୟ କିଶୋର ସଂସଦ 'ଚିନ୍ତନମଣ୍ଡପରେ ଏକତ୍ରିତ ହୋଇଥିଲେ। ଏହି ଅନନ୍ୟ କିଶୋର-ନେତୃତ୍ୱ ସଂସଦୀୟ ଫୋରମ୍ ଯୁବକ ଯୁବତୀଙ୍କୁ ସେମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ମୁଖ୍ୟ ସହରାଞ୍ଚଳ ସମସ୍ୟାଗୁଡିକ ଉପରେ ଆଲୋଚନା କରିବା ଏବଂ ସରକାରୀ ପ୍ରତିନିଧିମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ନିୟୋଜିତ ହେବାକୁ ଏକ ମଞ୍ଚ ଯୋଗାଇ ଦେଇଥିଲା। କିଶୋରମାନେ ବାଚସ୍ପତି, ମନ୍ତ୍ରୀଗଣ, ଆର୍ଥିକ ପ୍ରତିନିଧି ଏବଂ ଜୋନ୍ ପ୍ରତିନିଧି ଆଦି ସମସ୍ତ ସଂସଦୀୟ ଭୂମିକା ନିର୍ବାହ କରିଥିଲେ, ଯାହା ଚିନ୍ତନ ମଣ୍ଡପକୁ ଓଡ଼ିଶାରେ ଏହି ଧରଣର ପ୍ରଥମ କିଶୋର-ନେତୃତ୍ୱ ଶାସନ ପ୍ଲାଟଫର୍ମ କରି ଗଢିତୋଳିଥିଲା। ଭୁବନେଶ୍ୱରରେ ୨୯୭ ଗୋଷ୍ଠୀରେ କରାଯାଇଥିବା କିଶୋର-ନେତୃତ୍ୱ ଅଡିଟ୍ ଜରିଆରେ ସଂଗୃହୀତ ତଥ୍ୟକୁ ନେଇ ଅଂଶଗ୍ରହଣକାରୀମାନେ ଜଳ ଓ ପରିମଳ, ସାମାଜିକ ନିରାପତ୍ତା ଓ ସୁରକ୍ଷା, ସର୍ବସାଧାରଣ ଭିତ୍ତିଭୂମି ଓ ଗମନା ଗମନ ଏବଂ ଉତ୍ତରଦାୟୀ ଶାସନ ଓ ବଜେଟ ପ୍ରସ୍ତୁତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ବିଏମ୍‌ସି କମିଶନର ଚଞ୍ଚଳ ରାଣା ସହରର ବର୍ତ୍ତମାନ ଏବଂ ଏକ ଅଧିକ ସମାବେଶୀ ଓ ସମ୍ବେଦୀ ଭୁବନେଶ୍ୱର ଗଠନରେ କିଶେରମାନଙ୍କର ତଥ୍ୟ-ଆଧାରିତ ଅନ୍ତର୍ଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ସହରାଞ୍ଚଳ ଯୋଜନା ପ୍ରସ୍ତୁତି ଓ ଶାସନ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ଉପରେ ଜୋର୍ ଦେଇଥିଲେ। ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ ପିଲାମାନେ, ମହିଳା ଏବଂ ଯୁବବର୍ଗଙ୍କ ସହିତ ହମାରା ବଚ୍‌ପନ ଟ୍ରଷ୍ଟର ନିରନ୍ତର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଚିନ୍ତନ ମଣ୍ଡପ ଅବସରରେ କିଶୋରମାନଙ୍କ ଦ୍ୱାରା କରାଯାଇଥିବା ଚିନ୍ତନଶୀଳ ଆଲୋଚନା ପାଇଁ ବଧେଇ ଜଣାଇଥିଲେ। ସଂସଦରେ ଚାରିଟି ବିଷୟଭିତ୍ତିକ ଅଧିବେଶନ ସ୍ଥାନ ପାଇଥିଲା, ଯଥା: - ଜଳ ଓ ପରିମଳ- ପାନୀୟ ଜଳର ସୁବିଧା, କାର୍ଯ୍ୟକ୍ଷମ ପାଇଖାନା, ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟରକ୍ଷା, ବର୍ଜ୍ୟ ପରିଚାଳନା ଏବଂ ଡ୍ରେନେଜ ଉପରେ ଦୃଷ୍ଟିପାତ। - ସାମାଜିକ ନିରାପଦା ଓ ସୁରକ୍ଷା- ସର୍ବସାଧାରଣ ସ୍ଥଳ, ଠକାମି, ଲିଙ୍ଗ-ଭିତ୍ତିକ ହିଂସା, ଅନ୍‌ଲାଇନ ସୁରକ୍ଷା ଏବଂ କିଶୋରମାନଙ୍କ ଅଧିକାର ପ୍ରତି ଦୃଷ୍ଟିଦେବା। ଓଡ଼ିଶା ଶିଶୁ-ଅନୁକୂଳ ସର୍ବସାଧାରଣ ସ୍ଥଳ ଡିଜାଇନ ନିୟମାବଳୀ, ଓଡ଼ିଶା ସହରାଞ୍ଚଳ ଡିଜାଇନ ହବ୍ ଏବଂ ଆଗାମୀ ପୌର ବଜେଟ ପରାମର୍ଶ ଭଳି ପ୍ରମୁଖ ସହରାଞ୍ଚଳ ପ୍ରୟାସଗୁଡ଼ିକୁ ଅଗ୍ରସର ହେଉଥିବାବେଳେ କିଶୋରମାନଙ୍କର ଅର୍ଥପୂର୍ଣ୍ଣ ଅଂଶଗ୍ରହଣ କିଭଳି ଅଧିକ ପ୍ରତିଜବାବୀ, ସମାବେଶୀ ଏବଂ ସମତା ଭିତ୍ତିକ ସହରଗୁଡ଼ିକ ନିର୍ମାଣ ଦିଗରେ ଅବଦାନ ରଖିପାରିବ, ତାହା ଚିନ୍ତନ ମଣ୍ଡପ ପ୍ରଦର୍ଶିତ କରିଛି।




# ଭାରତରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ଆମାଜନ ସିଇଓ ଆଣ୍ଡି ଜେସି

ଭୁବନେଶ୍ୱର, (ସବ୍ୟୁ) : ନୂଆଦିଲ୍ଲୀରେ ଆମାଜନ ସିଇଓ ଆଣ୍ଡି ଜେସି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଆଣ୍ଡି ଜେସି ଭାରତ ପ୍ରତି ଆମାଜନର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ଏବଂ ୨୦୩୦ ସୁଦ୍ଧା ଦେଶରେ ଏଆଇ ଓ କ୍ଲାଉଡ ଭିତ୍ତିଭୂମିର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୩ ମିଲିୟନ ଡଲାର ନିବେଶ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଏହା ଏଆଇ ଓ କ୍ଲାଉଡ ଭିତିଭୂମିର ବିସ୍ତାର ଓ ସହଯୋଗ କ୍ଷେତ୍ରରେ ୨୦୨୬ରୁ ୨୦୩୦ ମଧ୍ୟରେ ଆମାଜନର ମୋଟ ଯୋଜନାଗତ ନିବେଶ ପରିମାଣକୁ ୨୧ ବିଲିୟନ ଡଲାରରୁ ଅଧିକରେ ପହଂଚାଇଛି, ଯାହା ଏହାକୁ ଦେଶରେ ଅନ୍ୟତମ ସର୍ବବୃହତ ଆନ୍ତର୍ଜାତୀୟ ଏଆଇ ଓ କ୍ଲାଉଡ ଭିତିଭୂମି ନିବେଶକ ଭାବେ ସ୍ଥାପିତ କରିଛି। ଏହି ନିବେଶ ମୁମ୍ବାଇ ଓ ହାଇଦ୍ରାବାଦରେ ଏଡବ୍ଲ୍ୟୁଏସ ଡାଟା ସେଣ୍ଟର କ୍ଷମତାକୁ ବିସ୍ତାର କରିବ, ଦ୍ରୁତ ବେଗରେ ଉଦ୍ଭାବନ ଓ ବିସ୍ତାର କରିବା ଏବଂ ବିଶ୍ୱବ୍ୟାପୀ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଷ୍ଟାର୍ଟଅପ, ଉଦ୍ୟୋଗ ଓ ସରକାରୀ ସଂସ୍ଥାଗୁଡ଼ିକୁ କଷ୍ଟମ ଏଆଇ ଚିପ୍, ପରିଚାଳିତ ଏଆଇ ସର୍ଭିସ, ସୁରକ୍ଷିତ ଓ ନିର୍ଭରଯୋଗ୍ୟ କ୍ଲାଉଡ ଟେକ୍ନୋଲୋଜି ଓ ଡେଭ୍‌ଲପର ଟୁଲଗୁଡ଼ିକ ପାଇଁ ପହଞ୍ଚ ପ୍ରଦାନ କରିବ। ୨୦୧୦-୨୦୩୦ ମଧ୍ୟରେ ଭାରତରେ ଆମାଜନର ମୋଟ ନିବେଶ ପରିମାଣ ୮୮ ବିଲିୟନ ଡଲାର ଅଧିକ ରହିଛି। ଏହି ସମୟରେ ଜେସି, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କର ନେତୃତ୍ୱ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଭାରତର ବର୍ଦ୍ଧିତ ମହତ୍ୱ ଉପରେ ଆଲୋକପାତ କରିଥିଲେ ଯେଉଁଠାରେ ଆମାଜନ ଇକମର୍ସ, ଏଆଇ, କ୍ଲାଉଡ ଓ ମନୋରଞ୍ଜନ ଭଳି ଅନେକ ବ୍ୟବସାୟ ପରିଚାଳନା କରୁଛି।



# ଭେନେଜୁଏଲାରେ ଭୟଙ୍କର କ୍ଷୟକ୍ଷତି

## ଉପଗ୍ରହ ଛବିରେ ସାମ୍ନାକୁ ଆସିଲା ଧ୍ୱଂସର ଚିତ୍ର

**କାରାକାସ:** ଦକ୍ଷିଣ ଆମେରିକାର ଭେନେଜୁଏଲାରେ ପରପର ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ପରେ ସୃଷ୍ଟି ହୋଇଥିବା ବ୍ୟାପକ ଧ୍ୱଂସର ଚିତ୍ର ଏବେ ଉଚ୍ଚ-ରିଜଲ୍ୟୁସନ୍ ଉପଗ୍ରହ ଫଟୋରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। 'ଭାଣ୍ଟର' ପକ୍ଷରୁ ପ୍ରକାଶିତ ଏହି ଚିତ୍ରଗୁଡ଼ିକରେ ଦେଖାଯାଇଛି ଯେ, ଅନେକ ବହୁତଳ କୋଠା ଭୁଶୁଡ଼ି ପଡ଼ିଛି, ଛାତଗୁଡ଼ିକ ଭାଙ୍ଗିଯାଇଛି ଏବଂ ଚାରିଆଡ଼େ କେବଳ ଧ୍ୱଂସସ୍ତୂପ ରହିଯାଇଛି। ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି। ବୁଧବାର ରାତିରେ ପ୍ରଥମେ ୭.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ଏହାର ମାତ୍ର ୩୯ ସେକେଣ୍ଡ ପରେ ୭.୫ ତୀବ୍ରତାର ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ୟୁଏସ୍‌ଜିଏସ୍) ଏହାକୁ 'ଡବଲେଟ୍' (ଯମଜ) ଭୂମିକମ୍ପ ବୋଲି ବର୍ଣ୍ଣନା କରିଛି। ସଂସ୍ଥାର କହିବା ଅନୁସାରେ, ୭.୨ ତୀବ୍ରତାର ପ୍ରଥମ ଭୂମିକମ୍ପ



'ଫୋର୍ଶକ୍' (ପ୍ରାକ୍ କମ୍ପନ) ଥିଲା ଏବଂ ତାହାର ୩୯ ସେକେଣ୍ଡ ପରେ ୭.୫ ତୀବ୍ରତାର 'ମେନଶକ୍' (ମୁଖ୍ୟ କମ୍ପନ) ଘଟିଥିଲା। ଏହି ବିପର୍ଯ୍ୟୟରେ ଅତି କମ୍ରେ ୨୩୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି।ରାଜଧାନୀ କାରାକାସର ଉତ୍ତରରେ ଥିବା ଲା ଗୁଆଇରା ସହର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ସାଇମନ୍ ବୋଲିଭାର ବିମାନବନ୍ଦର ନିକଟସ୍ଥ ପ୍ଲାୟା ଗ୍ରାଣ୍ଡେ ଅଞ୍ଚଳରେ ଅନେକ ବହୁତଳ ଆବାସିକ କୋଠା ଧ୍ୱଂସ ହୋଇଯାଇଛି। ଭୂମିକମ୍ପ ପୂର୍ବ ଓ ପରର ଉପଗ୍ରହ ଚିତ୍ରରେ ସହରର ବଜାର, ଶିଳ୍ପ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଭବନର ଭୟଙ୍କର କ୍ଷତି ସ୍ପଷ୍ଟ ଭାବେ ଦେଖାଯାଉଛି। କେତେକ ଭବନ ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଅନେକ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ମାତ୍ର ୧୦ ଦିନର ବ୍ୟବଧାନରେ ନିଆଯାଇଥିବା ଉପଗ୍ରହ ଚିତ୍ରରେ ପ୍ଲାୟା ଗ୍ରାଣ୍ଡେ ଅଞ୍ଚଳ ଧୂଳିସାତ୍ ହୋଇଥିବା ଦେଖାଯାଇଛି। ରାସ୍ତା କଡ଼ରେ ଥିବା ଏକ ଧଳା ବହୁତଳ କୋଠା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାବେଳେ ପାଖରେ ଥିବା ଅତି କମ୍ରେ ପାଞ୍ଚଟି ଅନ୍ୟ ଭବନ ମଧ୍ୟ ଧ୍ୱଂସ ହୋଇଯାଇଛି। ଅଭେନିଡା ଲା ପ୍ଲାୟା ଅଞ୍ଚଳରେ ଥିବା 'ରେସିଡେନ୍ସିଆ ନଟିଲସ୍' ଭବନ ଏବଂ ନିକଟସ୍ଥ କଣ୍ଟେନର ୟାର୍ଡ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ମେ ମାସରେ ନିଆଯାଇଥିବା ଚିତ୍ରରେ ଯେଉଁଠାରେ କଣ୍ଟେନର ଓ ଭବନଗୁଡ଼ିକ ସୁରକ୍ଷିତ ଥିଲା, ଭୂମିକମ୍ପ ପରେ ସେହି ସ୍ଥାନର ଅନେକ ନିର୍ମାଣ ଭାଙ୍ଗିପଡ଼ିଥିବା ଦେଖାଯାଇଛି। ଶିଳ୍ପାଞ୍ଚଳର ଗୋଦାମଗୁଡ଼ିକ ଧୂଳିସାତ୍ ହୋଇଯାଇଥିବାବେଳେ କେବଳ ଲୁହା ରଡ୍ ଓ ଧ୍ୱଂସାବଶେଷ ଅବଶିଷ୍ଟ ରହିଛି। କେତେକ ଆବାସିକ ପରିସରରେ ଅଧାରୁ ଅଧିକ ଘର ଭାଙ୍ଗିପଡ଼ିଛି କିମ୍ବା ଏକ ପାର୍ଶ୍ୱକୁ ଢଳିଯାଇଛି। ଭୂମିକମ୍ପ ପରେ ଗୁରୁବାର ପର୍ଯ୍ୟନ୍ତ ଅନେକ ପଶ୍ଚାତ୍ କମ୍ପନ ମଧ୍ୟ ଅନୁଭୂତ ହୋଇଥିଲା।

# ପୁଣି ଭାରତ-ପାକ୍ 'ଟ୍ରାକ୍-୨' କଥାବାର୍ତ୍ତା

**ନୂଆଦିଲ୍ଲୀ:** ଭାରତ ଓ ପାକିସ୍ତାନ ମଧ୍ୟରେ ସରକାରୀ ସ୍ତରର ଆଲୋଚନା ଦୀର୍ଘ ସମୟ ଧରି ବନ୍ଦ ଥିବା ସତ୍ତ୍ୱେ ପରଦା ଆଢୁଆଳରେ ସଂଳାପ ଜାରି ରହିଛି। ଗତ ଏକ ସପ୍ତାହ ମଧ୍ୟରେ ଉଭୟ ଦେଶର ପ୍ରତିନିଧିମାନଙ୍କ ମଧ୍ୟରେ 'ଟ୍ରାକ୍-୨' (ଅନୌପଚାରିକ) ଆଲୋଚନାର ଦୁଇଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ଏହି ବୈଠକଗୁଡ଼ିକ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ ଓ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ହୋଇଥିବା ଜଣାପଡ଼ିଛି। ସରକାରୀ ଆଲୋଚନା ବନ୍ଦ ଥିବା ସମୟରେ ଏହି ଅନୌପଚାରିକ ସଂଳାପକୁ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଜାରି ରଖିବାର ଏକ ପ୍ରୟାସ ବୋଲି ଦେଖାଯାଉଛି। ରିପୋର୍ଟ ଅନୁସାରେ, ଏହି 'ଟ୍ରାକ୍-୨' ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଙ୍କଟ ସମୟରେ ଦୁଇ ଦେଶ ମଧ୍ୟରେ ସଂଳାପର ବ୍ୟବସ୍ଥାକୁ ସକ୍ରିୟ ରଖିବା, ସମ୍ଭାବ୍ୟ ସାମରିକ ସଂଘର୍ଷକୁ ଏଡ଼ାଇବା ଓ ତିକ୍ତ ପରିସ୍ଥିତିକୁ ସମ୍ଭାଳିବା। ବୈଠକରେ ଆତଙ୍କବାଦ ଓ ଜଳ ବଣ୍ଟନ ବିବାଦ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ନିଜ ନିଜ ମତ ଓ ତଥ୍ୟ ଉପସ୍ଥାପନ କରିଥିଲେ। ଏହାସହ 'ଟ୍ରାକ୍-୨' ଆଲୋଚନାରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ଭବିଷ୍ୟତରେ 'ଟ୍ରାକ୍-୧' ଅର୍ଥାତ୍ ସରକାରୀ ସ୍ତରର ଆଲୋଚନାରେ କିପରି ପହଞ୍ଚାଯାଇପାରିବ, ସେନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ମେ ୨୦୨୫ରେ ଜମ୍ମୁ-କାଶ୍ମୀରର ପହଲଗାମରେ



ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇପଡ଼ିଛି। ସେହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ। ଏହା ପରେ ଦୁଇ ପରମାଣୁ ଶକ୍ତିଧର ପଡ଼ୋଶୀ ଦେଶ ମଧ୍ୟରେ ଚାରି ଦିନ ଧରି ଗୋଳାବର୍ଷଣ ଓ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଯଦିଓ ୧୦ ମେ'ରୁ ଯୁଦ୍ଧବିରତି ଲାଗୁ ହେବା ପରେ ପରିସ୍ଥିତି ଅଧିକ ଖରାପ ହୋଇନାହିଁ, ତଥାପି ସରକାରୀ ସ୍ତରର ଆଲୋଚନା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏହି 'ଟ୍ରାକ୍-୨' ବୈଠକରେ ବର୍ତ୍ତମାନର ସରକାରୀ ଅଧିକାରୀମାନେ ନୁହେଁ, ବରଂ ଅବସରପ୍ରାପ୍ତ ସାମରିକ ଅଧିକାରୀ, ପୂର୍ବତନ କୂଟନୀତିଜ୍ଞ, ଗଣମାଧ୍ୟମ ପ୍ରତିନିଧି ଓ ଶିକ୍ଷାବିତ୍ମାନେ ଅଂଶଗ୍ରହଣ କରୁଛନ୍ତି। ସରକାରୀ ସଂଳାପ ବନ୍ଦ ଥିବାରୁ ଏଭଳି ନିରପେକ୍ଷ ସ୍ଥାନରେ ଅନୌପଚାରିକ ଆଲୋଚନା ଆୟୋଜନ କରାଯାଉଛି। ମେ ୨୦୨୫ର ସଂଘର୍ଷ ପରେ ଏଭଳି ଅନେକ ପର୍ଯ୍ୟାୟର ବୈଠକ ପଶ୍ଚିମ ଏସିଆର ବିଭିନ୍ନ ରାଜଧାନୀ ଓ ଅନ୍ୟ ନିରପେକ୍ଷ ସ୍ଥାନରେ ହୋଇସାରିଛି। ଏହାପୂର୍ବରୁ କତରର ଦୋହାରେ ମଧ୍ୟ ଏକ 'ଟ୍ରାକ୍-୨' ବୈଠକ ହୋଇଥିଲା। ପ୍ରଥମ ଥର ପାଇଁ ଏପ୍ରିଲ୍ ୨୦୨୬ରେ ଏହି ଗୁପ୍ତ ଆଲୋଚନା ସମ୍ପର୍କରେ ଖବର ସାମ୍ନାକୁ ଆସିଥିଲା।

# ବିଦ୍ରୋହୀଙ୍କୁ ଟାର୍ଗେଟ କଲେ ମମତା

## ମା ପ୍ରତି ଧୋକାବାଜ କର ନାହିଁ

**କୋଲକାତା:** ନିର୍ବାଚନ ପରାଜୟ ପରେ ବିଦ୍ରୋହ ଘୋଷଣା କରିଥିବା ଟିଏମସିର ବିଧାୟକ, ସାଂସଦ ଓ କାଉନସିଲରମାନଙ୍କ ଉପରେ ବର୍ଷିଛନ୍ତି ଦଳର ସୁପ୍ରିମୋ ମମତା ବାନାର୍ଜୀ। ସେ ଦଳ ସହ ଧୋକା କରିଥିବା ନେତାଙ୍କୁ ରୋଗିଣା ମା'ଙ୍କୁ ଛାଡ଼ି ଦେଉଥିବା ଲୋକଙ୍କ ସହ ତୁଳନା କରିଛନ୍ତି। ଉତ୍ତର କୋଲକାତାର ଟିଏମସି ବୈଠକକୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧନ କରିଥିବା ମମତା ନିଜ ଭାଷଣ ମାଧ୍ୟମରେ ଦଳୀୟ କର୍ମୀ ଓ କ୍ୟାଡରମାନଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନିୟମିତ ଦମନଲୀଳା ବିରୋଧରେ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି। ବିଧାନସଭା ନିର୍ବାଚନ ପରେ ଦଳ ଛାଡ଼ିଥିବା ବିଦ୍ରୋହୀଙ୍କ ଉଦ୍ଦେଶ୍ୟରେ ମମତା କହିଛନ୍ତି ଯେ "ଏହା ଏମିତି ଜଣେ ମା'ଙ୍କ ପରି, ଯିଏ ସାରା ଜୀବନ ଆପଣଙ୍କୁ ଲାଳନ-ପାଳନ କରିଛନ୍ତି, କିନ୍ତୁ ସେ ଅସୁସ୍ଥ ହେଲା ବେଳେ ଆପଣ ତାଙ୍କର ଯତ୍ନ ବା ସେବା କରିବାକୁ ମନା କରି ଛାଡ଼ି ଦିଅନ୍ତି। ବିଶ୍ୱାସଘାତକମାନଙ୍କ ପାଇଁ



କୌଣସି କ୍ଷମା ନାହିଁ। ସେମାନେ ଆଜି ହୁଏତ ନିଜକୁ ବଞ୍ଚାଇ ପାରନ୍ତି। କିନ୍ତୁ ଭବିଷ୍ୟତରେ ଜନସାଧାରଣ ସେମାନଙ୍କ ଠାରୁ ହିସାବ ମାଗିବେ। କର୍ମୀମାନେ ମଧ୍ୟ ସେମାନଙ୍କୁ ପ୍ରଶ୍ନ କରିବେ।"କେନ୍ଦ୍ର ସରକାର ଓ ବିଜେପିକୁ ଟାର୍ଗେଟ କରି ସେ କହିଛନ୍ତି, "ସ୍ୱର ଚାପି ଦେବାକୁ ନିୟମିତ ଉଦ୍ୟମ ଚାଲିଛି ଓ ମାମଲା ପରେ ମାମଲା ହେଉଛି। ଲୋକମାନଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଉଛି। ଅନେକ ଲୋକ ଭୟଭୀତ ହୋଇ ରହିଛନ୍ତି। ହକରମାନଙ୍କ ଷ୍ଟଲଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଅନେକ ଲୋକ ଜୀବିକା ହରାଇଛନ୍ତି।

# ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ

**ମାନିଲା:** ଭେନେଜୁଏଲାରେ ପ୍ରଳୟଙ୍କାରୀ ଭୂମିକମ୍ପରେ ଶହ ଶହ ଲୋକଙ୍କ ମୃତ୍ୟୁର ମାତ୍ର ଗୋଟିଏ ଦିନ ପରେ, ଶୁକ୍ରବାର ସନ୍ଧ୍ୟାରେ ଦକ୍ଷିଣ ଫିଲିପାଇନ୍ସରେ ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୭ ରେକର୍ଡ କରାଯାଇଛି। ଏହି ଭୂମିକମ୍ପଟି ସ୍ଥାନୀୟ ସମୟ ରାତି ପ୍ରାୟ ୭:୪୨ରେ ମିନ୍ଦାନାଓ ଦ୍ୱୀପର ସାରାଙ୍ଗାନି ସହରଠାରୁ ପ୍ରାୟ ୨୧ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂଗର୍ଭର ୬୫.୭ କିଲୋମିଟର ଗଭୀରତାରେ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ, ମାତ୍ର ତିନି ସପ୍ତାହ ପୂର୍ବରୁ ଏହି ଅଞ୍ଚଳରେ ଆସିଥିବା ଏକ ବଡ଼ ଭୂମିକମ୍ପ ଝଟକା ଯୋଗୁଁ ୮୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ତେବେ ବର୍ତ୍ତମାନର ଏହି ଭୂମିକମ୍ପ ପରେ ତୁରନ୍ତ କୌଣସି ସୁନାମି ସତର୍କତା ଜାରି କରାଯାଇ ନାହିଁ।

## ଭେନେଜୁଏଲାରେ ପହଞ୍ଚିଲା ଭାରତୀୟ ସହାୟତା

**ନୂଆଦିଲ୍ଲୀ:** ପ୍ରଳୟଙ୍କରୀ ଭୂମିକମ୍ପରେ କ୍ଷତିଗ୍ରସ୍ତ ହୋଇଥିବା ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାକୁ ସହାୟତାର ହାତ ବଢ଼ାଇଛି ଭାରତ। ସେଠାରେ ଉଦ୍ଧାର ଓ ଜରୁରୀକାଳୀନ ଚିକିତ୍ସା କାର୍ଯ୍ୟ ପାଇଁ ଭାରତ ସରକାର 'ଅପରେସନ୍ ଅମିଷ୍ଟାଡ୍' ଆରମ୍ଭ କରିଛନ୍ତି। ଏହି ଅଭିଯାନ ଅଧୀନରେ ଭାରତୀୟ ବାୟୁସେନାର ଦୁଇଟି 'ସି-୧୭ ଗ୍ଲୋବମାଷ୍ଟର' ଭାରୀ ପରିବହନ ବିମାନ ଏକ ସେନା ମେଡିକାଲ୍ ଦଳ, ମେଡିକାଲ୍ ୟୁନିଟ୍ ଓ ୩୫ ଟନରୁ ଅଧିକ ସାହାଯ୍ୟ ସାମଗ୍ରୀ ନେଇ ଶୁକ୍ରବାର ଦିନ ଭେନେଜୁଏଲା ଅଭିମୁଖେ ଯାତ୍ରା କରିଛନ୍ତି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ସୂଚନା ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଶ୍ୱର ଯେକୌଣସି ସ୍ଥାନରେ ସହଯୋଗ କରି ପ୍ରଥମ ସହାୟତା ପ୍ରଦାନକାରୀ ଭାବେ ଭାରତ ନିଜର ସୁନାମ ବଜାୟ ରଖିଛି।ହିନ୍ଦନ ବାୟୁସେନା ଘାଟିରୁ ଯାତ୍ରା ଆରମ୍ଭ କରିଥିବା ଏହି ସାମରିକ ଦଳରେ ଭାରତୀୟ ସେନାର '୬୦ ପାରା ଫିଲ୍ଡ ହସ୍ପିଟାଲ୍'ର ୯ ଜଣ ମେଡିକାଲ ଅଫିସରଙ୍କ ସମେତ ମୋଟ ୪୧ ଜଣ ବିଶେଷଜ୍ଞ କର୍ମଚାରୀ ସାମିଲ ଅଛନ୍ତି।

## ମହେଶ ଦୀକ୍ଷିତ ଆଇବି ମୁଖ୍ୟ ନିଯୁକ୍ତ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଆଇପିଏସ୍ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପରବର୍ତ୍ତୀ ମୁଖ୍ୟ ଭାବରେ ନିଯୁକ୍ତ କରିଛନ୍ତି। ଦୀକ୍ଷିତ ତପନ ଡେକାଙ୍କ ସ୍ଥାନରେ ନୂଆ ନିଯୁକ୍ତି ପାଇଛନ୍ତି। ଜୁନ୍ ୩୦ ତାରିଖରେ ଡେକାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହେବା ପରେ ଦୀକ୍ଷିତ ଦାୟିତ୍ୱ ଗ୍ରହଣ କରିବେ। ହିମାଚଳ ପ୍ରଦେଶ କ୍ୟାଡରର ୧୯୮୮ ବ୍ୟାଚ୍ ଅଧିକାରୀ ଡେକାଙ୍କୁ ୨୦୨୨ ରେ ଆଇବି ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଥିଲା ଓ ତା'ପରେ ତାଙ୍କୁ ଦୁଇ ଥର ଗୋଟିଏ ବର୍ଷ ଲେଖାଏଁ ଏକ୍ସଟେନ୍ସନ୍ ଦିଆଯାଇଥିଲା। ୧୯୯୩ ବ୍ୟାଚ ଆନ୍ଧ୍ର ପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ଦୀକ୍ଷିତ ବର୍ତ୍ତମାନ ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ଦୁଇ ବର୍ଷ ପାଇଁ ଦୀକ୍ଷିତଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି।

## ବିଶ୍ୱ ନିରନ୍ତର ବିକାଶ କଂଗ୍ରେସ-୨୦୨୬

### ଏସଡିଜି ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ

**ଜାକର୍ତ୍ତା:** ଜାକର୍ତ୍ତାରେ ଆୟୋଜିତ ବିଶ୍ୱ ନିରନ୍ତର ବିକାଶ କଂଗ୍ରେସରେ ଚଳିତ ବର୍ଷର ଫଳାଫଳ ଘୋଷଣା କରାଯାଇଛି । ମିଳିତ ଜାତିସଂଘର ୧୭ ଏସଡିଜି ବିଶ୍ୱବିଦ୍ୟାଳୟଗୁଡିକ କିଭଳି କାର୍ଯ୍ୟ କରୁଛନ୍ତି ତାହାକୁ ମୂଲ୍ୟାଙ୍କନ କରାଯାଇଥିଲା । ଗୁଣାତ୍ମକ ଶିକ୍ଷା , ଲିଙ୍ଗଗତ ସମାନତା, ଦାରିଦ୍ର୍ୟ ନିରାକରଣ ସ୍ୱଚ୍ଛ ଜଳ ଓ ପରିଷ୍କାରତା ଏବଂ ସୁଲଭ ଓ ସ୍ୱଚ୍ଛ ଉର୍ଜା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡିକ କିପରି କାର୍ଯ୍ୟ କରୁଛି ତାହାର ସମୀକ୍ଷା କରାଯାଇଥିଲା । ଏଥିରେ ବିଶ୍ୱର ୧୧୫ରୁ ଅଧିକ ଦେଶର ୧୫୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ଭାଗ ନେଇଥିଲା । ଏଥିରେ ଅମୃତା ବିଶ୍ୱ ବିଦ୍ୟାପୀଠମ, ଟାଇମ୍ସ ହାୟର ଏଜୁକେଶନ (ଟିଏଚଇ) ସଷ୍ଟେନାବିଲିଟି ଇମ୍ପାକଫ ରେଟିଙ୍ଗ୍ସ୨୦୨୬ରେ, ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି (ଏସଡିଜି ୯) ବିଭାଗରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ସମ୍ମାନ ସ୍ଥାୟୀ ଭିତିଭୂମି ଗଠନ, ସମାବେଶୀ ଓ ସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହନ ଓ ଉଦ୍ଭାବନକୁ ବିକଶିତ କରିବାରେ ବିଶ୍ୱବିଦ୍ୟାଳୟର ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି । ଅମୃତା ବିଶ୍ୱ ବିଦ୍ୟାପୀଠମ ୫ଟି ଏସଡିଜି ବିଭାଗରେ ବିଶ୍ୱର ଶୀର୍ଷ ୨୫ ମଧ୍ୟରେ ସ୍ଥାନ ଅର୍ଜନ କରିଛି । ।ଏହି ସ୍ୱୀକୃତି ପାଇଁ ବିଶ୍ୱବିଦ୍ୟାଳୟର ଚାନ୍ସେଲର ଏବଂ ଆଧ୍ୟାତ୍ମିକ ନେତୃତ୍ୱବାଦୀ ପୂଜ୍ୟ ଶ୍ରୀ ମାତା ଅମୃତାନନ୍ଦମୟୀ ଦେବୀ (ଅମ୍ମା) ଟିଏଚଇ ଇମ୍ପାକଫ ରେଟିଙ୍ଗ୍ସକୁ କୃତଜ୍ଞତା ଜଣାଇଛନ୍ତି ।

# ଅଯୋଧ୍ୟା ରାମ ମନ୍ଦିରରୁ ଚୋରି: ୮ ଗିରଫ

## ସିସିଟିଭିକୁ ଘୋଡ଼ାଇ ଶୌଚାଳୟରେ ରଖାଯାଉଥିଲା ଦାନ ଟଙ୍କା

**ଅଯୋଧ୍ୟା:** ଅଯୋଧ୍ୟା ଶ୍ରୀରାମ ମନ୍ଦିରରୁ ପ୍ରଭୁ ରାମଲାଲାଙ୍କ ପାଇଁ ଆସିଥିବା କୋଟି କୋଟି ଟଙ୍କାର ଦାନ ସାମଗ୍ରୀ ଏବଂ ନଗଦ ଅର୍ଥ ଚୋରି ହେବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସଆଇଟି)ର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରୁ ଜଣାପଡ଼ିଛି ଯେ, ମନ୍ଦିରର କର୍ମଚାରୀମାନେ ହିଁ ମିଳିତ ଭାବେ ଏହି ବଡ଼ ଧରଣର ହେରଫେର କରିଛନ୍ତି। ଏସଆଇଟି ରିପୋର୍ଟ ଅନୁଯାୟୀ, ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ଅତି ଚତୁରତାର ସହ ଚୋରି କରୁଥିଲେ। ଗଣତି ସମୟରେ ଜଣେ କର୍ମଚାରୀ ସିସିଟିଭି କ୍ୟାମେରା ସାମ୍ନାରେ ଠିଆ ହୋଇ ତାହାକୁ ଘୋଡ଼ାଇ ଦେଉଥିବା ବେଳେ ଅନ୍ୟ ଜଣେ ସହଯୋଗୀ ନଗଦ ଟଙ୍କାକୁ ନିଜ ପୋଷାକ ଭିତରେ ଲୁଚାଇ ଦେଉଥିଲା। ବ୍ୟାଙ୍କରେ ଜମା କରିବା ପୂର୍ବରୁ ଟଙ୍କା ବିଡ଼ା ଭିତରେ ଅତିରିକ୍ତ ନୋଟ୍ ପୂରାଇ ଦିଆଯାଉଥିଲା ଏବଂ ପରେ ତାହାକୁ ବାହାର କରି ରେକର୍ଡ ସହ ମେଳ କରାଯାଉଥିଲା। ଚୋରି ହୋଇଥିବା ଏହି ଲକ୍ଷ ଲକ୍ଷ ଟଙ୍କାକୁ ପ୍ରଥମେ ମନ୍ଦିରର ଶୌଚାଳୟ ଗୁଡ଼ିକରେ ଲୁଚାଇ ରଖାଯାଉଥିଲା ଏବଂ ପରେ ମନ୍ଦିର ବାହାରକୁ ଆଣି ଲୁଟେରା କର୍ମଚାରୀମାନେ ଭାଗବାଣ୍ଟି ନେଉଥିଲେ।

ଏହି ଚୋରି ମାମଲା ୨୦୨୪ ମସିହାରେ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ହିଁ ଚାଲିଥିବା ସନ୍ଦେହ କରାଯାଉଛି। ଚଳିତ ବର୍ଷ ଅପ୍ରେଲ ୨୭ରୁ ଜୁନ୍ ୫ ତାରିଖ ମଧ୍ୟରେ ପ୍ରାୟ ୭୦ ଥର ଚୋରି ହୋଇଥିବା ସିସିଟିଭି ଫୁଟେଜ୍ରୁ ପ୍ରମାଣ ମିଳିଛି। ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କ ପାଖରୁ ୭୦ ଲକ୍ଷ ଟଙ୍କା ଜବତ କରାଯାଇଥିଲେ ହେଁ, ପ୍ରାୟ ୭ ରୁ ୭.୫ କୋଟି ଟଙ୍କା ମନ୍ଦିରରୁ ଗାଏବ ହୋଇଥିବା ଅନୁମାନ କରାଯାଉଛି। କେବଳ ଟଙ୍କା ନୁହେଁ, ପ୍ରଭୁଙ୍କ ପାଇଁ ଆସିଥିବା ସୁନା ଗହଣା, କାନଫୁଲ ଓ ଚୁଡ଼ି ମଧ୍ୟ କର୍ମଚାରୀମାନେ ଚୋରି କରିଛନ୍ତି। ପୋଲିସ ଏହି ମାମଲାରେ ୬ ଜଣ ମନ୍ଦିର କର୍ମଚାରୀଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଛି। ଏହି ସମ୍ପୂର୍ଣ୍ଣ ଷଡ୍ଯନ୍ତ୍ରର ମାଷ୍ଟରମାଇଣ୍ଡ ଟିନ୍ନୁ ଯାଦବ ଏବଂ ସୁଭାଷ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି, ଯେଉଁମାନେ ଅନ୍ୟମାନଙ୍କୁ ଏହି ଅପରାଧରେ ସାମିଲ କରିଥିଲେ। ଏହି ଘଟଣା ମନ୍ଦିରର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା,



ଅସମ୍ପୂର୍ଣ୍ଣ ସିସିଟିଭି କଭରେଜ୍ ଏବଂ ଡ୍ୟୁଟି ସରିବା ପରେ କର୍ମଚାରୀଙ୍କ ଯାଞ୍ଚ ନହେବା ଭଳି ବଡ଼ ତ୍ରୁଟିକୁ ପଦାରେ ପକାଇଛି। ଏଥିରେ କିଛି ବ୍ୟାଙ୍କ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ମଧ୍ୟ ଆଶଙ୍କା କରାଯାଉଛି। ବିବାଦ ବଢିବା ପରେ ମନ୍ଦିର ଟ୍ରଷ୍ଟର ବରିଷ୍ଠ ଅଧିକାରୀ ଚମ୍ପତ ରାୟ ଏବଂ ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି କୌଣସି ବି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ଇରାନର ଡ୍ରୋନ୍ ଆକ୍ରମଣ: ହର୍ମୁଜରେ ଜାତିସଂଘର ଉଦ୍ଧାର କାର୍ଯ୍ୟ ବନ୍ଦ

**ତେହେରାନ:** ହର୍ମୁଜ୍ ପ୍ରଣାଳୀରେ ଡ୍ରୋନ୍ ଆକ୍ରମଣ ପରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଜାତିସଂଘର ଏକ ଦଳ ଏହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ସମୟରେ ଇରାନ ପକ୍ଷରୁ ଏହି ଆକ୍ରମଣ ହୋଇଛି। ଓମାନ ଉପକୂଳରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ପରେ, ଜାତିସଂଘର ସାମୁଦ୍ରିକ ସଂସ୍ଥା, ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍ଓ) ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖିଛି। ଆଇଏମ୍ଓର ନିଷ୍ପତ୍ତି ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜରେ ପ୍ରାୟ ୧୧,୦୦୦ ନାବିକଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଅପରେସନ ଆରମ୍ଭ ଗତ କିଛି ଦିନ ହେଲା ଜାତିସଂଘ ଓମାନ ଓ ଅନ୍ୟ କେତେକ ସଦସ୍ୟ ଦେଶମାନଙ୍କ ସାହାଯ୍ୟରେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜକୁ ସୁରକ୍ଷିତ ଭାବେ ବାହାର କରିବାକୁ ଅପରେସନ ଆରମ୍ଭ କରିଥିଲା। ଯୁଦ୍ଧ ଓ ସୁରକ୍ଷା କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଫସି ରହିଥିବା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ପାର କରିବାରେ ସାହାଯ୍ୟ କରିବା ଏହି ମିଶନର ଲକ୍ଷ୍ୟ ଥିଲା। କିନ୍ତୁ ଓମାନ ଉପକୂଳରେ ସିଙ୍ଗାପୁର ପତାକା ବହନ କରୁଥିବା ମାଲବାହୀ ଜାହାଜ 'ଏଭର ଲଭଲି' ଉପରେ ଗୁରୁବାର ଆକ୍ରମଣ ପରେ ଆଇଏମ୍ଓ ଏହାର ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଛି। ଏହି ଆକ୍ରମଣରେ କୌଣସି ନାବିକଙ୍କ ମୃତ୍ୟୁ ହୋଇ ନଥିଲେ ମଧ୍ୟ ଜାହାଜ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଆଇଏମ୍ଓ ସୁରକ୍ଷା କାରଣର ଦୁହାଇ ଦେଇ ଉଦ୍ଧାର କାର୍ଯ୍ୟ ଅସ୍ଥାୟୀ ଭାବେ ବନ୍ଦ ରଖିଛି। ଆଇଏମ୍ଓ ମହାସଚିବ ଆର୍ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି ଯେ, ଉଦ୍ଧାର କରାଯିବା ତାଲିକାରେ ଥିବା ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଅଭିଯାନ ଆଗକୁ ବଢ଼ିବ ନାହିଁ। ତେବେ ଗୁରୁବାର ଆକ୍ରମଣର ଶିକାର ଜାହାଜ ଜାତିସଂଘର ଉଦ୍ଧାର ମିଶନର ଅଂଶ ନଥିଲା। ଏହି ଘଟଣା ସ୍ପଷ୍ଟ କରିଛି ଯେ, ସମୁଦ୍ର ପଥ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। ଆଇଏମ୍ଓ କହିଛି ଯେ, ଏହି ଅଞ୍ଚଳରେ ପାଖାପାଖି ୨୦,୦୦୦ ନାବିକ ପୃଥକ୍ ପୃଥକ୍ ଜାହାଜରେ ଫସି ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୧,୦୦୦ ନାବିକଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଯୋଜନା କରାଯାଇଥିଲା। ଏବେ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିବାବେଳେ ନାବିକମାନେ ମଝି ସମୁଦ୍ରରେ ଫସି ରହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ୧୨୫ଟି ଜାହାଜ ହର୍ମୁଜ ପାର୍ କରିଥିଲା।

# 'ଆମ ଝିଅ ଯଦି ଦୋଷୀ ତାକୁ ମୃତ୍ୟୁଦଣ୍ଡ ଦିଆଯାଉ': ସିୟାଙ୍କ ବାପା ମା'

## କେତନ ହତ୍ୟା ମାମଲା

**ପୁଣେ:** ପୁଣେର ରିୟଲ ଇଷ୍ଟେଟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ହତ୍ୟା ମାମଲାରେ ପୁଲିସକୁ ନୂଆ ତଥ୍ୟ ମିଳିଛି। ଅଭିଯୁକ୍ତ ସିୟା ଗୋୟଲ ଓ ଚେତନ ଚୌଧୁରୀଙ୍କୁ ଜେରାବେଳେ ପୁଲିସ ଅନେକ ନୂଆ କଥା ଜାଣିବାକୁ ପାଇଛି। ଏହାକୁ ନେଇ ତଦନ୍ତକାରୀ ଦଳ ଚକିତ ହୋଇଯାଇଛି। ସିୟା ପୁଲିସ ଆଗରେ କହିଛି ଯେ, ଚେତନ ମୁଣ୍ଡରେ କେଶ ନଥିଲା ଓ ସେ ଏକ ୱିଗ୍ ପିନ୍ଧୁଥିଲେ। ସିୟା ଏହାକୁ ପସନ୍ଦ କରୁନଥିଲେ, ତେଣୁ ସେ ତାଙ୍କୁ ବିବାହ କରିବାକୁ ଚାହୁଁ ନଥିଲେ। କେତନ କଥା କହିବା ସମୟରେ ତାଙ୍କ ପାଟି



ଲାଗୁଥିଲା, କେତନଙ୍କୁ ବିବାହ ନ କରିବାକୁ ତାଙ୍କ ପାଖରେ ଅନେକ କାରଣ ଥିଲା। ସେ ଚେତନଙ୍କୁ ଭଲ ପାଉଥିଲା। ସୂତ୍ର ଅନୁଯାୟୀ, ବିବାହ ସ୍ଥିର କରିବା ସମୟରେ ସିୟାଙ୍କ ପରିବାର ଲୋକଙ୍କୁ ଏ ସବୁ କଥା ଜଣାଥିଲା, କିନ୍ତୁ ସେମାନେ ଏହାକୁ ସାମାନ୍ୟ କଥା ବୋଲି ଗ୍ରହଣ କରୁଥିଲେ। ସିୟାଙ୍କ ମା' ମଧ୍ୟ ଝିଅ ପାଇଁ ମୃତ୍ୟୁଦଣ୍ଡ ଦାବି କରିଛନ୍ତି। କେତନଙ୍କ ବାପା ସ୍ପଷ୍ଟ କରିଛନ୍ତି ଯେ, ସିୟାଙ୍କ ପରିବାରକୁ କେତନଙ୍କ କେଶ ଝଡ଼ିବା ବିଷୟରେ ଅବଗତ କରାଯାଇଥିଲା। ସେମାନେ ଏହାକୁ ଏକ ଚିକିତ୍ସା ସମସ୍ୟା ବୋଲି କହିଥିଲେ।

ଯଦି ସିୟା ଏହି କଥାରେ ସହଜ ନଥିଲେ ତେବେ ସେମାନଙ୍କ ପାଖରେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ସମସ୍ତ ସୁଯୋଗ ରହିଥିଲା ବୋଲି କେତନଙ୍କ ବାପା କହିଛନ୍ତି। ଅନ୍ୟପକ୍ଷରେ ସିୟାଙ୍କ ବାପା ପ୍ରବୀଣ ଗୋୟଲ କହିଛନ୍ତି, କେତନ ମୋ ପାଇଁ ପୁଅ ପରି ଥିଲେ। କେତନଙ୍କ ମୃତ୍ୟୁ ଆମ ଦୁଇ ପରିବାରକୁ ଭାଙ୍ଗି ଦେଇଛି। ଯଦି ତାଙ୍କ ଝିଅ କେତନଙ୍କୁ ହତ୍ୟା କରିବାରେ ସାମିଲ ଥିବ ତାହାହେଲେ ତାଙ୍କୁ ମଧ୍ୟ ସେହି ଦୁର୍ଗକୁ ନେଇ ତଳକୁ ଠେଲି ଦିଆଯାଉ। ସିୟାଙ୍କ ମା' ମଧ୍ୟ ତାଙ୍କ ଝିଅ ପାଇଁ ମୃତ୍ୟୁଦଣ୍ଡ ଦାବି କରିଛନ୍ତି। ତଦନ୍ତରୁ ଆହୁରି ଜାଣିବାକୁ ମିଳିଛି ଯେ, କେତନଙ୍କୁ ମାରିବାକୁ ବହୁଥର ଯୋଜନା କରାଯାଇଥିଲା। ମେ ୩୧ ତାରିଖ ଓ ଜୁନ୍ ୧୪ ତାରିଖରେ କେତନଙ୍କୁ ଦୁର୍ଗ ଉପରୁ ଠେଲି ମାରିବାକୁ ସିୟାର ଯୋଜନା ଫେଲ୍ ମାରିବା ପରେ ଚେତନ ରାଗି ଯାଇଥିଲା। ସେ କହିଥିଲା, ତୁମ ଦ୍ୱାରା ହେବନାହିଁ, ଏଥର ମୁଁ ଯାଇ ହତ୍ୟା କରିବି। ସେହି ଯୋଜନା ଅନୁଯାୟୀ କେତନଙ୍କୁ ହତ୍ୟା କରାଯାଇଥିଲା। ସୂଚନାଯୋଗ୍ୟ, କେତନ ଅଗ୍ରୱାଲଙ୍କର ଜୁନ୍ ୧୮ ତାରିଖରେ ଲୋହାଗଡ଼ ଦୁର୍ଗ ଉପରୁ ୪୦୦ ଫୁଟ ଗଭୀର ଖାତକୁ ଖସିପଡ଼ି ମୃତ୍ୟୁ ହୋଇଥିଲା। ସିୟା ଓ ଚେତନ ଯୋଜନାବଦ୍ଧଭାବେ ଷଡ଼ଯନ୍ତ୍ର କରି କେତନଙ୍କୁ ଦୁର୍ଗ ଉପରୁ ଖାତକୁ ଠେଲି ହତ୍ୟା କରିଥିଲେ। ଏହି ମାମଲାରେ ଉଭୟ ସିୟା ଓ ଚେତନ ଗିରଫ ହୋଇଛନ୍ତି। କେତନ ଅଗ୍ରୱାଲ ହତ୍ୟା ମାମଲାରେ, ପୁଣେ ଗ୍ରାମୀଣ ପୁଲିସ ଲୋହାଗଡ଼ ଦୁର୍ଗରେ ଅପରାଧ ଦୃଶ୍ୟକୁ ପୁନଃସ୍ଥାପନ କରିବାକୁ ଏକ ଡମି ବ୍ୟବହାର କରିବ ବୋଲି ଜଣାପଡ଼ିଛି। ଏହାସହିତ ସିୟାଙ୍କ ଭାଇକୁ ମଧ୍ୟ ପଚରାଉଚରା କରିବ।

ଫିଫା ବିଶ୍ୱକପ

# ୪ଥର ବିଶ୍ୱ ବିଜେତା ଦଳକୁ ହରାଇଲା ଇକ୍ୱେଡ଼ର



ନ୍ୟୁୟର୍କ,୨୬।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପରେ ବଡ଼ଧରଣର ବିପର୍ଯ୍ୟୟ ଘଟାଇଛି ଇକ୍ୱେଡର। ୪ଥର ବିଶ୍ୱକପ ବିଜେତା ଜର୍ମାନୀକୁ ଧରାଶାୟୀ କରିଛି ଇକ୍ୱେଡର। ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଇକ୍ୱେଡର ୨-୧ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ପରାଜିତ କରିଥିଲା। ଏଥିସହ ଦଳ ଫିଫା ବିଶ୍ୱକପ ନକଆଉଟରେ ପ୍ରବେଶ କରିଛି। ଇକ୍ୱେଡରର ଐତିହାସିକ ବିଜୟ ପରେ ରାଷ୍ଟ୍ରପତି ଡାନିଏଲ ନୋବୋଆ ଦେଶବ୍ୟାପୀ ଛୁଟି ଘୋଷଣା କରିଛନ୍ତି। ଜାତୀୟ ଫୁଟବଲ ଦଳର ବିଜୟ ଉତ୍ସବ ପାଳନ କରିବାକୁ ଇକ୍ୱୋଡର ରାଷ୍ଟ୍ରପତି ଏପରି ପଦକ୍ଷେପ ନେଇଛନ୍ତି। ଚଳିତ ବିଶ୍ୱକପ ଆରମ୍ଭରୁ ଇକ୍ୱୋଡର ଆଖିଦୃଶିଆ ପ୍ରଦର୍ଶନ କରିନଥିଲା। ପ୍ରଥମ ମ୍ୟାଚରେ ଆଇଭରି କୋଷ୍ଟ ନିକଟରୁ ୧-୦ ଗୋଲରେ ହାରିଥିଲା। ଦ୍ୱିତୀୟ ମ୍ୟାଚରେ କୁରାକାଓ ବିପକ୍ଷରେ ଗୋଲଶୂନ୍ୟ ଡ୍ର' କରି ୧ ପଏଣ୍ଟ ହାସଲ କରିଥିଲା ଇକ୍ୱେଡର। ତେବେ ପୂର୍ବରୁ ନକଆଉଟ୍ ଯୋଗ୍ୟତା ହାସଲ କରିଥିବା ଜର୍ମାନୀ ବିପକ୍ଷ ଇକ୍ୱେଡର ଫଳରେ ଚକିତ କରିଛି। ଘନ ଘନ ଆକ୍ରମଣ କରି ଦଳ ଜର୍ମାନୀକୁ ଘାଇଲା କରିଥିଲା। ଶେଷରେ ଇକ୍ୱେଡର ମ୍ୟାଚକୁ ୨-୧ ଗୋଲରେ ଜିତି ନେଇଛି। ଏହି ଐତିହାସିକ ବିଜୟପରେ ରାଷ୍ଟ୍ରପତି ଡାନିଏଲ ଖେଳାଳି ଓ ମୁଖ୍ୟ କୋଚ୍ ସେବାଷ୍ଟିଆନ ବେକାସେସ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମାଲୋଚନା କଟାକ୍ଷ ଓ କଠିନ ପରିସ୍ଥିତିକୁ ଅତିକ୍ରମ କରି ସମଗ୍ର ଦେଶକୁ ଗର୍ବିତ କରିଛନ୍ତି ଖେଳାଳି। ଏହି ସଫଳତାର ଉତ୍ସବକୁ ପାଳନ କରିବା ପାଇଁ ଶୁକ୍ରବାର ଦେଶବ୍ୟାପୀ ଛୁଟି ଘୋଷଣା ହୋଇଥିଲା।

ମ୍ୟାଚରେ ଜର୍ମାନୀ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟର ଫ୍ଲୋରିଆନ ୱିଟଜଙ୍କ ପାସକୁ ଲେରୋୟ ଗୋଲରେ ପରିଣତ କରି ଜର୍ମାନୀକୁ ଆଗୁଆ କରିଥିଲେ। ପଛରେ ରହିଥିଲେ ଇକ୍ୱେଡର ଆଶା ହରାଇନଥିଲା। ମ୍ୟାଚର ନବମ ମିନିଟରେ ନେଲସନ ଆଙ୍ଗୁଲୋ ଚମତ୍କାର ଗୋଲ ଦେଇ ସ୍ଥିତି ୧-୧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ଏହାପରେ ମ୍ୟାଚର ନିର୍ଣ୍ଣାୟକ ମୁହୂର୍ତ୍ତ ୭୭ତମ ମିନିଟରେ ଆସିଥିଲା। ଡାହାଣପାର୍ଶ୍ୱରୁ ଆସିଥିବା କର୍ଣ୍ଣରକୁ କେଭିନ ରୋଡ୍ରିଗେଜ୍ ହେଡର ମାଧ୍ୟମରେ ଆଗକୁ ପଠାଇଥିଲେ। ଗୋଞ୍ଜାଲୋ ପିଲାଟ ସମସ୍ତଙ୍କୁ ପଛରେ ପକାଇ ଗୋଲସ୍କୋର କରିଥିଲେ। ଇକ୍ୱେଡର ଐତିହାସିକ ଭାବେ ୨-୧ରେ ଆଗୁଆ ରହିଥିଲା। ଏହାପରେ ଜର୍ମାନୀ ସ୍ଥିତି ବରାବର କରିବାକୁ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ମଧ୍ୟ ଇକ୍ୱେଡର ଦୃଢ଼ ରକ୍ଷଣାଭାଗକୁ ଭେଦ କରିବାରେ ସଫଳ ହୋଇନଥିଲା। ଇକ୍ୱେଡର ବିଶ୍ୱକପ ଇତିହାସରେ ଦ୍ୱିତୀୟଥର ପାଇଁ ନକଆଉଟରେ ପ୍ରବେଶ କରିଛି। ଏହା ପୂର୍ବରୁ ଦଳ ୨୦୦୬ ବିଶ୍ୱକପରେ ଏହି ସଫଳତା ପାଇଥିଲା।

## ଆମେରିକାକୁ ଘାଇଲା କଲା ତୁର୍କୀ



ଲସଏଞ୍ଜେଲର୍ସ,୨୬।୬(ଏଜେନ୍ସି): ଗ୍ରୁପ ପର୍ଯ୍ୟାୟରେ ଦୁଇଟି ମ୍ୟାଚ ଜିତି ନକଆଉଟରେ ସ୍ଥାନ ପକ୍କା କରିଥିବା ଆୟୋଜକ ଆମେରିକାକୁ ପରାଜିତ କରି ସମସ୍ତଙ୍କୁ ଚକିତ କରିଛି ତୁର୍କୀ। ଶୁକ୍ରବାର ଗ୍ରୁପ ଡି'ର ଏକ ମ୍ୟାଚରେ ତୁର୍କୀ ୩-୨ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଏକଦା ୨-୨ ଗୋଲରେ ମ୍ୟାଚ ଅନିମାଂଶିତ ସ୍ଥିତିରେ ଥିଲା। କିନ୍ତୁ ଇଞ୍ଜୁରୀ ସମୟରେ କାନ ଇହାନ ୯୮ ମିନିଟରେ ଗୋଲ ଦେଇ ତୁର୍କୀ ବିଜୟ ନିଶ୍ଚିତ କରିଥିଲେ। ୩ ପଏଣ୍ଟ ସହ ତୁର୍କୀ ଗ୍ରୁପ୍ ଡି'ର ଚତୁର୍ଥ ସ୍ଥାନରେ ରହି ବିଶ୍ୱକପ ଅଭିଯାନ ଶେଷ କରିଛି।

## ଅଷ୍ଟ୍ରେଲିଆ ଆଗେଇଲା

ନ୍ୟୁୟର୍କ,୨୬।୬(ଏଜେନ୍ସି): ଚଳିତ ବିଶ୍ୱକପରେ ଶୁକ୍ରବାର ପାରାଗୁଏ-ଅଷ୍ଟ୍ରେଲିଆ ମ୍ୟାଚ ଗୋଲଶୂନ୍ୟରେ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି। ମ୍ୟାଚ ଡ୍ର' ସତ୍ତ୍ୱେ ଅଷ୍ଟ୍ରେଲିଆ ୪ ପଏଣ୍ଟ ପାଇ ନକଆଉଟରେ ପ୍ରବେଶ କରିଛି। ଦଳ ୩ ମ୍ୟାଚରୁ ଗୋଟିଏ ଲେଖାଏଁ ବିଜୟ, ପରାଜୟ ଓ ଡ୍ର'ରୁ ୪ ପଏଣ୍ଟ ପାଇ ଗୋଲ ବ୍ୟବଧାନରେ ପାରାଗୁଏକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ତୃତୀୟଥର ପାଇଁ ନକଆଉଟରେ ପ୍ରବେଶ କରିଛି। ପୂର୍ବରୁ ୨୦୦୬ ଓ ୨୦୨୨ରେ ନକଆଉଟରେ ପହଞ୍ଚିଥିଲା। ହେଲେ ଉଭୟ ଥର ଅଷ୍ଟ୍ରେଲିଆ ରାଉଣ୍ଡ-୧୬ରୁ ବିଦାୟ ନେଇଥିଲା।

## ନକଆଉଟରେ ନେଦରଲାଣ୍ଡସ୍, ଜାପାନ, ସ୍ୱିଡେନ

ଡଲାସ୍,୨୬।୬(ଏଜେନ୍ସି): ବିଶ୍ୱକପ ଗ୍ରୁପ୍ ଏଫ'ର ନକଆଉଟ ସ୍ଥାନ ପକ୍କା ହୋଇଛି। ନେଦରଲାଣ୍ଡସ ୭ ପଏଣ୍ଟ ସହ ପ୍ରଥମ ଏବଂ ଜାପାନ ୫ ପଏଣ୍ଟ ସହ ଦ୍ୱିତୀୟ ଏବଂ ସ୍ୱିଡେନ ୪ ପଏଣ୍ଟ ସହ ତୃତୀୟ ଦଳ ଭାବେ ରାଉଣ୍ଡ-୩୨ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଗ୍ରୁପର ଖେଳାଯାଇଥିବା ଦୁଇଟି ମ୍ୟାଚରୁ ଗୋଟିଏ ଫଳା ଫଳ ବାହାରି ଥିଲା ବେଳେ ଅନ୍ୟଟି ଅନିମାଂଶିତ ରହିଥିଲା। କନସାସ ଷ୍ଟାଡିୟମରେ ନେଦରଲାଣ୍ଡସ ୩-୧ ଗୋଲରେ ଡ୍ୟୁନିସିଆକୁ ପରାସ୍ତ କରିଥିବା ବେଳେ ଡଲାସ ଷ୍ଟାଡିୟମରେ ଖେଳାଯାଇଥିବା ସ୍ୱିଡେନ ଓ ଜାପାନ ମ୍ୟାଚ ୧-୧ ଗୋଲରେ ଅମିମାଂସିତ ରହିଥିଲା।

## ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତଙ୍କୁ ଜନ୍ମମାଟିରେ ସ୍ୱାଗତ

ବାଲିଅନ୍ତା,୨୬।୬(ସବ୍ୟୁ): ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ଅଞ୍ଚଳର ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କୁ ଓଡ଼ିଶାର ଅଗ୍ରଣୀ ପରିବେଶ ପାଇଁ କାର୍ଯ୍ୟରତ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲକାଟି ବଜାର ସ୍ଥିତ ସଓ୍ୱର୍ଗର ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ସଓ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜୟଦେବ ମାଟିର ବାଲକାଟି ଅଞ୍ଚଳର ଗର୍ବ ଗୌରବ ମାର୍ଶଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଭାବରେ ଅଞ୍ଚଳରେ ତାଙ୍କର ସୁଖ୍ୟାତି ରହିଛି। କେବଳ ଛାତ୍ର ଛାତ୍ରୀମାନଙ୍କ ଭିତରେ ନୁହେଁ ଉତ୍ତମ ବ୍ୟବହାର ପାଇଁ ଅଭିଭାବକ ତଥା ସାଧାରଣ ଜନତାଙ୍କ ହୃଦୟରେ ସ୍ଥାନିତ। ସେ ମାର୍ଶାଲ ଆର୍ଟର ପ୍ରଚାର ଓ ପ୍ରସାର ପାଇଁ ନିଜକୁ ଜୀବନ ବ୍ୟାପି ଉତ୍ସର୍ଗିକୃତ କରିଛନ୍ତି। ବର୍ତ୍ତମାନ ତାଙ୍କ ନିକଟରୁ ବହୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରି ବିଭିନ୍ନ ସରକାରୀ ସାମରିକ ବିଭାଗରେ କାର୍ଯ୍ୟରତ। ସଦ୍ୟ ପଞ୍ଜାବରାଜ୍ୟର ଜଳନ୍ଧର ଠାରେ ଅନୁଷ୍ଠିତ କୁମ୍ଫୁ ବ୍ଲାକ ବେଲଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୁମ୍ଫୁରେ ବ୍ଲାକ ବେଲଫ କୃତି ଅର୍ଜନ କରିଛନ୍ତି। ପୂର୍ବରୁ ସେ କରାଟେରେ ୨ଗୋଟି ବ୍ଲାକ ବେଲଫ ପାଇଥିଲେ। ଗ୍ରାଣ୍ଡ ମାଷ୍ଟର ସିଫୁ ଶାନ୍ତି କୁମାର ସିଂହ ଏବଂ ଗ୍ରାଣ୍ଡ ମାଷ୍ଟର ତରୁଣ କୁମାର ନାଜରୀ (ଅଷ୍ଟମ ଡିଗ୍ରୀ ବ୍ଲାକ ବେଲଫ)ଙ୍କ ଠାରୁ ପ୍ରଥମ ଡିଗ୍ରୀ ବ୍ଲାକ ବେଲଫ ଉମା ସାରଙ୍କୁ ମିଳିଛି। ତାଙ୍କର ଏହି କୃତିତ୍ୱ ପାଇଁ ଜନ୍ମ ମାଟିରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ଏହି କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷଙ୍କ ତ%୦ବଧାନରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ସଂଳାପ ଲେଖକ ଡ ରଜନୀ ରଞ୍ଜନ ଦାଶ, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ, କ୍ରୀଡ଼ାବି ଆଜାଦ ଓ ପ୍ରଶିକ୍ଷକ ଗ୍ରହଣ କରୁଥିବା ଛାତ୍ର ଓ ଉପସ୍ଥିତି ରହି ଫୁଲତୋଡ଼ା, ଗଛ, ଫଟୋଚିତ୍ର ଓ ଉତରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ

## ତୃତୀୟ ଦିନ ୧୩ କ୍ରୀଡାବିତଙ୍କୁ ଏସିଆଡ ଟିକେଟ୍

ଭୁବନେଶ୍ୱର,୨୬।୬(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପର ତୃତୀୟ ଦିନ ୧୩ ଜଣ କ୍ରୀଡାବିତ୍ ଏସିଆନ ଗେମ୍ସ ଟିକେଟ ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରେ ୬ ଜଣ ପୁରୁଷ ଟ୍ରିପଲ ଜମ୍ପ କ୍ରୀଡାବିତ ଅଛନ୍ତି। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫଆଇ)ର ଚୟନ କମିଟି ଭୁବନେଶ୍ୱର କ୍ରୀଡା ସଂସ୍କରଣ ଶେଷ ହେବା ପରେ ଏସିଆଡ ନିମନ୍ତେ ଚୂଡାନ୍ତ ଖେଳାଳି ତାଲିକା ଘୋଷଣା କରିବ।

ହାମରଥୋରେ ପଞ୍ଜାବର ଦମନୀତ ସିଂ ୬୯.୭୯ ମିଟର ଦୂରତାକୁ ଲୌହ ଗୋଳକ ଫିଙ୍ଗି ସ୍ୱର୍ଣ୍ଣ ଜିତିବା ସହ ଏସିଆଡ ଟିକେଟ ପାଇଛନ୍ତି। ଏହି ବର୍ଗରେ ଏସିଆଡ ପାଇଁ ୬୯.୧୨ ମିଟର ଯୋଗ୍ୟତା ମାନଦଣ୍ଡ ଥିଲା। ଏହାକୁ ଦମନୀତ ଅତିକ୍ରମ କରିଛନ୍ତି। ରାଜସ୍ଥାନର ପ୍ରବୀଣ କୁମାର ୬୯.୫୮ ମିଟର ସହ ରୌପ୍ୟ ପଦକ ଜିତି ଏସିଆଡ ଯୋଗ୍ୟତା ଅର୍ଜନ କରିଛନ୍ତି। ଡିସକସଥୋରେ ହରିୟାଣାର ସୀମା, ସାନ୍ୟା ଯାଦବ ଓ ନିଧି ଏସିଆଡ ଯୋଗ୍ୟତା ପର୍ଯ୍ୟାୟ ୫୫.୪୮ ମିଟରକୁ ଅତିକ୍ରମ କରି ଯୋଗ୍ୟତା ହାସଲ କରିଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ସ୍ୱର୍ଣ୍ଣ ପଦକ ଜିତି ଏସିଆଡ ଯୋଗ୍ୟତା ହାସଲ କରିଛନ୍ତି। ସେହିଭଳି ତେଜସ ସିର୍ସେ ନୂଆ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁରୁଷ ୧୧୦ ମିଟର ହର୍ଡଲସରେ ସେ ନିର୍ଦ୍ଧାରିତ ଦୂରତ୍ୱକୁ ୧୩.୬୧ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ହାସଲ କରିଛନ୍ତି। ସେ ମଧ୍ୟ ଏସିଆନ ଗେମ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ୪୦୦ ମିଟର ହଡଲ୍ସରେ ଭିଥ୍ୟା ରାମରାଜ ୫୬.୫୯ ସେକେଣ୍ଡ ସହ ଏସିଆନ ଗେମ୍ସ ଟିକେଟ ହାସଲ କରିଛନ୍ତି।

ପୁରୁଷ ୪ ଗୁଣନ ୧୦୦ ମିଟର ରିଲେରେ ଓଡ଼ିଶାକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ଅମୀୟ ମଲ୍ଲିକଙ୍କ ନେତୃତ୍ୱରେ ଓଡ଼ିଶା ଦଳ ନିର୍ଦ୍ଧାରିତ ଦୂରତ୍ୱକୁ ୩୯.୯୨ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ଅଳ୍ପକେ ଏସିଆନ ଗେମ୍ସ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପର ପଦକ ପ୍ରଦାନ ଉତ୍ସବରେ ଅଲିମ୍ପିଆନ୍ ଡ. ଅନୁରାଧ ବିଶ୍ୱାଳଙ୍କ ସହ ପଦ୍ମଶ୍ରୀ ଏମଡି ଭାଲସାମା ଯୋଗଦେଇଥିଲେ। ଉଭୟ ଅତିଥି ୪ ଗୁଣା ୧୦୦ ମିଟର ରିଲେ ମହିଳା ବର୍ଗର ସଫଳ ପ୍ରତିଯୋଗୀଙ୍କୁ ମଞ୍ଚରେ ପଦକ ପ୍ରଦାନ କରିଥିଲେ।

## ବୈଭବଙ୍କୁ ମିଳିଲାନି ସୁଯୋଗ



ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ଆୟର୍ଲାଣ୍ଡର ବେଲଫାଷ୍ଟରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚରେ ଚୂଡାନ୍ତ ଏକାଦଶ ଚୟନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଖୁବ ଚର୍ଚ୍ଚାରେ ଥିବା ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀକୁ ବାଦ ଦିଆଯିବା ପରେ କ୍ରିକେଟପ୍ରେମୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ନିଷ୍ପତ୍ତିକୁ ନେଇ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ ଆଶ୍ଚର୍ଯ୍ୟବ୍ୟକ୍ତ କରିଛନ୍ତି। ଏପରିକି ସେ ଭାରତୀୟ ମ୍ୟାନେଜମେଣ୍ଟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସାରାବିଶ୍ୱର ନଜର ଏବେ ୧୫ ବର୍ଷୀୟ ବୈଭବଙ୍କ ଉପରେ। ସମସ୍ତେ ଆଶା କରିଥିଲେ ଯେ, ସେ ଭାରତୀୟ ସିନିୟର ଦଳ ପାଇଁ ଡେବ୍ୟୁ କରିବେ। କିନ୍ତୁ ସେୟାସ ଆୟରଙ୍କ ନେତୃତ୍ୱରେ ଖେଳୁଥିବା ମେନ ଇନ ବ୍ଲ୍ୟୁ ଅଭିଶେକ ଶର୍ମା ଏବଂ ସଞ୍ଜୁ ସାମସନଙ୍କ ଯୋଡି ଉପରେ ହିଁ ଆସ୍ଥା ପ୍ରକଟ କରିଛି। ସେଥିପାଇଁ ଯୁବ ତାରକା ବୈଭବଙ୍କୁ ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ। ବୈଭବଙ୍କୁ ଦଳରେ ସାମିଲ କରାନଯିବାକୁ ନେଇ ଟ୍ୱିଟରରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କେବଳ ଏହି ଚୟନକୁ ସମାଲୋଚନା କରିନାହାନ୍ତି ବରଂ ୧୫ ବର୍ଷୀୟ ଖେଳାଳିଙ୍କୁ ବର୍ତ୍ତମାନ ସମୟରେ ସାରା ବିଶ୍ୱର ସବୁଠାରୁ ଟି-୨୦ କ୍ରିକେଟର ବୋଲି କହିଛନ୍ତି। ସେ ଲେଖିଛନ୍ତି ମୁଁ ବିଶ୍ୱାସ କରିପାରୁନି ଯେ, ବୈଭବଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇନାହିଁ। ସେ ବର୍ତ୍ତମାନ ସମୟରେ ବିଶ୍ୱର ଶ୍ରେଷ୍ଠ ଟି-୨୦ ଖେଳାଳି। ଭନଙ୍କ ମତରେ ବୈଭବ ଯେଉଁଳି ଚମତ୍କାର ଫର୍ମାରେ ଅଛନ୍ତି ତାଙ୍କୁ ସିଧାସଳଖ ଚୂଡାନ୍ତ ଏକାଦଶର ସୁଯୋଗ ମିଳିବାର ଥିଲା। ନିକଟରେ ଦାମ୍ବୁଲାରେ ଶ୍ରୀଲଙ୍କା ଏ' ବିପକ୍ଷ ଫାଇନାଲ ମ୍ୟାଚରେ ବାମହାତି ମାତ୍ର ୧୧ଟି ବଲରୁ ଲିଷ୍ଟ ଏ' ଇତିହାସର ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ଚକିତ କରିଥିଲେ। ବୈଭବ କେବଳ ଘରୋଇ କ୍ରିକେଟ ନୁହେଁ, ବରଂ ଆଇପିଏଲରେ ମଧ୍ୟ ନିଜର ବ୍ୟାଟିଂ ଯାଦୁ ଦେଖାଇ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ପ୍ରଥମ ଟି-୨୦:ଆୟର୍ଲାଣ୍ଡଠୁ ହାରିଲା ଭାରତ



ବେଲଫାଷ୍ଟ,୨୬।୬(ଏଜେନ୍ସି): ଭାରତୀୟ ଦଳର ଆୟର୍ଲାଣ୍ଡଗସ୍ତ ଆରମ୍ଭରୁ ଦୁଃଖଦ ରହିଛି। କାରଣ ଘରୋଇ ଦଳ ବିପକ୍ଷ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତ ୩୪ ରନ ବ୍ୟବଧାନରେ ପରାଜିତ ହୋଇଛି। ଚର୍ଚ୍ଚିତ ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିନଥିଲା। ତାଙ୍କ ବଦଳରେ ସଞ୍ଜୁ ସାମସନ ଓ ଇଶାନ କିଷାନଙ୍କ ଉପରେ ମ୍ୟାନେଜମେଣ୍ଟ ଯେଉଁ ଭରଷା ଦେଖାଇଥିଲା ତାହା ବ୍ୟର୍ଥ ଯାଇଛି। ଏପରିକି ଭାରତୀୟ ଦଳର ଅଧଡର୍ଜନ ଖେଳାଳି ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇନଥିଲେ। ଏହି ମ୍ୟାଚରେ ଆୟର୍ଲାଣ୍ଡ ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନର ବଡ଼ସ୍କୋର କରିଥିଲା। ଜବାବରେ ଭାରତ ୧୮.୫ ଓଭରରେ ୧୪୮/୧୦ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ ଜିତି ଭାରତୀୟ ଅଧିନାୟକ ଶ୍ରେୟାସ ଆୟର ଘରୋଇ ଆୟର୍ଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅବଶ୍ୟ ଦଳୀୟସ୍କୋର ୫୧ ରନ ମଧ୍ୟରେ ଭାରତୀୟ ବୋଲର ୪ ୱିକେଟ ଅକ୍ତିଆର କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଓପନର ଟିମ ଟେକଟର ୧୭, ରସ ଆଦିର ୧୨, ହ୍ୟାରି ଟେକ୍ଟର ୦ ଓ ବେନ କଲିଟେଜ ୧୫ ରନ କରି ଆଉଟ୍ ହୋଇଥିଲେ। ମଧ୍ୟମକ୍ରମରେ ଅଧିନାୟକ ଲୋରକାନ ଟୁକର ୩୬ ବଲରୁ ୫୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବେନ କୋଲଟେଜ ୧୫, ଗାରେଥ ଡିଲାନୀ ୪୯ ରନ, ଜର୍ଜ ଡକରିଲ ୧୯, ଲିଆମ ମ୍ୟାକକାର୍ଥି ୭ ରନ୍ କରି ଆଉଟ୍ ହୋଇଥିଲେ। ଭାରତର ହର୍ଷିତ ରାଣା ୩ଟି, ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ୨ଟି କରି ତଥା ଶିବମ ଦୁବେଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

୧୮୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ଆରମ୍ଭରୁ ହିଁ ଆୟର୍ଲାଣ୍ଡର ବୋଲିଂ ଆକ୍ରମଣରେ ଫଶି ଯାଇଥିଲା। ଓପନର ଅଭିଶେକ ଶର୍ମାଙ୍କୁ ବାଦ ଦେଲେ ସଞ୍ଜୁ ସାମସନ, ଇଶାନ କିଷାନ ଓ ଅଧିନାୟକ ଶ୍ରେୟାସ ଆୟର ୨ ଅଙ୍କ ଛୁଇଁ ପାରିନଥିଲେ। ସାମସନ ୫ ରନ, ଇଶାନ ୧ ରନ, ଆୟର ୩ ରନ, ତିଲକ ବର୍ମା ୧୯, ୱିଶିଂଟନ ସୁନ୍ଦର ୯ ରନ୍ କରି ଆଉଟ ହୋଇଥିଲେ। ଓପନର ଅଭିଶେକ ୨୦ ବଲରୁ ୭ ଚୌକା ଓ ୨ ଛକା ସହାୟତାରେ ୪୯ ରନ୍ କରିଥିଲେ। ଶିବମ ଦୁବେ ୧୪ ବଲରୁ ୨୫, ଅକ୍ଷର ପଟେଲ ୧୫ ଓ ହର୍ସିତ ରାଣା ୮ ରନ କରିବା ସତ୍ତ୍ୱେ ଭାରତ ବିଜୟଲକ୍ଷ୍ୟ ଠାରୁ ୩୪ ରନ ପଛରେ ରହିଯାଇଥିଲା। ଆୟର୍ଲାଣ୍ଡର ମାଥ୍ୟୁ ହମ୍ପରେଜ ଓ ମ୍ୟାଟ ହୋଲାର୍ଡ ୩ଟି ଲେଖାଏଁ, ଜୟ ମୁନତ୍ର ୨ଟି, ଲିୟାମ ମ୍ୟାକ କାର୍ଥି ଓ ଗାରେଥ ଡିଲାନୀ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଏହି ପରାଜୟ ସହ ଭାରତ ୨ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ପଛୁଆ ରହିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି